R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୬
ତିଥି : ତୃତୀୟ
୨୧ ଏପ୍ରିଲ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 196
21 April 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଇରାନ-ଆମେରିକା ଆଲୋଚନାରେ ଅନିଶ୍ଚିତତା

ନୂଆଦିଲ୍ଲୀ,୨୦।୪: ଇରାନ ଓ ଆମେରିକା ମଧ୍ୟରେ ହୋଇଥିବା ଦୁଇ ସପ୍ତାହ ଯୁଦ୍ଧ ବିରତି ସରିବାକୁ ଆଉ ଦୁଇ ଦିନ ବାକି ରହିଛି । ତେବେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଲାଗି କୌଣସି ସ୍ପଷ୍ଟତା ଆସିନାହିଁ। ଆମେରିକା ଜିଦ୍ ଓ ଅସ୍ତ୍ର ବିରତି ଉଲ୍ଲଂଘନ ଯୋଗୁଁ ଆଲୋଚନାରେ ଇରାନ ଭାଗ ନେବ ବୋଲି ସ୍ପଷ୍ଟ କରିଛି। ତେବେ ଆଉ ଏକ ଅଗ୍ରଗତି ଘଟିଛି ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଇରାନ ନେତାଙ୍କ ସହ ପାକିସ୍ତାନରେ ମୁହାଁମୁହିଁ ଆଲୋଚନା ପାଇଁ ସେ ଆଗ୍ରହୀ ଅଛନ୍ତି। ସେହିଭଳି ପାକିସ୍ତାନର ଫିଲ୍ଡ ମାର୍ଶଲ ଅସୀମ ମୁନରୀ ଟ୍ରମ୍ପଙ୍କ ସହ ଆଲୋଚନା କରି କହିଛନ୍ତି ଯେ, ଯେଉଁ ପ୍ରତିରୋଧ ହୋଇଛି ସେଥିଲାଗି କଥା ବର୍ତ୍ତା ଅଟକି ରହିଛି ।




ଟ୍ରମ୍ପ କହିଛନ୍ତି ଯେ, ଜେଡିଭାନ୍ସଙ୍କ ସମେତ ଆମେରିକାର ପ୍ରତିନିଧିମାନେ ପାକିସ୍ତାନ ଯିବା ପାଇଁ ପ୍ରସ୍ତୁତ ହୋଇଛନ୍ତି ଓ ସେମାନେ ରାସ୍ତାରେ ଅଛନ୍ତି । ଏଥିରେ ଷ୍ଟିଭଓ୍ୱିଟକଫ ଓ ଜାରେଡ କୃଷ୍ଣର ଏହି ପ୍ରତିନିଧି ଦଳରେ ଅଛନ୍ତି। ଖୁବ୍ ଶୀଘ୍ର ସେମାନେ ଇସ୍ଲାମାବାଦରେ ପହଞ୍ଚିବେ । ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ସେମାନେ ଯାଇଛନ୍ତି। ମାତ୍ର ଇରାନ ପକ୍ଷରୁ ଏହି ଆଲୋଚନାରେ ସାମିଲ ହେବ କି ନାହିଁ ସ୍ପଷ୍ଟ କରାଯାଇନାହିଁ। ଇରାନ ଗଣମାଧ୍ୟମ ସୂଚନା ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ ହେବ ନେଇ କୌଣସି ଯୋଜନା ନାହିଁ। ଆମେରିକା ପକ୍ଷରୁ ବ୍ୟାପକ ଅବାସ୍ତବ (୯ ପୃଷ୍ଠାରେ)

- ଇରାନ ନେତାଙ୍କ ସହ ମୁହାଁମୁହିଁ ଆଲୋଚନା ଲାଗି ପ୍ରସ୍ତୁତ : ଟ୍ରମ୍ପ
- ଇସ୍ଲାମାବାଦ୍ ଯାଇଛନ୍ତି ଆମେରିକୀୟ ପ୍ରତିନିଧି
- ପ୍ରତିରୋଧ ସାଜିଛି ଆଲୋଚନାରେ ବାଧକ
- ଆଲୋଚନାକୁ ଇରାନ ଆସିବ କି ନାହିଁ ଏବେବି ଅସ୍ପଷ୍ଟ

## ପାହାଡ଼ ତଳକୁ ଖସିଲା ବସ୍, ୨୨ ମୃତ

ନୂଆଦିଲ୍ଲୀ,୨୦।୪: ଜାମ୍ମୁ-କାଶ୍ମୀରରେ ଏକ ବଡ଼ଧରଣର ସଡକ ଦୁର୍ଘଟଣା ଘଟିଛି। ରାମନଗରରୁ ଉଦମପୁର ଯାଉଥିବା ଏକ ବସ୍ ପାହାଡ ତଳକୁ ଖସି ପଡିବା ଯୋଗୁଁ ୨୨ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଯାତ୍ରୀବାହୀ ବସଟି ଖାଲଢ଼ିପ ଥିବା ରାସ୍ତାରେ ଯାଉଥିଲା ଓ ଘାଇକୁ ଖସି ପଡିଥିଲା। ପୂର୍ବାହ୍ଣ ୧୦ଟା ବେଳେ ଏହି ଦୁର୍ଘଟଣା ଘଟିଛି । ପାର୍ବତ୍ୟ ଅଞ୍ଚଳ ଦେଇ ଯାଉଥିବା ଏହି ବସ୍‌ଟି ଓଲଟି ପଡି ପାହାଡ ତଳକୁ ଖସି ପଡିଥିଲା । ସେଠାରେ ସେନା ପୋଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ହୃଦୟବିଦାରକ ଦୁର୍ଘଟଣାକୁ ଦେଇ ଗଭୀର ଦୁଃଖପ୍ରକାଶ କରିଛନ୍ତି । ମୃତ୍ୟୁବରଣ କରିଥିବା ପରିବାର ବର୍ଗଙ୍କ ପ୍ରତି ସମବେଦନ ଜଣାଇଛନ୍ତି । ଆହତମାନେ ଖୁବ ଶୀଘ୍ର ସୁସ୍ଥ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦୁର୍ଘଟଣାକୁ ନେଇ ଗଭୀର ଶୋକପ୍ରକାଶ କରିଥିବା ମୃତ୍ୟୁବରଣ କରିଥିବା ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଆହତମାନେ ତୁରନ୍ତ ସୁସ୍ଥ ହେବା ପାଇଁ ପ୍ରାର୍ଥନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ୍ୟ ଦୁଃଖ ପ୍ରକାଶ କରିବା ସହ ଉଲ୍ଲେଖ କରିଛନ୍ତି ଯେ ସରକାର ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାର ବର୍ଗଙ୍କ ସହ ଦୃଢ଼ଭାବରେ ଛିଡା ହୋଇଛନ୍ତି । ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଦିଆଯିବ ବୋଲି ଘୋଷଣା କରିଛନ୍ତି ।

## ପ୍ରକାଶ ପାଇଲା ଜେଇଇ ମେନ୍-୨୦୨୬



ଭୁବନେଶ୍ୱର, ୨୦।୪ (ସବ୍ୟୁ) : ୨୦୨୬ ସେସନ୍-୨ ଜେଇଇ ମେନ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଏହି ପରୀକ୍ଷା କରାଯାଇଥିଲା। ଆଜି ଏହାର ଫଳ ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ଜେଇଇମେନ୍ ୱେବ୍‌ସାଇଟ୍‌ରୁ ପରୀକ୍ଷା ଫଳ ଜାଣିପାରିବେ। ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ ୨୬ ପରୀକ୍ଷାର୍ଥୀ ୧୦୦% ହାସଲ କରିଛନ୍ତି। ଏହି ୨୬ ଜଣଙ୍କୁ ଟପ୍ପର ଭାବେ ନିଆଯାଇଛି ।

ସାଧାରଣ ବର୍ଗରେ ୨୪ ପରୀକ୍ଷାର୍ଥୀ ଶତ ପ୍ରତିଶତ ନମ୍ବର ରଖିଛନ୍ତି। ଇଡବ୍ଲୁଏସ୍ ଓ ଓବିସି ବର୍ଗରୁ ଦୁଇଜଣ ଶତପ୍ରତିଶତ ନମ୍ବର ରଖିଛନ୍ତି। ଉଭୟେ ସେସନ୍‌ରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥାନ୍ତି। ଦୁଇଟି ସେସନ୍ ମଧ୍ୟରୁ ଯେଉଁ ସେସନ୍‌ରେ ଅଧିକ ସ୍କୋର କରିଥିବେ ତାହା ଚୂଡାନ୍ତ ମେଧା ତାଲିକା ପାଇଁ ବିବେଚନା କରାଯିବ। ୬ଟି ପର୍ଯ୍ୟାୟରେ (୯ ପୃଷ୍ଠାରେ)

## ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

## କୃଷକ ସମୃଦ୍ଧ ଓଡ଼ିଶାର ହିଁ ପ୍ରକୃତ ସାରଥି : ମୁଖ୍ୟମନ୍ତ୍ରୀ

କଟକ, ୨୦।୪ (ସବ୍ୟୁ): କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଠାରେ ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଆୟୋଜିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ ଭୂମି ପୂଜା କରି ଅକ୍ଷି ମୁଠି ଅନୁକୂଳ ପୂର୍ବକ ରାଜ୍ୟର କୃଷକମାନଙ୍କ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି।

ଏହି ଅବସରରେ ସେ ୪୧,୬୮, ୫୮୨ ଜଣ ଚାଷୀଙ୍କୁ ସିଏମ-କିଷାନ ଯୋଜନାରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ କୃଷିକୁ ଆଧୁନିକ ଓ ଲାଭଜନକ କରିବା ପାଇଁ ନୂଆ ପଦକ୍ଷେପ ସେ ଘୋଷଣା କରିଥିଲେ । ପରେ ମୁଖ୍ୟମନ୍ତ୍ରୀ କୃଷି ପ୍ରଦର୍ଶନୀ ବୁଲି ଦେଖିବା ପରେ 'ଆମ ବିହନ ରଥ' ଏବଂ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ ।ସୂଚନା ଯୋଗ୍ୟଯେ, କୃଷକଙ୍କୁ ସହଜରେ ଉନ୍ନତ ବିହନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ "ଆମ ବିହନ ରଥ" କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ। ୫ କେଜିଆ ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଞ୍ଚାୟତ ସ୍ତରରେ ଉପଲବ୍ଧ ହେବ। (୯ ପୃଷ୍ଠାରେ)



- କେନ୍ଦ୍ର-ରାଜ୍ୟ ସମନ୍ୱୟରେ ଓଡ଼ିଶା କୃଷିରେ ନୂଆ ଦିଗନ୍ତ: ମୁଖ୍ୟମନ୍ତ୍ରୀ
- ୪୧.୬୮ ଲକ୍ଷରୁ ଅଧିକ ଚାଷୀଙ୍କୁ ୮୩୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା
- ଗାଁ ଗାଁରେ ଚାଷୀ ଭାଇ ପାଇବେ "ଆମ ବିହନ ରଥ"ରୁ ଉନ୍ନତ ବିହନ

## ବସ ଦୁର୍ଘଟଣା: ଜଣେ ମୃତ, ୨ ଆହତ

ଠାକୁରମୁଣ୍ଡା, ୨୦।୪ (ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ମହୁଲିଡିହା ଥାନା ଗୋଡ଼ଭଙ୍ଗା ଘାଟିରେ ତୀର୍ଥ ଯାତ୍ରୀ ବସ ଦୁର୍ଘଟଣା ହୋଇଛି । ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ସୋମବାର ଅପରାହ୍ନ ସାଢେ ୫ଟା ସମୟରେ ଆନନ୍ଦପୁର ପାର୍ଶ୍ୱରୁ ଏକ ଟିପ୍ପ ବୋଝେଇ ହାଇୱା ଆସୁଥିବା ବେଳେ ପଛରେ ଯାଉଥିବା କାର ଘାଟିରେ ଓଭର ଟେକ କରିବାକୁ ଉଦ୍ୟମ କରୁଥିଲା। ଏହି ସମୟରେ ଠାକୁରମୁଣ୍ଡା ଦିଗରୁ ତାମିଲ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ବସ କାରକୁ ଧକ୍କା ଦେବା ସହିତ ହାଇୱା ସହିତ ଧକ୍କା ହୋଇଥିଲା । ବସ ଓ ହାଇୱା ରାସ୍ତା ମଝିରେ ଅଟକି ରହିଥିବା ବେଳେ କାର ଟି ୫୦ଫୁଟ ତଳକୁ ପଡିଥିଲା। କାରରେ ଥିବା ସମସ୍ତ ଆହତଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଭଦ୍ରକ ଅଞ୍ଚଳର ବିରେଶ କୁମାର ଦାସ (୬୦)ଙ୍କର ମୃତ୍ୟୁ ହୋଇଥବା ଜଣାଯାଇଛି । ତାଙ୍କ ପତ୍ନୀ ଓ ଡ୍ରାଇଭର ଗୁରୁତର ଆହତ ହୋଇଥିବା ବେଳେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ମହୁଲିଡିହା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରିଛି । ବସରେ ଥିବା ୫୦ରୁ ଉର୍ଦ୍ଧ ପର୍ଯ୍ୟଟକ ସୁରକ୍ଷିତ ଅଛନ୍ତି ।

## ଜାପାନରେ ଭୂକମ୍ପ ପରେ ସୁନାମୀ

ନୂଆଦିଲ୍ଲୀ, ୨୦।୪ : ଜାପାନରେ ଏକ ଶକ୍ତିଶାଳୀ ଭୂ-କମ୍ପ ଅନୁଭୂତ ହୋଇଛି। ରିକ୍ଟରସ୍କେଲରେ ଏହାର ତୀବ୍ରତା ୭.୪ ମାଗନ୍ୟୁଚ୍ୟୁଟ୍ ଥିବା ରେକର୍ଡ କରାଯାଇଛି। ଉତ୍ତର ଜାପାନରେ ଏହି ଭୂ-କମ୍ପ ଘଟିଛି। ଭୂ-କମ୍ପ ହେବାର ୪୦ ମିନିଟ ପରେ ୮୦ ସେଣ୍ଟିମିଟର ଅର୍ଥାତ୍ ୩୧ ଇଞ୍ଚର ସୁନାମୀ ଲହର କୁଜି ବନ୍ଦରରେ ଆସିଥିବା ଜାପାନ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଉପକୂଳ ଅଞ୍ଚଳ ଓ ନଦୀପାଖ ଅଞ୍ଚଳରେ ଲୋକଙ୍କୁ ସ୍ଥାନାନ୍ତର କାର୍ଯ୍ୟ ଚାଲିଛି। ସୁନାମୀ ପୁଣିଥରେ ଆସିପାରେ ବୋଲି ଆକଳନ କରାଯାଇଛି ଓ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ କୁହାଯାଇଛି। ସଙ୍କଟ ପରିଚାଳନା ଟିମ୍ ଗଠନ କରାଯାଇଛି। ଏହି ଅଞ୍ଚଳରେ ଯେଉଁମାନେ ରହୁଛନ୍ତି ସେମାନଙ୍କ ଲାଗି ସତର୍କ ସୂଚନା ଜାରି କରାଯାଇଛି। ସୁରକ୍ଷିତ ସ୍ଥାନକୁ ଯିବାକୁ କୁହାଯାଇଛି। ଏବେ ସୁଧା ମୃତହାତ ଓ କ୍ଷତିର ଆକଳନ କରାଯାଇନାହିଁ। ଜାପାନକୁ ହାଇଆଲର୍ଟରେ ରଖାଯାଇଛି । ସୁନାମୀ ସତର୍କତା ପରେ ଭାଇରାଲ ହେଉଥିବା ଭିଡ଼ିଓରେ ଦେଖାଯାଉଛି ଯେ, ଜାହାଜ ସବୁ କୂଳକୁ ଆସୁଛନ୍ତି। ଜାପାନ ପରମାଣୁ ଶକ୍ତିକେନ୍ଦ୍ର ଗୁଡିକରେ ବୃଦ୍ଧି କରାଯାଇଛି। ୨୦୨୫ରେ ଜାପାନରୁ ୧୫୦୦ରୁ ଅଧିକ ଭୂ-କମ୍ପ ହୋଇଥିଲା ।

## ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ

ପୁରୀ, ୨୦।୪ (ସବ୍ୟୁ) : ବୈଶାଖ ଶୁକ୍ଳପକ୍ଷ ତୃତୀୟା ତିଥି ପବିତ୍ର ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି ।ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ତିନିଟି ୧୨ ଫୁଟିଆ ଧଉରା କାଠକୁ ବାରିକେଡ୍ ଘେରାଇ ରଖାଯାଇଥିଲା ।

ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶୋତ୍ରୀୟ ବ୍ରାହ୍ମଣମାନେ ବନଯାଗ ବିଧିରେ ପୂଜା ସମ୍ପାଦନା କରିଥିଲେ। ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ ହୋଇଥିଲା କୁରାଢ଼ି ।ଅପରାହ୍ନ ୫.୩୦ରେ ତିନି ଜଣ ପୂଜାପଣ୍ଡା ସାମନ୍ତ ୩ଟି ଆଜ୍ଞାମାଳ ଧରି ଆସିଥିଲେ। ମନ୍ତ୍ର ଧ୍ୱନି ମଧ୍ୟରେ ବିଶ୍ୱକର୍ମାମାନେ ପାରମ୍ପରିକ ରୀତିନୀତିରେ ଉକ୍ତ କାଠରେ ରଥ ନିର୍ମାଣର ଶୁଭାରମ୍ଭ କରିଥିଲେ । ରଥ ନିର୍ମାଣରେ ମୁଖ୍ୟତଃ ଫାସି, ଅସନ, ଧଉରା, ଶିମିଳି, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଆଦି କାଠ ବ୍ୟବହୃତ (୯ ପୃଷ୍ଠାରେ)



## ଭୋଟର ତାଲିକାରୁ କଟିଲେ ୯ ଲକ୍ଷ

ଭୁବନେଶ୍ୱର,୨୦।୪,(ସବ୍ୟୁ) : ଭୋଟର ତାଲିକାରୁ ଓଡ଼ିଶାରେ ୯ ଲକ୍ଷ ୮ ହଜାରଙ୍କ ନାଁ କଟିଛି। ଏଭଳି ଅଭିଯୋଗ ଆସିବା ପରେ ଗୃହ ବିଭାଗ ପକ୍ଷରୁ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ୨୩ ବର୍ଷ ପରେ ବିଏଲଓ ଘରକୁ ଘର ଯାଇ ଜନଗଣନା କରିଛନ୍ତି। ୯୫ ପ୍ରତିଶତର ମ୍ୟାପିଂ ସରିଛି। ଅନେକ ଲୋକଙ୍କର ମୃତ୍ୟୁ ହୋଇଛି ଓ କେହି କେହି ଗାଁ ଛାଡି ସହର ଯାଇଛନ୍ତି। ସେମାନଙ୍କ ନାଁ ଭୋଟର ତାଲିକାରେ କେଉଁଠି ରହିଛି ତାହା ସଂଗ୍ରହ କରାଯାଇଛି ।

ସେ କହିଛନ୍ତି ଯେ ପୂର୍ବବର୍ଷ ଭଳି ୭ରୁ ୮ ଲକ୍ଷ କଟୁଥିଲା। ଅଧିକ ସଂଖ୍ୟକ କ୍ରସ ଚେକ ପାଇଁ ଚିଠି କରାଯାଇଛି। ଓଡ଼ିଶାରେ କଟିବା ସଂଖ୍ୟା କମ୍ ରହିଛି। ଭୁବନେଶ୍ୱରରେ ଅଧିକ ଲୋକଙ୍କ ନାଁ କଟିଛି ଯେଉଁମାନଙ୍କ ନାଁ ଭୁଲ ବଶତଃ କଟିଯାଇଛି ଫର୍ମ-୬ରେ ବିଏଲଓଙ୍କୁ ଦେଲେ ପୁଣି ଯୋଡି ହେବ। ଜାନୁଆରୀ ୧ରୁ ମାର୍ଚ୍ଚ ଶେଷ ଭିତରେ ଏତିକି ସଂଖ୍ୟକ ଲୋକଙ୍କ ନାମ କଟିଛି । ଦୁଇଟି ଜାଗାରେ ଥିବା ଭୋଟରଙ୍କ ସଂଖ୍ୟା କଟି ଯାଇଛି । ଦୁଇଟି ଜାଗାରେ ଥିଲେ ଗୋଟିଏ ଜାଗାକୁ ନାଁ କାଟିବାକୁ ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି। ଅପରପକ୍ଷରେ ଭୋଟର ତାଲିକାରେ ନାଁ କାଟିବା ପାଇଁ ଗୃହ ବିଭାଗ ନିର୍ଦ୍ଦେଶ ଦେଇଛି। ଅନେକ ଜୀବିତ ଓ ସ୍ଥାନୀୟ ଭୋଟରଙ୍କ ନାଁ କଟିଥିବା ଅଭିଯୋଗ ପରେ ଏଭଳି ନିର୍ଦ୍ଦେଶ ଆସିଛି । (୯ ପୃଷ୍ଠାରେ)



- ଅଭିଯୋଗ ପରେ ଗୃହ ବିଭାଗର ଯାଞ୍ଚ ନିର୍ଦ୍ଦେଶ
- ଭୁବନେଶ୍ୱରରୁ କଟିଛନ୍ତି ଅଧିକ ଭୋଟର
- ଫର୍ମ-୬ରେ ଆବେଦନ କଲେ ନାମ ଯୋଡ଼ିହେବ

## ଉପକୂଳ, ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୨୦।୪ (ସବ୍ୟୁ) : ବର୍ତ୍ତମାନର ପାଣିପାଗ ସ୍ଥିତି ଅନୁଯାୟୀ, ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଜାରି ରହିବ। ପଶ୍ଚିମା ଏବଂ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ାରୁ ବଲାଙ୍ଗୀର ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ପ୍ରବଳ ଉତ୍ତାପ ଅନୁଭୂତ ହେବ। ଏହି ଅଞ୍ଚଳରେ ଦିନର ସର୍ବାଧିକ ତାପମାତ୍ରା ୪୪° ରୁ ୪୫.୫° ମଧ୍ୟରେ ରହିବା ସହ ଗରମ ପବନ ପ୍ରବାହିତ ହେବାର ସମ୍ଭାବନା ଅଛି। ବିଶେଷ କରି ସମ୍ବଲପୁର ଓ ସୁବର୍ଣ୍ଣପୁର ଭଳି ସଂଲଗ୍ନ ଜିଲ୍ଲାରେ ପାଣିପାଗ ସମ୍ପୂର୍ଣ୍ଣ ଶୁଷ୍କ ରହିବ ବୋଲି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ।

ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡ଼ା ଏବଂ ଗଞ୍ଜାମ ଜିଲ୍ଲାରେ ପାଗ ସାମାନ୍ୟ ଭିନ୍ନ ରହିବ। ଏହି ଜିଲ୍ଲାଗୁଡ଼ିକରେ ତାପମାତ୍ରା ୩୬ଡିଗ୍ରୀ ରୁ ୩୯ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଲେ ମଧ୍ୟ ସ୍ଥାନୀୟ କାରଣରୁ କାଳବୈଶାଖୀର ସମ୍ଭାବନା ରହିଛି। ଆଜି ରାତି କିମ୍ବା ଆସନ୍ତାକାଲି ମଧ୍ୟରେ ଏଠାରେ ବଜ୍ରପାତ ସହ ହାଲୁକା ବର୍ଷା ଏବଂ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ବୋହିପାରେ।

ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ତାପମାତ୍ରା ୪୨ ଡିଗ୍ରୀ ରୁ ୪୩.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବ। ଆକାଶ ମୁଖ୍ୟତଃ ନିର୍ମଳ ରହିବା ସହ ପ୍ରଖର ସୂର୍ଯ୍ୟକିରଣ ଅନୁଭୂତ ହେବ। ଅନ୍ୟପଟେ ଉପକୂଳ ଓଡ଼ିଶା ଏବଂ ରାଜଧାନୀ ଅଞ୍ଚଳ (ଭୁବନେଶ୍ୱର ଓ କଟକ) ରେ ତାପମାତ୍ରା ୩୮ଡିଗ୍ରୀ ରୁ ୩୯ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବ। ଏହି ଅଞ୍ଚଳର କେତେକ ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି, କିନ୍ତୁ ବାୟୁମଣ୍ଡଳରେ ଅତ୍ୟଧିକ ଜଳୀୟବାଷ୍ପ ଯୋଗୁଁ ଅସହ୍ୟ ଗୁଳୁଗୁଳି ଜାରି ରହିବ। ଏପ୍ରିଲ ୨୧ ତାରିଖ ପରେ କାଳବୈଶାଖୀର ପ୍ରଭାବ ବଢ଼ିବା ଫଳରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିପାରେ।

କୃଷି-ପାଣିପାଗ ପରାମର୍ଶ ଅନୁଯାୟୀ ପ୍ରବଳ ଖରା ଓ ବାଷ୍ପୀଭବନ ହାର ଅଧିକ ଥିବାରୁ ପଶ୍ଚିମ ଓଡ଼ିଶାର ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି କି, ସେମାନେ ନିଜ ଫସଲରେ ବାରମ୍ବାର କିନ୍ତୁ ହାଲୁକା ଜଳସେଚନ କରନ୍ତୁ। (୯ ପୃଷ୍ଠାରେ)

## ଇତିହାସ

୧୫୨୬ - ପ୍ରଥମ ପାନିପତ ଯୁଦ୍ଧରେ ମୋଗଲ ସମ୍ରାଟ ବାବରଙ୍କ ଦ୍ୱାରା ଇବ୍ରାହିମ ଲୋଦିଙ୍କ ମୃତ୍ୟୁ ।

୧୮୯୫ - ଆମେରିକାରେ ପ୍ରଥମଥର ପାଇଁ ପ୍ରୋଜେକଫରରେ ଫିଲ୍ମ ପ୍ରଦର୍ଶିତ ହୋଇଥିଲା ।

୧୯୨୬ - ଇଂଲଣ୍ଡର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଜନ୍ମ ।

୧୯୩୮ - ସାରେ ଜହାଁ ସେ ଅଚ୍ଛା ଗୀତର ରଚୟିତା ମହମ୍ମଦ ଇକ୍‌ବାଲଙ୍କ ଲାହୋରରେ ନିଧନ ।

୧୯୬୦ - ବ୍ରାସିଲିଆ ସହରକୁ ବ୍ରାଜିଲର ରାଜଧାନୀ କରାଗଲା ।

୧୯୮୭ - କଲମ୍ବୋରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୦୦ ଲୋକଙ୍କ ମୃତ୍ୟୁ ।

୨୦୧୩ - ମାନବ କମ୍ପ୍ୟୁଟର ଭାବେ ପରିଚିତ ଶକୁନ୍ତଳା ଦେବୀଙ୍କ ପରଲୋକ ।

## ସୋସିଆଲ କୋଟ୍ସ



ବିନା ସ୍କ୍ରିପ୍ଟ ପଢାରେ ଶାହରୁଖ ମୁନ୍ନାଭାଇ ଫିଲ୍ମ କରିବାକୁ ରାଜି ଥିଲେ । ହେଲେ ତାଙ୍କର ଅସୁସ୍ଥତା କାରଣରୁ ସଞ୍ଜୟଦତ୍ତଙ୍କୁ ଏହି ଚାନ୍ସ ମିଳିଥିଲା ।

**ରାଜକୁମାର ହିରାନୀ, ଫିଲ୍ମମେକର**



ମୋର ଓ ସଲମାନଙ୍କ ସମ୍ପର୍କ ଖୁବ ବ୍ୟକ୍ତିଗତ । ସେଥିପାଇଁ ସୋସିଆଲ ମିଡିଆରେ ଆମ ସମ୍ପର୍କକୁ ଦେଖେଇବାର ଆବଶ୍ୟକତା କେବେ ପଡିନି ।

**ଶାହରୁଖ ଖାନ, ଅଭିନେତା**



ବର୍ତ୍ତମାନ ଦୁନିଆରେ ଓଟିଟିର କ୍ରେଜ ଚାଲିଛି । ଲୋକ ଏହାକୁ ପସନ୍ଦ କରୁଛନ୍ତି । ସାଉଥରେ ମଧ୍ୟ ଲୋକ ଏହାକୁ ପସନ୍ଦ କରୁଛନ୍ତି ।

**ନାଗା ଚୈତନ, ଅଭିନେତା**

# ଖାଇବା ସମୟ ଗୁରୁତ୍ୱପୂର୍ଣ୍ଣ



ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ ଓଜନ ନିୟନ୍ତ୍ରଣ ପାଇଁ ଖାଦ୍ୟର ପ୍ରକାର ସହିତ ଏହାର ସମୟ ସୀମା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ପେନ୍‌ର ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ହେଲଥ୍‌ର ବୈଜ୍ଞାନିକମାନେ ୭,୦୭୪ ଜଣ ବ୍ୟକ୍ତିଙ୍କ ଉପରେ ଦୀର୍ଘ ୫ ବର୍ଷ ଧରି କରିଥିବା ଏହି ଅଧ୍ୟୟନରେ ଏନେଇ ଅନେକ ତଥ୍ୟ ବାହାରକୁ ଆସିଛି । ଏହି ତଥ୍ୟ ଅନୁଯାୟୀ ଯେଉଁମାନେ ସକାଳ ଜଳଖିଆ ଶୀଘ୍ର ଖାଆନ୍ତି ଏବଂ ରାତିର ଶେଷ ଭୋଜନ ଓ ପରଦିନର ପ୍ରଥମ ଭୋଜନ ମଧ୍ୟରେ ଅଧିକ ସମୟ ବ୍ୟବଧାନ ରଖନ୍ତି, ସେମାନଙ୍କର ବଡି ମାସ୍ ଇଣ୍ଡେକ୍ସ ଅପେକ୍ଷାକୃତ କମ୍ ରହିଥାଏ । ବୈଜ୍ଞାନିକମାନଙ୍କ ମତରେ, ଏହା ଶରୀରର ପ୍ରାକୃତିକ ଜୈବିକ ଚକ୍ର ବା 'ସର୍କାଡିଆନ୍ ରିଦମ୍' ସହ ଜଡ଼ିତ, ଯାହା ଶରୀରକୁ କ୍ୟାଲୋରୀ ଦହନ କରିବା ଏବଂ ଭୋକ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । 'ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ ବିହେଭିୟରାଲ୍ ନ୍ୟୁଟ୍ରିସନ୍ ଆଣ୍ଡ ଫିଜିକାଲ୍ ଆକ୍ଟିଭିଟି'ରେ ପ୍ରକାଶିତ ଏହି ରିପୋର୍ଟରେ ଏହା ମଧ୍ୟ ଦର୍ଶାଯାଇଛି ଯେ କେବଳ ସକାଳ ଜଳଖିଆ ଛାଡ଼ିଦେବା ଓଜନ ହ୍ରାସ ପାଇଁ ପ୍ରଭାବଶାଳୀ ନୁହେଁ । ବରଂ ଉପଯୁକ୍ତ ସମୟରେ ଖାଇବା ହିଁ ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ । ଏହି ନୂତନ ଗବେଷଣା 'କ୍ରୋନୋ-ନ୍ୟୁଟ୍ରିସନ୍' କ୍ଷେତ୍ରରେ ଏକ ନୂଆ ଦିଗ ଦର୍ଶାଇଛି । ତେଣୁ ଆମେ 'କ'ଣ ଖାଉଛେ' ତାହା ଯେତିକି ଜରୁରୀ, 'କେତେବେଳେ ଖାଉଛେ' ତାହା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ।

## ଅଜବ ଠକେଇ

ଆମେରିକାର କାଲିଫର୍ନିଆରେ ଏକ ଅଜବ ପ୍ରକାରର ବୀମା ଠକେଇ ସାମ୍ନାକୁ ଆସିଛି । ଯେଉଁଠାରେ ଚାରିଜଣ ବ୍ୟକ୍ତି ଭାଲୁ ପୋଷାକ ପିନ୍ଧି ଦାମୀ ବିଳାସପୂର୍ଣ୍ଣ କାର୍‌ଗୁଡ଼ିକୁ ନଷ୍ଟ କରି ଲକ୍ଷାଧିକ ଟଙ୍କାର ବୀମା କ୍ଲେମ୍ କରୁଥିଲେ । ଏହି ଘଟଣାରେ ଅଭିଯୁକ୍ତଙ୍କୁ ୬ ମାସର ଜେଲ ଦଣ୍ଡାଦେଶ ଶୁଣାଯାଇଥିବା ଜଣାପଡିଛି । ସେମାନେ ରୋଲ୍ସ ରୟସ ଘୋଷ୍ଟ ଏବଂ ମର୍ସିଡିଜ୍ ଜି୬୩ ଭଳି କାରକୁ ଟାର୍ଗେଟ୍ କରି ଭାଲୁ ଆକ୍ରମଣ କରୁଥିବା ଭିଡିଓ ବୀମା କମ୍ପାନୀଗୁଡ଼ିକୁ ପଠାଉଥିଲେ । ତେବେ ଭିଡିଓରେ ଭାଲୁର ଚାଲିଚଳନ ମଣିଷ ପରି ଜଣାପଡ଼ିବାରୁ ପୋଲିସର ସନ୍ଦେହ ବଢ଼ିଥିଲା । ପରବର୍ତ୍ତୀ ସମୟରେ ବାୟୋଲୋଜିଷ୍ଟଙ୍କ ଯାଞ୍ଚରୁ ଜଣାପଡ଼ିଥିଲା ଯେ ଏହା ଏକ ନକଲି ଭାଲୁ ଥିଲା । କାରଣ କାଲିଫର୍ନିଆରେ ୧୯୨୦ ମସିହା ପରଠାରୁ କୌଣସି ବ୍ରାଉନ୍ ଭାଲୁ ଦେଖାଯାଇନାହାନ୍ତି । ପୋଲିସ ଅଭିଯୁକ୍ତଙ୍କ ଘରୁ ଭାଲୁ ପୋଷାକ ଓ ନକଲି ପଞ୍ଝା ଜବତ କରି ଏହି ବଡ଼ ଧରଣର ଠକେଇର ପର୍ଦ୍ଦାଫାଶ କରିଛି ।





# ମଣିଷକୁ ସଫା କରିବ ୱାଶିଂ ମେସିନ

ଜାପାନର ପ୍ରସିଦ୍ଧ କମ୍ପାନୀ 'ସାଇନ୍ସ ଇଙ୍କ୍' ଏକ ଅଭୁତପୂର୍ବ ହାଇଟେକ୍ ମେସିନ୍ ପ୍ରସ୍ତୁତ କରିଛି, ଯାହା ପୋଷାକ ଭଳି ମଣିଷଙ୍କୁ ମଧ୍ୟ ସଫା କରିଦେବ । 'ହ୍ୟୁମ୍ୟାନ୍ ୱାଶିଂ ମେସିନ୍' ନାମକ ଏହି ଯନ୍ତ୍ରଟି ପ୍ରଥମ କରି ଏକ୍ସପୋ-୨୦୨୫ ରେ ପ୍ରଦର୍ଶିତ ହୋଇଥିଲା । ତେବେ ବର୍ତ୍ତମାନର ସୂଚନା ଅନୁସାରେ ଏବେ ଏହା ବଜାରକୁ ଆସିବା ପାଇଁ ପ୍ରସ୍ତୁତ ହେଉଛି । ପ୍ରାୟ ୭.୫ ଫୁଟ ଲମ୍ବର ଏହି କ୍ୟାପସୁଲ୍ ମଧ୍ୟରେ ଜଣେ ବ୍ୟକ୍ତି ଆରାମରେ ବସିପାରିବେ ଏବଂ ମାତ୍ର ୧୫ ମିନିଟ୍ ମଧ୍ୟରେ ଏହା ସମ୍ପୂର୍ଣ୍ଣ ଶରୀରକୁ ସଫା କରିଦେବ । ଏଥିରେ ଜଳର ପ୍ରଖର ସ୍ରୋତ ବଦଳରେ 'ମାଇକ୍ରୋବବଲ୍ସ' ଏବଂ ହାଲୁକା ବାଷ୍ପର ପ୍ରୟୋଗ କରାଯାଇଛି, ଯାହା ଶରୀରର ମଇଳା, ତୈଳାକ୍ତ ଅଂଶ ଏବଂ ଡେଡ୍ ସ୍କିନକୁ ସଫା କରିଥାଏ । କେବଳ ସେତିକି ନୁହେଁ, ବ୍ୟକ୍ତିଙ୍କୁ ମାନସିକ ଶାନ୍ତି ଓ ରିଲାକ୍ସ ଦେବା ପାଇଁ ଏହି ମେସିନ୍ ଭିତରେ ହାଲୁକା ଆଲୋକ ଏବଂ କୋମଳ ସଙ୍ଗୀତର ମଧ୍ୟ ବ୍ୟବସ୍ଥା ରହିଛି । ଯାହା ଏକ 'ସ୍ପା' ଭଳି ଅନୁଭୂତି ପ୍ରଦାନ କରେ । ଏହି ମେସିନର ମୂଲ୍ୟ ପ୍ରାୟ ୬୦ ନିୟୁତ ୟେନ୍ ଅର୍ଥାତ ଭାରତୀୟ ମୁଦ୍ରାରେ ୩.୫୦ କୋଟି ଟଙ୍କାରୁ ଅଧିକ ହେବ । ପ୍ରାରମ୍ଭିକ ପର୍ଯ୍ୟାୟରେ କମ୍ପାନୀ କେବଳ ୪୦ ରୁ ୫୦ଟି ୟୁନିଟ୍ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଓସାକାର ଏକ ବିଳାସପୂର୍ଣ୍ଣ ହୋଟେଲରେ ପ୍ରଥମେ ଏହାକୁ ସ୍ଥାପନ କରାଯିବ । ସୋସିଆଲ ମିଡିଆରେ ଏହି ଏହି ମେସିନଟି ବର୍ତ୍ତମାନ ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।



# ଛକର ନାଁ ୟୁଟ୍ୟୁବ

ଝାଡ଼ଖଣ୍ଡର ଗଡ଼ୱା ଜିଲ୍ଲାର ଏକ ଗାଁରେ କୌଣସି ନେତା ବା ମହାପୁରୁଷଙ୍କ ବଦଳରେ ଏକ ଛକର ନାମ 'ୟୁଟ୍ୟୁବ୍ ଚୌକ' ରଖାଯାଇଥିବା ଦେଖିବାକୁ ମିଳିଛି । ଏହି ଛକରେ ଲୋକଙ୍କର ବସିବା ପାଇଁ ମଧ୍ୟ ସମସ୍ତ ପ୍ରକାର ସୁବିଧା କରାଯାଇଛି । ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ମୋବାଇଲ୍ ନେଟୱାର୍କ ବହୁତ ଭଲ ଆସୁଥିବାରୁ ସେଠାରେ ୟୁଟ୍ୟୁବ୍ ଭିଡିଓ ସହଜରେ ଚାଲିଥାଏ । ଗାଁ ଲୋକମାନେ ଏଠାରେ ଏକାଠି ହୋଇ ଚାଷକାର୍ଯ୍ୟ, ବ୍ୟବସାୟ ଏବଂ ଦୈନନ୍ଦିନ ଜୀବନର ବିଭିନ୍ନ ଆବଶ୍ୟକୀୟ କୌଶଳ ୟୁଟ୍ୟୁବ୍ ମାଧ୍ୟମରେ ଶିଖୁଛନ୍ତି । ବର୍ତ୍ତମାନ ଏହି ପ୍ଲାଟଫର୍ମ ଗ୍ରାମବାସୀଙ୍କ ପାଇଁ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଜଣେ 'ଶିକ୍ଷକ' ପରି ପାଲଟିଛି । ଯାହା ସେମାନଙ୍କୁ ନୂଆ ନୂଆ ଜିନିଷ ଶିଖାଇବାରେ ଏବଂ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରୁଛି । ଇଣ୍ଟରନେଟ୍ ସୁବିଧା ଯୋଗୁଁ ଗାଁର ବିକାଶରେ ଏହି ସ୍ଥାନଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଏହାର ନାମକରଣ ଏଭଳି ଅଭିନବ ଢଙ୍ଗରେ କରାଯାଇଛି ।




# ଟ୍ରେନିଂ ନେଉଛନ୍ତି ରଶ୍ମିକା

ପ୍ୟାନ୍ ଇଣ୍ଡିଆ ଆକ୍ସନ ଡ୍ରାମା ଫିଲ୍ମ 'ମୈସା' ପାଇଁ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି । ଏହି ଚଳଚ୍ଚିତ୍ରରେ ସେ ଜଣେ 'ଗୋଣ୍ଡ' ଆଦିବାସୀ ଯୁବତୀ ଭୂମିକାରେ ଅଭିନୟ କରୁଛନ୍ତି, ଯାହା ତାଙ୍କ ପାଇଁ ଶାରୀରିକ ଏବଂ ମାନସିକ ସ୍ତରରେ ବେଶ୍ ଚ୍ୟାଲେଞ୍ଜିଂ ସାବ୍ୟସ୍ତ ହୋଇଛି । ଏହି ଭୂମିକାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସେ ବ୍ୟାଙ୍ଗକରେ ଏକ ସ୍ୱତନ୍ତ୍ର ମାର୍ଶାଲ ଆର୍ଟସ ଏବଂ ଷ୍ଟଣ୍ଟ ବୁଟ୍‌କ୍ୟାମ୍ପରେ ପ୍ରତିଦିନ ପ୍ରାୟ ୮ ଘଣ୍ଟା କଠିନ ତାଲିମ ନେଉଛନ୍ତି । ଯେଉଁଠାରେ ସେ ହ୍ୟାଣ୍ଡ- ଟୁ-ହ୍ୟାଣ୍ଡ କମ୍ବାଟ୍ ଏବଂ ଆଡଭାନ୍ସ ଷ୍ଟଣ୍ଟ କୌଶଳ ଶିଖୁଛନ୍ତି ।

ଆନ୍ତର୍ଜାତୀୟ ଷ୍ଟଣ୍ଟ ନିର୍ଦ୍ଦେଶକ ଏଣ୍ଡି ଲଙ୍ଗ୍ ଏହି ପ୍ରୋଜେକ୍ଟ ସହ ଜଡ଼ିତ ଥିବାବେଳେ, ଖୁବଶୀଘ୍ର କେରଳରେ ଏହାର ସୁଟିଂ ଆରମ୍ଭ ହେବାକୁ ଯାଉଛି । ଡେବ୍ୟୁ ନିର୍ଦ୍ଦେଶକ ରବୀନ୍ଦ୍ର ପୁଲ୍ଲେଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ରଶ୍ମିକାଙ୍କୁ ପୂର୍ବ ଅପେକ୍ଷା ଏକ ସମ୍ପୂର୍ଣ୍ଣ ନୂଆ ଏବଂ ହଟକେ ଅବତାରରେ ଦେଖିବାକୁ ମିଳିବ । ଏହି ଚଳଚ୍ଚିତ୍ରଟି 'ଅନଫର୍ମୁଲା ଫିଲ୍ମସ' ଦ୍ୱାରା ପ୍ରଯୋଜିତ ହେଉଛି ।



**ମେଷ:** ଯାତ୍ରାରେ ଶୁଭ, ମନପ୍ରଫୁଲ୍ଲ, ଶରୀର ସୁସ୍ଥ, ବନ୍ଧୁଲାଭ, ଶତ୍ରୁସମସ୍ୟା, ଦୂରସ୍ଥାନେ ସତର୍କ, ଆଶାରେ ସଫଳ, ଗୃହେ ସହଯୋଗ, ଚିନ୍ତାଶୂନ୍ୟ, ବିଦ୍ୟାରେ ସଫଳତା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବୃଷ:** ଶତ୍ରୁ ପରାଜିତ, ଅର୍ଥଲାଭ, ନୂତନ କାର୍ଯ୍ୟରେ ସଫଳ, ଦୂରଯାତ୍ରାରେ ଖୁସି, କର୍ମେ ସଫଳତା, ସମ୍ପତ୍ତିଲାଭ, ସ୍ୱାସ୍ଥ୍ୟ ସମସ୍ୟା, ତୀର୍ଥାଟନ, ପଦବୀଲାଭ, ଦାମ୍ପତ୍ୟଖୁସି, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ବ୍ୟବସାୟରେ କଷ୍ଟ, ଶତ୍ରୁ ସମସ୍ୟା, ମାନସିକ କ୍ଲେଶ, ହଠାତ୍ ଧନଲାଭ, କର୍ମକ୍ଷେତ୍ରେ ସମସ୍ୟା, ପୁରାତନ ଦ୍ରବ୍ୟଲାଭ, ମାଲିମୋକଦ୍ଦମା, ଦ୍ରବ୍ୟ କ୍ରୟରେ ଲାଭ, ବିଦ୍ୟାରେ ସଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଯନ୍ତ୍ରଣାବୃଦ୍ଧି, ବ୍ୟବସାୟରେ ଶତ୍ରୁତା, ଉଚ୍ଚାଧିକାରୀଙ୍କ ସହାୟତା, ଯାନବାହନେ ସତର୍କ, ମୋକଦ୍ଦମାରେ କଷ୍ଟ, ପ୍ରତ୍ୟେକ କାର୍ଯ୍ୟରେ ସତର୍କ, ନୂତନ କାର୍ଯ୍ୟ ଆରମ୍ଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**ସିଂହ:** କାର୍ଯ୍ୟରେ ସଫଳ, ଦୂରଯାତ୍ରା, ନୂତନ ବନ୍ଧୁଲାଭ, ବିବାଦ ସମାଧାନ, ଦ୍ରବ୍ୟଲାଭ, ଶତ୍ରୁ ପରାଜିତ, ସୁମିଷ୍ଟ ଭୋଜନ, ବାନ୍ଧବୀଲାଭ, ସମ୍ପତ୍ତିଲାଭ, ପୁରାତନ ରୋଗ, ମାନସିକ ଶାନ୍ତି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଶ୍ରୀରାମ ।

**କନ୍ୟା:** ବନ୍ଧୁମିଳନ, ଶୁଭସମାଚାର, ନୂତନ ସମସ୍ୟା, ଚୁକ୍ତିସମ୍ପାଦନ, ଅର୍ଥଲାଭ, ଉଚ୍ଚଆଶାରେ ଖୁସି, ବିବାଦମୁକ୍ତ, ଶରୀର ସୁସ୍ଥ, ହଠାତ ଦ୍ରବ୍ୟଲାଭ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ନୃସିଂହ ।

**ତୁଳା:** ଶୁଭକାର୍ଯ୍ୟରେ ଧନବ୍ୟୟ, ସମ୍ମାନଲାଭ, ଦୂରଯାତ୍ରା, ଶତ୍ରୁ ସମସ୍ୟା, ଶରୀର ଅସୁସ୍ଥ, ଯାନବାହନେ ସତର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବ୍ୟବସାୟରେ ଲାଭ, ପୁରାତନ ମାମଲା ସମାଧାନ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ବିଛା:** ମାନସିକ କ୍ଲେଶ, ଶତ୍ରୁ ପରାଜିତ, କାର୍ଯ୍ୟରେ ବିଳମ୍ବ, ଦୂରଯାତ୍ରାରେ ସତର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ସୁମିଷ୍ଟ ଭୋଜନପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ବନ୍ଧୁମନାନ୍ତର, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ସମ୍ମାନବୃଦ୍ଧି, ବ୍ୟବସାୟରେ ଲାଭ, ଆଶା ସଫଳ, ଶତ୍ରୁ ପରାଜିତ, ଅନୁଷ୍ଠାନରୁ ଖୁସି, ଶୁଭକାର୍ଯ୍ୟରେ ଧନବ୍ୟୟ, ହଠାତ ଦୂରଯାତ୍ରା, ପିଲାଙ୍କ ଖୁସି, ବିଦ୍ୟାରେ ସଫଳ, ମହିଳାମାନେ ଚିନ୍ତିତ ରହିବେ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ମକର:** ପ୍ରସନ୍ନତା, ଆଶାପୂର୍ତ୍ତି, ବିଶିଷ୍ଟ କାର୍ଯ୍ୟରେ ଶାନ୍ତି, ବ୍ୟବସାୟରେ ଲାଭ, ନୂତନ ବନ୍ଧୁପ୍ରାପ୍ତି, ଦୂରଯାତ୍ରାରେ ସତର୍କ, ସମ୍ପତ୍ତି କଳହ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୮, ଆରାଧନା-ମା' ବିମଳା ।

**କୁମ୍ଭ:** ଚିନ୍ତାଶୂନ୍ୟ, ଅର୍ଥଲାଭ, ବନ୍ଧୁପ୍ରାପ୍ତି, ଦ୍ରବ୍ୟଲାଭ, କର୍ମେ ବ୍ୟସ୍ତତା, ନୂତନ କର୍ମ ଆରମ୍ଭ, ବ୍ୟବସାୟରେ ମଧ୍ୟମ ଲାଭ, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, କିଛି କିଣାକିଣି କରିବେ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା- ମା' ବଗଳାମୁଖୀ ।

**ମୀନ:** ସଫଳତା ପ୍ରାପ୍ତି, ଦ୍ରବ୍ୟଲାଭ, ସମ୍ମାନଲାଭ, ଅର୍ଥଲାଭ, ଦୂରସ୍ଥାନକୁ ଯାତ୍ରା, ଗୃହେ ଉତ୍ସବ, ମୋକଦ୍ଦମାରେ ପଡ଼ିପାରନ୍ତି, ଅସତ୍ କାର୍ଯ୍ୟ ପ୍ରତି ଆଗ୍ରହ, ଦାମ୍ପତ୍ୟ କଳହ, ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ମା' ଭୁବନେଶ୍ୱରୀ ।

**ବୈଶାଖ ଶୁକ୍ଳପକ୍ଷ, ପଞ୍ଚମୀ**
**୨୧.୪.୨୦୨୬ ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ପୁରୁଣା ଭୁବନେଶ୍ୱର ବିନ୍ଦୁ ସରୋବରରେ ପବିତ୍ର ଚନ୍ଦନ ଯାତ୍ରା

## ହେରୋଇନ ଜବତ ବେପାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବେଆଇନ ଭାବେ ହେରୋଇନ ବେପାର କରୁଥିବା ଜଣେ ଯୁବକକୁ ଅବକାରୀ ଗିରଫ କରିବା ସହ ତା'ନିକଟରୁ ୧୮ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ବଡଗଡ ଥାନା ଅନ୍ତର୍ଗତ ଲୁଇସ୍ ରୋଡ୍ ପେଟ୍ରୋଲ ପମ୍ପ ନିକଟରେ ସୋମବାର ଭୋର୍ ସମୟରେ ପ୍ରଭୁ ପ୍ରକାଶ ପାତ୍ର (୪୦) ବାଇକ୍ ଧରି ଠିଆ ହୋଇ ବ୍ରାଉନସୁଗର ବିକ୍ରି କରୁଥିବା ଅବକାରୀ ରେଞ୍ଜ-୧ ଇନ୍ସପେକଟର ଖବର ପାଇବା ପରେ ସେଠାରେ ଚଢାଉ କରିଛି । ବେପାରୀ ପ୍ରଭୁ ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନଥିଲା । ଅବକାରୀ ଟିମ୍ ତାକୁ କାବୁ କରି ଯାଞ୍ଚ କରିବା ପରେ ତା'ନିକଟରୁ ୧୮ ଗ୍ରାମ୍ ହେରୋଇନ ମିଳିଲା ।

## ମିନିଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ମିନିଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ରବିବାର ବିଳମ୍ବିତ ରାତିରେ ଘଟଣା ଘଟିଥିବା ବେଳେ ପୋଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତ ଯୁବକଙ୍କ ପରିଚୟ ମିଳିନଥିବାରୁ କ୍ୟାପିଟାଲ ହସ୍ପିଟାଲରେ ଶବ ସଂରକ୍ଷିତ ରଖାଯାଇଛି । ଜୟଦେବବିହାରରୁ ପଟିଆ ଅଭିମୁଖେ ଏକ ମିନିଟ୍ରକ୍ ରବିବାର ବିଳମ୍ବିତ ରାତିରେ ଯାଉଥିବା ବେଳେ ବାଇକ୍ ଆରୋହୀ ଡମଣା ଛକରେ ରାସ୍ତା ପାର୍ ହେଉଥିଲେ । ଟ୍ରକ୍‌ଟି ତାଙ୍କୁ ଧକ୍କାଦେଇ ବାଇକ୍‌କୁ କିଛିବାଟ ଘୋଷାରି ନେବା ପରେ ଆରୋହୀଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ପୋଲିସ ସେଠାରେ ପହଞ୍ଚି ଶବ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରିଛି । ଚନ୍ଦ୍ରଶେଖରପୁର ଥାନା ପୋଲିସର କହିବାନୁଯାୟୀ ଟ୍ରକ୍ ଛାଡି ଡ୍ରାଇଭର କେଉଁଆଡେ ଫେରାର ହୋଇଯାଇଛି । ବାଇକ୍ ଆରୋହୀଙ୍କ ପରିଚୟ ମିଳିନଥିବାରୁ ଶବ ସଂରକ୍ଷିତ ରଖାଯାଇଛି । ପରିବାର ଲୋକେ ପହଞ୍ଚିଲେ ବ୍ୟବଚ୍ଛେଦ କରାଯିବ ।




ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ

ଡଃ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

(୨୧ ଅପ୍ରେଲ, ୨୦୨୬)

ସକାଳ ୮ ଘଟିକା ସମୟରେ କ୍ୟାପିଟାଲ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

– ସଦୟ ଉପସ୍ଥିତି –
ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଏବଂ ବିଧାୟକବୃନ୍ଦ

– ମୁଖ୍ୟବକ୍ତା–
ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି
ଅବସରପ୍ରାପ୍ତ ପ୍ରାଧ୍ୟାପକ,
ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

– ଧନ୍ୟବାଦ ଅର୍ପଣ –
ଇଂ ଗୋଦାବରୀଶ ମହାପାତ୍ର
ଉପ ସଭାପତି, ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR: 15001/15001/2/26-27/0023 15001/23/2627


## ଗାଡ଼ି ଧକ୍କାରେ ୩ ଗୋରୁଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ଥାନା ଅନ୍ତର୍ଗତ ବଡପୋଖରୀଆ ଟାଙ୍ଗି ସାହିରେ ସୋମବାର ଦିନ ପଥର ବୋଝେଇ ଏକ ଦ୍ରୁତଗାମୀ ଗାଡିର ଧକ୍କାରେ ୩ଟି ଗୋମାତାଙ୍କ ମୃତ୍ୟୁ ଘଟିବାକୁ ନେଇ ଉତ୍ତେଜନା ଦେଖାଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତିଦିନ ମଧ୍ୟରାତ୍ର ସମୟରେ ଏହି ଅଞ୍ଚଳରେ ବେଆଇନ ପଥର ଚୋରାଚାଲାଣ ଚାଲିଛି । ପଥର ମାଫିଆମାନେ ଭାରୀ ଯାନବାହନକୁ ଗାଁ ଭିତରୁ ବେପରୁଆ ଗତିରେ ଚଳାଉଥିବାରୁ ପଶୁମୃତ୍ୟୁ ସହ ମାନବ ଜୀବନ ମଧ୍ୟ ବିପଦରେ ପଡୁଛି । ଗାଁର ରାସ୍ତାରେ ଶୋଇଥିବା ବୁଲା କୁକୁର ଓ ଗୋମାତାମାନେ ପ୍ରାୟତଃ ଏହିପରି ଦୁର୍ଘଟଣାର ଶିକାର ହେଉଛନ୍ତି । ଏହା ସହିତ, ଗାଁର ଛୋଟପିଲା ଓ ବରିଷ୍ଠ ନାଗରିକମାନେ ଏହି ରାସ୍ତା ଦେଇ ଯାଆସ କରୁଥିବାରୁ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ବଢ଼ିଛି । ସ୍ଥାନୀୟ ଗ୍ରାମବାସୀମାନେ ଏହି ଘଟଣାକୁ ନେଇ ତୀବ୍ର ଆକ୍ରୋଶ ପ୍ରକାଶ କରି ନିରାକାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

### ଭିଜିଲାନ୍ସ ମାମଲାରେ ହାଇକୋର୍ଟଙ୍କ ଉଦ୍‌ବେଗ

## ଚାର୍ଜସିଟ ଓ ଚାର୍ଜ ଫ୍ରେମ୍ ଦାଖଲରେ ବିଳମ୍ବ ଯୋଗୁଁ ହୋଇପାରୁନି ଟ୍ରାଏଲ୍

କଟକ, (ସବ୍ୟୁ): ଅନେକ ସମୟରେ ହାଇକୋର୍ଟଙ୍କୁ ବିଳମ୍ବିତ ଭିଜିଲାନ୍ସ ମାମଲା ସହ ସାମ୍ନା କରିବାକୁ ପଡୁଛି । ତଦନ୍ତରେ ଭିଜିଲାନ୍ସର ବର୍ଷ ବର୍ଷ ଚାଲି ଯାଉଛି । କେତେବେଳେ ତଦନ୍ତ ଚାର୍ଜସିଟ୍ ଦାଖଲ ଅବସ୍ଥାରେ ଅଟକି ଯାଉଛି ତ' ଆଉ କେତେବେଳେ ଏହାର ପରବର୍ତ୍ତୀ ତଦନ୍ତ ପ୍ରକ୍ରିୟା ପାଇଁ ବର୍ଷବର୍ଷ ଚାଲିଯାଉଛି । କଗ୍‌ନିଜାନ୍ସ ନିଆଯିବା ପରେ ଚାର୍ଜ ଫ୍ରେମ୍ ପାଇଁ ମଧ୍ୟ ବର୍ଷବର୍ଷ ଲାଗି ଯାଉଛି । ଯାହାଫଳରେ ଟ୍ରାଏଲ୍ ଧାର୍ଯ୍ୟ ସମୟ ମଧ୍ୟରେ ଆରମ୍ଭ ହୋଇପାରୁ ନାହିଁ । ଏଭଳି ବିଳମ୍ବିତ ତଦନ୍ତ ପ୍ରକ୍ରିୟାକୁ ନେଇ ଜଣେ ବ୍ୟକ୍ତିଙ୍କୁ ଦୋଷୀ ହେବା ପୂର୍ବରୁ ଦଣ୍ଡ ଭୋଗିବାକୁ ପଡୁଛି । ଏଭଳି ବ୍ୟବସ୍ଥାକୁ ଆଇନ କେବେ ଅନୁମତି ଦିଏନାହିଁ ବୋଲି ଜଣେ ଆଇଏଏସ୍‌ଙ୍କ ବିରୋଧରେ ରୁଜୁ ଭିଜିଲାନ୍ସ ମାମଲାରେ ବିଳମ୍ବିତ ତଦନ୍ତ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଏଭଳି ମନ୍ତବ୍ୟ ଦେଇଛନ୍ତି ।

୨୦୨୩ରେ ଆଇଏଏସ୍ ବିଜୟ କେତନ ଉପାଧ୍ୟାୟଙ୍କ ବିପକ୍ଷରେ ଭିଜିଲାନ୍ସ ପକ୍ଷରୁ କଗ୍‌ନିଜାନ୍ସ ନିଆଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ଏହି ମାମଲାରେ ଚାର୍ଜଫ୍ରେମ୍ ଦାଖଲ ହୋଇନପାରିବାରୁ ହାଇକୋର୍ଟ ଭିଜିଲାନ୍ସର ଏଭଳି ବିଳମ୍ବିତ ପ୍ରକ୍ରିୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଶ୍ରୀ ଉପାଧ୍ୟାୟ ଏବଂ ପୀତବାସ ପ୍ରଧାନଙ୍କ ବିରୋଧରେ ନିଆଯାଇଥିବା କଗ୍‌ନିଜାନ୍ସକୁ ରଦ୍ଦ କରି ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍. କେ. ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି । ଆଇଏଏସ୍ ଶ୍ରୀ ଉପାଧ୍ୟାୟ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଥିଲାବେଳେ ତାଙ୍କ ବିରୋଧରେ ଏକ ଭିଜିଲାନ୍ସ ମାମଲା ରୁଜୁ କରାଯାଇଥିଲା । ଯେଉଁଥିରେ ସେ ଯଦିଓ ସିଧାସଳଖ ଲାଞ୍ଚ ନେଇଥିବାର ଅଭିଯୋଗ ନଥିଲା ତାଙ୍କର ଜଣେ ବନ୍ଧୁଙ୍କ ଜରିଆରେ ଲାଞ୍ଚ ନେଉଥିବାର ଭିଜିଲାନ୍ସ ପକ୍ଷରୁ ଅଭିଯୋଗ କରାଯାଇଥିଲା । ଏହି ଆଧାରରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଉପାଧ୍ୟ ଏବଂ କମ୍ପ୍ୟୁଟର ଅପରେଟର ପୀତବାସ ପ୍ରଧାନଙ୍କ ନାମରେ ୨୦୧୯ ମସିହାରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ୨୦୨୩ ମସିହାରେ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଭିଜିଲାନ୍ସ କୋର୍ଟ ପକ୍ଷରୁ କଗ୍‌ନିଜାନ୍ସ ନିଆଯାଇଥିଲା ।

ଏହି କଗ୍‌ନିଜାନ୍ସକୁ ରଦ୍ଦ ପାଇଁ ଆବେଦନକାରୀ ଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି ଅବସରରେ ଭିଜିଲାନ୍ସର ଏହି ବିଳମ୍ବିତ ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ୨୦୨୩ ଜାନୁଆରୀ ୧୬ ତାରିଖରୁ ଅଭିଯୁକ୍ତମାନଙ୍କ ବିରୋଧରେ କଗ୍‌ନିଜାନ୍ସ ନିଆଯାଇଛି । ହେଲେ ସେବେଠାରୁ ଆଜି ପର୍ଯ୍ୟନ୍ତ ଚାର୍ଜଫ୍ରେମ୍ କରାଯାଇ ପାରିଲାଣି । ଯାହାଫଳରେ ବିଚାର ମଧ୍ୟ ଆରମ୍ଭ ହୋଇପାରିଲା ନାହିଁ । କୌଣସି ମାମଲାର ଆରମ୍ଭ ସମୟରେ ଅଦାଲତ ତଦନ୍ତର ପ୍ରାଥମିକ ଅବସ୍ଥାରେ ହସ୍ତକ୍ଷେପ କରିବାକୁ ମନା କରିଥାନ୍ତି । କିନ୍ତୁ ଏହାର ମାନେ ନୁହେଁ ଯେ କୌଣସି ତଦନ୍ତ ଏଜେନସି ତଦନ୍ତ ପାଇଁ ଅନିର୍ଦ୍ଦିଷ୍ଟ ସମୟ ଗଡ଼ାଇ ଚଲାଇବା ପାଇଁ ଲାଇସେନ୍ସ ଦିଆଗଲା । ତ୍ୱରିତ ବିଚାର ପ୍ରକ୍ରିୟା ସମ୍ବିଧାନ ଦ୍ୱାରା ପ୍ରଦାନ କରାଯାଇଛି । ଫୌଜଦାରୀ ମାମଲାରେ ବିଳମ୍ବିତ ପ୍ରକ୍ରିୟା କାହା ପାଇଁ ଦଣ୍ଡ ନହେଉ ବୋଲି ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି । ଅନ୍ୟ ଯେକୌଣସି ମାମଲା ଅପେକ୍ଷା ଭିଜିଲାନ୍ସ ମାମଲାର ଚାପ ଅଧିକ ରହିଥାଏ ।


46001/2/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁଭଦ୍ରା

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପାଇଁ
ଓଡ଼ିଶା ସରକାରଙ୍କର ଏକ ଅଗ୍ରଗାମୀ ପଦକ୍ଷେପ

ଓଡ଼ିଶାର ୨୭ ଜିଲ୍ଲାରେ ୧,୦୦୦ରୁ ଊର୍ଦ୍ଧ୍ୱ କନ୍ୟାଙ୍କ ସାମୂହିକ ବିବାହ

୨୧ ଅପ୍ରେଲ ୨୦୨୬

ଯୋଜନାର ଲାଭ: ପ୍ରତ୍ୟେକ ବିବାହ ପାଇଁ ୬୦ ହଜାର ଟଙ୍କା | ବିବାହର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ | ସହଜ ଏବଂ ସରଳୀକୃତ ବିବାହ ପଞ୍ଜୀକରଣ

ଲାଭାର୍ଥୀଙ୍କ ଆବଶ୍ୟକ ଯୋଗ୍ୟତା: ଉଭୟ କନ୍ୟା ଏବଂ ବର ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ | ବୟସ: କନ୍ୟା: ୧୮-୩୫ ବର୍ଷ, ବର: ୨୧-୩୫ ବର୍ଷ | ପରିବାରର କୌଣସି ସଦସ୍ୟଙ୍କୁ ପୂର୍ବରୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ତରଫରୁ ବିବାହ ସହାୟତା ମିଳିନଥିବ

ଯୋଜନାର ସ୍ୱତନ୍ତ୍ର ବିଶେଷତା: ବିଧବା ବିବାହକୁ ପ୍ରୋତ୍ସାହନ

ସହାୟତା ନମ୍ବର: ପୁଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପଲାଇନ୍ ୧୮୧ | ବାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
wcd.odisha.gov.in wcdodisha/

OIPR: 46001/46005/2/26-27/0002






କଟକ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆମ ବିହନ ରଥ ଏବଂ କୃଷି ରଥର ଶୁଭାରମ୍ଭ କରୁଛନ୍ତି ।

## ବିଚ୍ ରାସ୍ତାରେ ଟଙ୍କା ଓ ମୋବାଇଲ ଫୋନ ଲୁଟ, ଜଣେ ଗିରଫ

ଜଟଣୀ, (ସବ୍ୟୁ) : ବିଚ ରାସ୍ତାରେ ଜଣେ ବ୍ୟକ୍ତିଙ୍କ ଟଙ୍କା ଓ ମୋବାଇଲ ଫୋନ ଲୁଟିନେବା ଅଭିଯୋଗରେ ଜଟଣୀ ଥାନା ପୋଲିସ ୧୮ ୯/୨୬ ମାମଲା ରୁଜୁକରି ତଦନ୍ତ କରିବା ସହ ଅଭିଯୁକ୍ତ ଏସକେ ମନୁୱର୍ (୨୩) ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ରାଧେ ବାଗେ ନାମକ ଜଣେ ଦିନମଜୁରିଆ ଏବଂ ସେ ତାଙ୍କ କକା ଆକାଶ ପ୍ରଧାନଙ୍କ ସହିତ ଗତ ୧୮ ତାରିଖ ବିଡିଏ କଲୋନି ବିଷ୍ଣୁ ମନ୍ଦିର ନିକଟରେ କାମ କରୁଥିଲେ । ସେହିଦିନ ପ୍ରାୟ ୫ଟା ସମୟରେ ସେମାନେ ବିଡିଏ କଲୋନି ବିଷ୍ଣୁ ମନ୍ଦିରରୁ ଗୋଲେଇ ମାର୍କେଟ ଆଡକୁ ଫେରୁଥିବା ସମୟରେ ମୁଣ୍ଡିଆ ସାହି ମା ମଙ୍ଗଳା ମନ୍ଦିର ନିକଟରେ ଏସ୍.କେ. ମନୁୱର୍ ଏବଂ ଅନ୍ୟ ଜଣେ ସହଯୋଗୀ ହଠାତ୍ ଆସି ଏକ ଛୁରୀ ଦେଖାଇ ଟଙ୍କା ଦାବି କରିଥିଲେ । ପୀଡିତ ପ୍ରତିବାଦ କରିବାରୁ ସେମାନେ ଜୋରଜବରଦସ୍ତ ତାଙ୍କ ମୋବାଇଲ୍ ଫୋନ୍ ଏବଂ ୨୩,୫୦୦ ଟଙ୍କା ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ କ୍ଷ ତଦନ୍ତ ସମୟରେ ଜଣାପଡିଥିଲା ଯେ ଅଭିଯୁକ୍ତ ମାନେ ଅସାମାଜିକ କାର୍ଯ୍ୟକଳାପରେ ଜଡିତ ଏବଂ ସାଧାରଣତଃ ନିଶା ସେବନ କରିଥାନ୍ତି । ରାତି ସମୟରେ ସେମାନେ ଛୁରୀ ଏବଂ ବାଉଁଶ ଲାଠି ଧରି ବିଭିନ୍ନ ଲୋକଙ୍କୁ ଭୟଭୀତ କରାଇ ଅଟକାଉଥିଲେ, ଅପମାନଜନକ ଭାଷା ବ୍ୟବହାର କରୁଥିଲେ ଏବଂ ସ୍ଥାନୀୟ ଲୋକଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ସମର୍ଥନ ନ କରିବାକୁ ଧମକ ଦେଉଥିଲେ ।

## ଓଡ଼ିଆ ଭାଷା ଦୈନନ୍ଦିନ ଜୀବନରେ ପ୍ରୋତ୍ସାହିତ ହେଉ : ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): କୌଣସି ଭାଷା ଯେତେବେଳେ ସକ୍ରିୟ ଭାବେ କଥିତ, ପ୍ରଚଳିତ ଓ ଭବିଷ୍ୟତ ପିଢ଼ି ପାଇଁ ପ୍ରେରିତ ହୁଏ ସେତେବେଳେ ଏହା ସମୃଦ୍ଧ ହୁଏ ଓ ଏଣୁ ଦୈନନ୍ଦିନ ଜୀବନରେ ଓଡ଼ିଆ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ସୋମବାର ଦିନ ଭୁବନେଶ୍ୱରସ୍ଥିତ ଗୁରୁ କେଲୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ 'ସୂଚନା ଓ ସଚେତନତା ଟ୍ରଷ୍ଟ' ଆନୁକୂଲ୍ୟରେ "କହୁଛି ଓଡ଼ିଶା" ପତ୍ରିକା ଓ ଏହାର ୱେବ୍ ପୋର୍ଟାଲ୍ ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି ଓ ଏତତବ୍ୟତୀତ ଓଡ଼ିଆ ଭାଷାର ସଂରକ୍ଷଣ, ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଏପରି ପ୍ରୟାସକୁ କେବଳ ଏକ ପ୍ରକାଶନ ନୁହେଁ ବରଂ ଲେଖକ, ଚିନ୍ତାଶୀଳ ବ୍ୟକ୍ତି ଓ ଯୁବାମାନସ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ବର୍ଣ୍ଣନା କରିଥିଲେ । ଏପରି ମଞ୍ଚ ଭାଷାର ଗଭୀରତା, ପ୍ରାସଙ୍ଗିକତା ଓ ଧାରାବାହିକତା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ। ଭାଷା ଓ ସଂସ୍କୃତି ଜୀବନ୍ତ ସମ୍ପଦ ଯାହା ନିଜର ପ୍ରାମାଣିକତା ବଜାୟ ରଖି ବିକଶିତ ହେବା ଉଚିତ୍ ବୋଲି ରାଜ୍ୟପାଳ ମତ ପ୍ରକାଶ କରିବା ସହିତ ନିଜ ଐତିହ୍ୟ ସହ ଦୃଢ଼ ସଂଯୋଗ ଏକ ଅର୍ଥପୂର୍ଣ୍ଣ ପରିଚୟବୋଧ ସୃଷ୍ଟି କରେ ବୋଲି କହିଥିଲେ।

ପ୍ରତି ପରିବାର ପିଲାମାନଙ୍କୁ ଗର୍ବର ସହ ଓଡ଼ିଆରେ କଥା କହିବା, ପଢିବା ଓ ଲେଖିବା ପାଇଁ ଉତ୍ସାହିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପଦ୍ମ ବିଭୂଷଣ ପ୍ରାପ୍ତ ପ୍ରସିଦ୍ଧ ଶିଳ୍ପୀ ସୁଦର୍ଶନ ସାହୁ ମଧ୍ୟ କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିଲେ । 'ସୂଚନା ଓ ସଚେତନତା ଟ୍ରଷ୍ଟ' ର ସଭାପତି ଅଶୋକ ଭଗତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅଜିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ପଦ୍ମଶ୍ରୀ ବିଜେତା ଅଦ୍ୱୈତ ଗଡ଼ନାୟକ ଓ ଦମୟନ୍ତୀ ବେଶରାଙ୍କ ସମେତ ବିଶିଷ୍ଟ ସାମ୍ବାଦିକ ଡ଼ ରାଜାରାମ ଶତପଥୀ ମଧ୍ୟ ଏହି ଅବସରରେ ମଞ୍ଚାସୀନ ଥିଲେ ।




### ସାମପୁରରେ ପୁଣି ଉଚ୍ଛେଦ, ଭାଙ୍ଗିଲା ଫାର୍ମ ହାଉସ୍

## ମାମଲା କରି ଇଓଡବ୍ଲ୍ୟୁ ଚୁପ୍ କାହିଁକି ?

ଭୁବନେଶ୍ୱର, (ସବ୍ୟୁ) : ସାମପୁର ମୌଜାରେ ସୋମବାର ପୁଣି ଉଚ୍ଛେଦ କାର୍ଯ୍ୟ ହୋଇଛି । ଚତୁର୍ଥ ଦିନର ଏହି ଉଚ୍ଛେଦରେ ବିଡିଏ ଜମି ଉପରେ ଥିବା ତିନୋଟି ଫାର୍ମ ହାଉସ୍ ଭାଙ୍ଗିଦିଆଯାଇଛି । ଏହା ପୂର୍ବରୁ ୮୦୦ ଘର ଭଙ୍ଗାଯାଇଥିବା ଉଚ୍ଛେଦକାରୀ ଦଳରେ ସାମିଲ ଥିବା ଜଣେ ଅଫିସର କହିଛନ୍ତି । ୨୦୨୩ ମସିହାରୁ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ (ଅର୍ଥନୈତିକ ଅପରାଧ ଶାଖା)ରେ ମାମଲା ରୁଜୁ ହୋଇଥିଲା । ହେଲେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ପରିବର୍ତ୍ତେ ଇଓଡବ୍ଲ୍ୟୁ ସମ୍ପୂର୍ଣ୍ଣ ଚୁପ୍ ରହିଛି କ'ଣ ପାଇଁ ବୋଲି କ୍ଷତିଗ୍ରସ୍ତ ଲୋକେ ପ୍ରଶ୍ନକରିଛନ୍ତି । ବିଡିଏର ଜଣେ ଅଫିସରଙ୍କ କହିବାନୁଯାୟୀ ଇଓଡବ୍ଲ୍ୟୁରେ ମାମଲା ରୁଜୁ ହୋଇଛି, ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ । ରାଜଧାନୀ ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ସାମପୁର ମୌଜାରେ ୬୮ ଏକର ଜମି ସାଧାରଣ ପ୍ରଶାସନ ବିଭାଗ ବିଡିଏକୁ ହସ୍ତାନ୍ତର କରିଥିଲା । ସେହି ଜମିରେ ବିଡିଏ ଉନ୍ନୟନମୂଳକ ନିର୍ମାଣ କାର୍ଯ୍ୟ କରିବା ପରିବର୍ତ୍ତେ ପାଚେରି ବୁଲାଇ ନିରବୀ ଗଲା । ଯାହା ଫଳରେ ସେହି ଅଞ୍ଚଳର କେତେକ ମାଫିଆ ଭୂଦାନ ଜମି କହି ସେହି ଜମିକୁ ନିଜ ଦଖଲକୁ ନେଇ ପ୍ଲଟିଂ କରି ବିକ୍ରି କଲେ । ସେହି ବିକ୍ରି ପଇସାରେ କିଛି ଜମି ଉପରେ ଫାର୍ମହାଉସ୍ ନିର୍ମାଣ ହୋଇଥିଲା । ଯେଉଁ ଫାର୍ମହାଉସ୍ ତିନୋଟିକୁ ସୋମବାର ମିଳିତ ଉଚ୍ଛେଦକାରୀ ଦଳ ଉଚ୍ଛେଦ କରିଦେଇଛି । ବହୁତଳ ବିଶିଷ୍ଟ କୋଠା ସାଙ୍ଗକୁ ଆମ୍ବ, ପଣସ, ଫୁଲ ଓ ଅନ୍ୟାନ୍ୟ କେତେକ ଗଛ ସେହି ଫାର୍ମ ହାଉସ୍‌ରେ ଥିବା ସୋମବାର ଉଚ୍ଛେଦ ବେଳେ ଦେଖିବାକୁ ମିଳିଥିଲା । ବିଡିଏର କହିବାନୁଯାୟୀ ୬୮ ଏକର ଜମିରେ ଥିବା ଜବରଦଖଲ ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇଛି । ମାତ୍ର କେତୋଟି ଘରେ କୋର୍ଟ ରହିତାଦେଶ ଥିବାରୁ ତାହା ଉଚ୍ଛେଦ ହୋଇପାରିନାହିଁ । ମାଫିଆମାନେ କୋଟି କୋଟି ଟଙ୍କା ନେଇଥିବା ବେଳେ କ୍ଷତି ସହିଲେ ସେଠାରେ ଘର କରିଥିବା ଲୋକମାନେ । ମାଫିଆମାନେ ଟଙ୍କା ନେବା ପରେ ଜମି ଦଖଲ ଦେଇ ଲୋକଙ୍କୁ କେବଳ ନୋଟାରୀ କାଗଜ ଧରାଇଥିଲେ । ଯାହା ସେମାନେ ଉଚ୍ଛେଦକାରୀ ଦଳକୁ ଦେଖାଇଛନ୍ତି । ଘରଦ୍ୱାର ହରାଇଥିବା ଲୋକେ ଏବେ କୁଆଡେ ଯିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ଶୋଷିଲା ଧରଣୀର, ମେଣ୍ଟାଇଲେ ପିପାସା

## ଆଦିବାସୀ ପଲ୍ଲୀର ଶକୁନ୍ତଳାଙ୍କୁ 'ଭଗୀରଥ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଯେଉଁଠି ପାଣି ପାଇଁ ପୃଥିବୀ ହାହାକାର, ସେଠି ଅଗମ୍ୟ ଆଦିବାସୀ ପଲ୍ଲୀ କନ୍ଦଲେଇର ଶକୁନ୍ତଳା ଚାତାର ନିଜ ଜିଦ୍‌ରେ ଏକ ନୂଆ ଇତିହାସ ଲେଖିଛନ୍ତି । ସରକାରୀ ସହାୟତାକୁ ଅପେକ୍ଷା ନକରି ସେ ନିଜ ହାତରେ ସାଉଁଟିଥିଲେ ଅସାଧାରଣ ଇଚ୍ଛାଶକ୍ତି ଏବଂ ମାତ୍ର ୬୦ଦିନର କଠିନ ପରିଶ୍ରମରେ ଖୋଳି ଦେଇଛନ୍ତି ୪୦ଫୁଟ୍ ଗଭୀରର ଏକ କୂଅ । ଏହି କୂଅ କେବଳ ଜଳର ଉତ୍ସ ନୁହେଁ, ବରଂ ପରିବେଶ ସୁରକ୍ଷା ପାଇଁ ଏକ ଜ୍ୱଳନ୍ତ ମଶାଲ । ତାଙ୍କର ଏହି ନିସ୍ୱାର୍ଥପର ସେବା ପାଇଁ ଛତାବର ଆଦର୍ଶ ଗ୍ରାମପାୟତ ପକ୍ଷରୁ ସରପଞ୍ଚ ବିଷ୍ଣୁ ପ୍ରସାଦ ଡ଼େଙ୍ଗ, ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶକୁନ୍ତଳାଙ୍କୁ ସମ୍ମାନଜନକ "ଭଗୀରଥ ସମ୍ମାନ"ରେ ସମ୍ମାନିତ କରିଛନ୍ତି । ଉକ୍ତ ସମ୍ବର୍ଦ୍ଧନା ସଭାରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ଏନ୍.ଆଇ.ସି.ର ପୂର୍ବତନ ଡ଼େପୁଟୀ ଡ଼ାଇରେକ୍ଟର ଜେନେରାଲ୍ ସୁଶାନ୍ତ କୁମାର ମହାପାତ୍ର, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ସାମଲ, ସତ୍ୟସାଇ ମହିଳା ମହାବିଦ୍ୟାଳୟର ଦର୍ଶନ ବିଭାଗର ପ୍ରାଧାପିକା ଡ. ମୃଣ୍ମୟୀ ରଥ, ନେହେରୁ ଯୁବକେନ୍ଦ୍ର ସଂଗଠନର କୁଳମଣି ମଲ୍ଲିକ, ମାଇଣ୍ଡ୍ ଏମ୍‌ପାୱାରମେଣ୍ଟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶକୁନ୍ତଳାଙ୍କୁ ଆଧୁନିକ ଯୁଗର 'ଜଳଯୋଦ୍ଧା' ଭାବେ ଅଭିହିତ କରିଥିଲେ । ଶକୁନ୍ତଳା ପ୍ରମାଣ କରିଛନ୍ତି ଯେ ସୋସିଆଲ୍ ମିଡ଼ିଆରେ ଚିନ୍ତା ପ୍ରକଟ କରିବା ଅପେକ୍ଷା ମାଟିରେ କାମ କରିବା ଅଧିକ ପ୍ରଭାବଶାଳୀ । ଆଜିର ସ୍ୱାର୍ଥପର ଦୁନିଆରେ ତାଙ୍କର ଏହି ପ୍ରୟାସ ଆଗାମୀ ପିଢ଼ୀ ପାଇଁ ଏକ ବଡ଼ ଶିକ୍ଷା ଓ ଆଶାର କିରଣ ସାଜିଛି । ଅର୍ଥାଭାବ ଯୋଗୁ କୂଅଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ଶୁଣି ସରପଞ୍ଚ ଶ୍ରୀ ଡେଙ୍ଗ ପଞ୍ଚାୟତ ପକ୍ଷରୁ ଶକୁନ୍ତଳାଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ।



## ବାହାର ଚନ୍ଦନ ଯାତ୍ରାର ଶୁଭାରମ୍ଭ

ପୁରୀ, (ସବ୍ୟୁ): : ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଚନ୍ଦନ ଯାତ୍ରା ଆଜି ଠାରୁ ଆରମ୍ଭ ହୋଇଛି ।ଏଥିସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଶୁଭ ଅନୁକୂଳ ହୋଇଛି ।ଯଥା ଦେହେ ତଥା ଦେବେ । କଳି ଯୁଗରେ ମାନବୀୟ ଲୀଳା ଖେଳା କରୁଥିବା ମହାପ୍ରଭୁ ପ୍ରଚଣ୍ଡ ଗ୍ରୀଷ୍ମ ତାପରୁ ରକ୍ଷା ପାଇଁ ନୌକା ବିହାର କରିଥାନ୍ତି । ଶ୍ରୀମନ୍ଦିରରେ ଦ୍ୱି ପ୍ରହର ଧୂପ ସରିବା ପରେ ଠାକୁର ମାନେ ବିମାନକୁ ବିଜେ କରିଥିଲେ ।ଅପରାହ୍ନ ୫.୩୦ ପରେ ରଥ ଖଳାକୁ ଆଜ୍ଞାମାଳ ବିଜେ ସହ ବିମାନ ଉଠିଥିଲା ।ତିନି ଜଣ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ରଥ ଖଳାରେ ପହଁଚିବା ପରେ ତିନି ରଥର ତିନି ମୁଖ୍ୟ ବିଶ୍ୱକର୍ମାଙ୍କୁ ପ୍ରଦାନ କରିଥିଲେ ।ଏହାପରେ ସୁବର୍ଣ୍ଣ ବେଷ୍ଟ ଯୁକ୍ତ କୁରାଢି ଦ୍ୱାରା ରଥ ନିର୍ମାଣ ଅନୁକୂଳ ହୋଇଥିଲା ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ,ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ,ଏସପି ପ୍ରତୀକ ସିଂହ,ଛତିଶା ନିଯୋଗ ମହାନାୟକ ,ବରିଷ୍ଠ ସେବାୟତ ଉପସ୍ଥିତ ରହି ରଥ କାଠ ନିକଟରେ ପ୍ରଣିପାତ କରିଥିଲେ ।ରଥ ଖଳାରେ ସୃଷ୍ଟି ହୋଇଥିଲା ଏକ ଆଧାତ୍ମିକ ପରିବେଶ ।ରଥ ନିର୍ମାଣ ଅନୁକୂଳ ପରେ ବାଦ୍ୟ,କାହାଳୀ,ସଙ୍କୀର୍ତ୍ତନ ଓ ଭକ୍ତଙ୍କ ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ମଦନ ମୋହନ , ରାମ ,କୃଷ୍ଣ, ଶ୍ରୀଦେବୀ ,ଭୂଦେବୀ ଓ ଶ୍ରୀକ୍ଷେତ୍ରରେ ପଞ୍ଚ ମହାଦେବ ବିମାନ ଓ ପାଲିଙ୍କିରେ ବସି ନୌକା ବିହାର ବା ଜଳକ୍ରୀଡା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଯାଇଥିଲେ ।ରାମକୃଷ୍ଣ ନନ୍ଦା ଚାପରେ ଓ ମଦନମୋହନ ଭଦ୍ରା ଚାପରେ ବିରାଜମାନ କରିଥିଲେ।



## କଟକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଆଜିଠୁ ୩ ଦିନ ପାଇଁ ବନ୍ଦ

କଟକ, (ସବ୍ୟୁ):ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟି ରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଆସନ୍ତା କାଲି ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏଥି ସହିତ ଆବଶ୍ୟକସ୍ଥଳେ ବିଦ୍ୟାଳୟ ତରଫରୁ ଅନଲାଇନ୍ ଶିକ୍ଷାଦାନ କରାଯାଇପାରିବ ଏବଂ ଏହି ସମୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଜିଲ୍ଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜଗୁଡ଼ିକ ମଧ୍ୟ ଉକ୍ତ ସମୟ ମଧ୍ୟରେ ବନ୍ଦ ରହିବ। ତେବେ, ପୂର୍ବନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିୟମିତ ସୂଚୀ ଅନୁଯାୟୀ ହେବ। ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ରନ୍ଧା ଖାଦ୍ୟ ବଦଳରେ ଶୁଖିଲା ଜିନିଷ ଘରକୁ ଦେବା ନିମନ୍ତେ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ , ପୂର୍ବରୁ ପ୍ରାତଃ ଘ୬. ୩୦ମି ଠାରୁ ସକାଳ ୯ଘଟିକା ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହର ବୃଦ୍ଧିକୁ ପରିଲକ୍ଷିତ କରି ପୁନର୍ବାର ସମୀକ୍ଷା କରାଯାଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉପଯୁକ୍ତ ଗ୍ରୀଷ୍ମ ପ୍ରବାହ ସତର୍କତା ଅବଲମ୍ବନ କରି ଜନଗଣନା କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଓଡିଶା ମୋଟର ଚାଳକ ସଂଘ ଭୁବନେଶ୍ୱର ଶାଖାର ପଞ୍ଚମ ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଓଡିଶା ମୋଟର ଚାଳକ ସଙ୍ଘ ଭୁବନେଶ୍ୱର, ଶାଖାର ପଞ୍ଚମ ବାର୍ଷିକ ଉତ୍ସବ ଲୋହିଆ ଏକାଡେମି ୟୁନିଟ ୯ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦାନ କରି ଚାଳକ ସମଜକୁ ସୁନ୍ଦର ଦିଗଦର୍ଶନ କରିଥିଲେ । ଏହି ଅବସରେ ଫରେଷ୍ଟ ପାର୍କ ଶାଖା ତରଫରୁ ଶାଖାରେ ଜଡିତ ଚାଳକ ମାନଙ୍କ ଉଦେଶ୍ୟରେ ଫରେଷ୍ଟ ପାର୍କ ଶାଖା ତରଫରୁ ଜଣ ପିଛା ୧୦ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ପଲିସି ଉଦଘାଟନ ଓ ପଲିସ ପ୍ରଦାନ କରାଯାଇଥିଲା। ଉତ୍ସବରେ ଅନ୍ୟତମ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ଯାଇଁଟ କମିଶନର ବିକାଶ ଚନ୍ଦ୍ର ଚୌଧୁରୀ ଯୋଗ ଦେଇ ଟ୍ରାଫିକ ସଚେତନତା, ପରିବହନ ବିଭାଗ ଦ୍ୱାରା ନିଆଯାଇଥିବା କାର୍ଯ୍ୟ ଉପରେ ଚାଳକ ସମାଜକୁ ବାର୍ତ୍ତା ପ୍ରଦାନ କରିଥିଲେ। ଓଡିଶା ମୋଟର ଚାଳକ ସଙ୍ଘ, ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି, ରାଜ୍ୟ ଉପସଭାପତି, ଦେବେନ୍ଦ୍ର ବେହେରାଙ୍କ ସହିତ ରାଜ୍ୟ କମିଟି ସଦସ୍ୟ, ଶରତ ସାହାଣୀ, ତାରାପ୍ରସାଦ ଷଡ଼ଙ୍ଗୀ, ବିଦ୍ୟାଧର ପ୍ରଧାନ, ଅନିରୁଦ୍ଧ ପ୍ରଧାନ, ବଳରାମ ସାହୁ, ନାରାୟଣ ଦାସ, ଫରେଷ୍ଟ ପାର୍କ ଶାଖା,ଉପଦେଷ୍ଟା ନବକିଶୋର ବେହେରା,ସଭାପତି ବିରଞ୍ଚି ନାରାୟଣ କର, ସମ୍ପାଦକ, ମେହେଟା ଡିଗାଲ, କବିରାଜ ସାହୁ ଅଶୋକ କୁମାର ମାଝୀ ତ୍ରିନାଥ ସ୍ୱାଇଁ, ବୈରାଗୀ ଚରଣ ବେହେରା, ତ୍ରିଲୋଚନ ସାହୁ,ସୁଶାନ୍ତ କୁମାର ବେହେରା, ରମାକାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ସୁକାନ୍ତ ସାହୁ, ବସନ୍ତ କୁମାର ବାରିକ, ଓଡିଶା ମୋଟର ଚାଳକ ସଙ୍ଘ ରେ ସାମିଲ ଥିବା ଏକାଧିକ ଶାଖାର ସଭାପତି, କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଫରେଷ୍ଟ ପାର୍କ ଶାଖାର କାର୍ଯ୍ୟକର୍ତ୍ତା ସୁଶାନ୍ତ କୁମାର ବେହେରା ସଭା ପରିଚାଳନା କରିଥିଲେ, ଶେଷରେ ଶାଖାର, ସମ୍ପାଦକ ମେହେଟା ଡିଗାଲ, ଧନ୍ୟବାଦ ଅର୍ପଣ କରିଥିଲେ।



### ଅତାବିରା ଚକୁଳି ଫାର୍ମରେ ଅକ୍ଷିମୁଠି ଅନୁକୂଳ

## କୃଷି ଜିଡିପିରେ ଓଡ଼ିଶା ଶିଖରରେ ପହଞ୍ଚିବ: ମନମୋହନ

ଭୁବନେଶ୍ୱର, (ସବ୍ୟୁ): ପବିତ୍ର ଅକ୍ଷୀତୃତୀୟା ଚାଷୀମାନଙ୍କ ପାଇଁ ପ୍ରେରଣା, ଅନୁକୂଳ, ସଂକଳ୍ପ, ଉତ୍ସାହ ଏବଂ ଉଦ୍ଦୀପନାର ଦିନ। ଓଡ଼ିଶାର ଚାଷୀ ଏବେ ଭାରତବର୍ଷରେ ସୁନାମ ଅର୍ଜନ କରୁଛନ୍ତି। ଚାଷୀମାନଙ୍କ ଅଖଣ୍ଡ ପରିଶ୍ରମ କରିବା କାରଣରୁ କୃଷିଜାତ ଉତ୍ପାଦର କ୍ଷମତା ଆଜି ୨ ଗୁଣା ବୃଦ୍ଧି ପାଇଛି। ଚାଷୀଙ୍କ ଉନ୍ନତି ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ। ଆଗାମୀ ଦିନରେ କୃଷି ଜିଡିପିରେ ଓଡ଼ିଶା ଶିଖରରେ ପହଂଚିବ ବୋଲି ବରଗଡ଼ ଜିଲ୍ଲାର ଅତାବିରା ଚକୁଳି ଫାର୍ମରେ ଅକ୍ଷିମୁଠି ଅନୁକୁଳ କରି ମାନ୍ୟବର ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି।

ରାଜ୍ୟ ସଭାପତି ଶ୍ରୀ ସାମଲ ପବିତ୍ର ଅକ୍ଷିତୃତୀୟା ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ଚଳିତ ବର୍ଷ ବିଜେପି ସରକାର ଚାଷୀଙ୍କଠାରୁ ୭୫ ଲକ୍ଷ ମେଟ୍ରିକ୍ ଟ୍ରକ ଧାନ କ୍ରୟ କରିଛନ୍ତି। ବରଗଡ଼ରେ ଆଜିଠାରୁ ରବି ଫସଲ ଅମଳ ଆରମ୍ଭ ହୋଇଛି। ବରଗଡ଼ ଜିଲା ହେଉଛି ଓଡ଼ିଶାର ଭାତହାଣ୍ଡି। ଚଳିତ ବର୍ଷ ରାଜ୍ୟରେ ରେକର୍ଡ ସଂଖ୍ୟକ ପରିମାଣର ଧାନ ସଂଗ୍ରହ କରାଯାଇଛି। ତତ୍କାଳୀନ ସରକାର ଧାନ କିଣା ବାବଦରେ ପୂର୍ବରୁ ବହୁତ କମ୍ ଟଙ୍କା ଦେଉଥିଲେ। ଏଥିପାଇଁ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ନେତୃତ୍ୱ ନେବା ପରଠାରୁ ଚାଷୀଙ୍କ ରୋଜଗାର ୨ ଗୁଣା ବୃଦ୍ଧିପାଇଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେବା ପରଠାରୁ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି। ଖାଲିସେତିକି ନୁହେଁ ପିଏମ୍ କିଶାନ ଓ ସିଏମ୍ କିଶାନ ସମ୍ମାନ ଭଳି ଯୋଜନା ମାଧ୍ୟମରେ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏବେ କୃଷିଭିତିକ ଶିଳ୍ପ କରିବା ପାଇଁ ବିଜେପି ସରକାର ପଦେକ୍ଷପ ନେଉଛି। ଏହାଦ୍ୱାରା ଚାଷୀଙ୍କ ଆୟ ବହୁ ଗୁଣା ବୃଦ୍ଧିପାଇବ। କୃଷିଜାତ ଦ୍ରବ୍ୟ ଯେପରି ନଷ୍ଟ ନହେବ ସେନେଇ ବିଭିନ୍ନ ବ୍ଲକରେ ଶୀତଳଭଣ୍ଡାର ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଶତ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଡବଲଇଞ୍ଜିନ ସରକାର କାର୍ଯ୍ୟ କରୁଛି। ଏସବୁ ଉନ୍ନତିମୂଳକ କାର୍ଯ୍ୟ ଦ୍ୱାରା ଚାଷୀ ଆଜି ଆତ୍ମନିର୍ଭରଶୀଳ ହେବା ସହ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିବା ସହିତ ଏହି ଅବସରରେ ଏକ କୃଷି ସଚେତନତା ରଥକୁ ଦେଖାଇ ଶୁଭାରମ୍ଭ କରିଥିଲେ।

ଏହାପରେ ଅତାବିରାଠାରେ ଏକ ସ୍ୱାଗତ ସମାରୋହ ଓ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ସଭାପତି ଶ୍ରୀ ସାମଲ ଯୋଗଦେଇ ନୂତନ କର୍ମୀମାନଙ୍କୁ ଦଳୀୟ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପଦୀପ ପୁରୋହିତ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡର୍ତିଆ, ପୂର୍ବତନ ସାଂସଦ ପ୍ରଭାସ ସିଂ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ବରଗଡ ଜିଲ୍ଲା ସଭାପତି ଡ. ଅରୁପାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ



## ଖୋର୍ଦ୍ଧାରେ ଅକ୍ଷିମୁଠି ଅନୁକୂଳ କଲେ ପିସିସି ସଭାପତି



ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ଅକ୍ଷୟ ତୃତୀୟା ପର୍ବର ଶୁଭ ଅବସରରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜୟଦେବ ନିର୍ବାଚନ ମଣ୍ଡଳୀ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ସୁମଣା ଶାସନ ଗ୍ରାମ ପଞ୍ଚାୟତରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କୃଷି ପ୍ରାଧାନ୍ୟ ଭବ୍ୟ ସମାରୋହରେ ପ୍ରଥମେ ବିଲରେ ପୂଜାର୍ଚ୍ଚନା ପରେ ପିସିସି ସଭାପତି ଶ୍ରୀ ଦାସ ଅକ୍ଷିମୁଠି ଅନୁକୂଳ କରି ହଳ ଚାଳନା କରିଥିଲେ । ସମାରୋହରେ ଆଖପାଖ ଗାଁର ଅନେକ କୃଷକଙ୍କ ସହିତ ସାଧାରଣ ଲୋକ ଭାଗନେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସେବାଦଳ ରାଜ୍ୟ ସଭାପତି ଶୁଭେନ୍ଦୁ ମହାନ୍ତି, ବେଣୁ ଭୋଇ, ନଳିନୀ ବେହେରା, ଜୟନ୍ତ ଭୋଇ ,ସ୍ୱାଗତିକା ପଟ୍ଟନାୟକ, ନିରଞ୍ଜନ ନାୟକ, ସୌମ୍ୟ ରଞ୍ଜନ ଦାସ, ଶୈଳେନ୍ଦୁ ଦାସ,ସଦାଶିବ ମହାପାତ୍ର,ମନୋଜ ନାୟକ, ଜନ୍ମେଜୟ ସ୍ୱାଇଁ,ରସାନନ୍ଦ ପରିଡ଼ା,ସନ୍ତୋଷ ଭୋଳ,ତାପସ ସେଠୀ,ପୁଲିନ ମହାପାତ୍ର, ଗୋଲକ ବିହାରୀ ସ୍ୱାଇଁ, ସରୋଜ ପ୍ରଧାନ, ବାବୁଲି ପ୍ରଧାନ, ରମାକାନ୍ତ ସାହାଣୀ, ମୁସଲିମ ବକ୍ସ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ର : ତିନି ରଥଚକରେ ଅଖ ଲାଗିଲା ଓ ଚନ୍ଦନଯାତ୍ରା ଶୁଭାରମ୍ଭ



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧଲାଭ କରିଥିବା ବାରିପଦା ରଥଯାତ୍ରା ପାଇଁ ଆଜି ପବିତ୍ର ଅକ୍ଷୟତୃତୀୟ ଦିବସରେ ତିନି ମହାପ୍ରଭୁଙ୍କ ରଥର ଚକରେ ଅଖ ଲାଗି ନିର୍ମାଣକାର୍ଯ୍ୟ ଆରମ୍ଭ ହେବା ସହିତ ୨୧ଦିନିଆ ଚନ୍ଦନଯାତ୍ରାର ଶୁଭାରମ୍ଭ ହୋଇଛି। ପୁରୀ ପଛକୁ ବାରିପଦା ରଥଯାତ୍ରାର ଖ୍ୟାତି ରହିଛି। ପୁରୀରେ ୨୧ଦିନିଆ ଚନ୍ଦନଯାତ୍ରାରେ ପ୍ରତିଦିନ ଚାପଖେଳ ହେଉଥିବାବେଳେ ଏଠାରେ ଶେଷ ତିନିଦିନରେ ତିନିଠାକୁର ଚାପ ଖେଳିଥାନ୍ତି ଏବଂ ଶେଷ ତିନିଦିନକୁ ବାରିପଦାରେ ଓଲଟ ଚନ୍ଦନଯାତ୍ରା କୁହାଯାଇଥାଏ। ଆଜି ପାରମ୍ପାରିକ ନୀତି ଅନୁଯାୟୀ ଶ୍ରୀଜୀଉମାନଙ୍କ ଦୈନନ୍ଦିନ ନୀତି ସହ ଅପରାହ୍ନରେ ଯାତଭୋଗ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଆରତୀ ପରେ ମନ୍ଦୀର ପରିଛା ଦୁର୍ଗାଚରଣ ଜିତ୍‌ବାବୁ ଜଗନ୍ନାଥ ମହାପ୍ରଭୁଙ୍କ ପାଖରୁ ଆଜ୍ଞାମାଳ ନେଇ ଚନ୍ଦନ ଛଡା ସୁବାଷିତ ଚନ୍ଦନ ଜଳ ଛିଞ୍ଚନ କରିଥିଲେ। ପୂଜକମାନେ ପହଣ୍ଡିରେ ମଦନମୋହନ ମହାପ୍ରଭୁ ଓ ବାସୁଦେବ ଠାକୁରଙ୍କ ସହିତ ଗଜଦଣ୍ଡ ନେଇଥିଲେ। ପ୍ରଥମେ ମଦନମୋହନ ମହାପ୍ରଭୁ ମନ୍ଦିରର ମେଘନାଦ ପାଚେରୀରେ ଥିବା ଚାରିଣୀ ମଣ୍ଡପ ସିଂହାସନରେ ବସି ରଥଖଳା ଦେଖିଥିଲେ। ତାପରେ ବିଶ୍ୱକର୍ମା ଠାକୁର ଓ ତାଙ୍କର ଗଜଦଣ୍ଡ ନେଇ ପୂଜକ ରଥକଳାକୁ ବିଜେ କରିଥିଲେ। ପ୍ରଥମେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଚକଅଖ ମନ୍ଦିର ପୁରୋହିତ ଅରୁଣ ମିଶ୍ରଙ୍କ ଦ୍ୱାରା ପୂଜାହୋଇ ଚକଅଖ ଲାଗି ହୋଇଥିଲା। ସେହିପରି ଅନ୍ୟ ଦୁଇରଥ ଚକଅଖ ଲାଗି ପରେ ଠାକୁରମାନେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ତିନିପୂଜକ କଂସା ଥାଳିଆରେ ଚନ୍ଦନ ଓ ଗାମୁଛା ନେଇ ବେଢା ପରିକ୍ରମା କରିବା ପରେ ମନ୍ଦିର ତିନିପୂଜକ ଚଳନ୍ତି ଠାକୁର ମଦନମୋହନ, ଶ୍ରୀଦେବୀ ଓ ମାତାଭୂଦେବୀଙ୍କୁ ନେଇ ସ୍ଥାନୀୟ ହେମସାଗର ପୁଷ୍କରଣୀକୁ ଚନ୍ଦନଯାତ୍ରା ପାଇଁ ନେଇଥିଲେ। ସେଠାରୁ ସ୍ନାନସାରି ଦେଉଳକୁ ଫେରି ଚନ୍ଦନପୂଜା ଯାତ୍ରା କରାଯାଇଥିଲା। ମନ୍ଦିରର ସମସ୍ତ ସେବାୟତମାନେ ପୂଜାସେବା ନୀତିରେ ସହଯୋଗ କରିଥିଲେ।

# ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା, ୪ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ବଡବଜାର ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଗଣେଷନଗର ୪ର୍ଥ ଲାଇନର କାହ୍ନା ସାହୁ(୨୨), ପ୍ରହଲାଦନଗର ୩ୟ ଲାଇନର ବିକି ରାଉଳ(୨୬) ଓ କୈଳାସନଗର ୪ର୍ଥ ଲାଇନର ଜଣେ ୧୭ ବର୍ଷୀୟ ନାବାଳକ ଏବଂ ଲକ୍ଷ୍ମୀନୃସିଂହ ସାହିର ଜଣେ ୧୬ ବର୍ଷୀୟ ନାବାଳକ । ଅଭିଯୁକ୍ତ କାହ୍ନା ଓ ବିକିଙ୍କୁ ମାମଲା ନଂ ୨୬୩/୨୬ ରେ କୋର୍ଟ ଚାଲାଣ କରିଛି । ଅନ୍ୟ ୨ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଛି । ପୋଲିସ ଅଭିଯୁକ୍ତଙ୍କ ଠାରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରିଛି । ସୂଚନାଥାଉକି, ଗଣେଷନଗର ୪ର୍ଥ ଲାଇନରେ ରହୁଥିବା ଦିପ୍ତୀ ମହାନ୍ତିଙ୍କ ଘର ସମ୍ମୁଖରେ ଗତ ୧୫ ତାରିଖରେ ସାହିର ଦୀପୁ ପାତ୍ର ଓ ବେବିନା ପାଣିଗ୍ରାହୀ କିଛି ଅଳିଆ ଓ ଲୁହା ସାମଗ୍ରୀ ଜମା କରି ରଖିଥିଲେ । ଏହି ଅଳିଆ ଜମା ହୋଇ ରହୁଥିବାରୁ ଦିପ୍ତୀଙ୍କ ଘର ଭିତରକୁ ଯାତାୟାତରେ ସମସ୍ୟା ହୋଇଥିଲା । ଅଳିଆ ହଟାଇବାକୁ ଦିପ୍ତୀ କହିବାରୁ ଦୀପୁ ପାତ୍ର ଓ ତାଙ୍କ ସହଯୋଗୀମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗତ ୧୮ ତାରିଖ ଦିନ ଦିପ୍ତୀଙ୍କ ପୁଅ ଘରକୁ ଆସିବା ପରେ ଅଭିଯୁକ୍ତମାନେ ତାଙ୍କୁ ଫୋନ କରି ବାହାରକୁ ଆସିବାକୁ କହିଥିଲେ । ଦିପ୍ତୀଙ୍କ ପୁଅ ବାହାରକୁ ବାହାରିବା ପରେ ଅଭିଯୁକ୍ତମାନେ ତାଙ୍କ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଦିପ୍ତୀଙ୍କ ପୁଅର ମୁଣ୍ଡ, ହାତ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ଏହାଦେଖି ଦିପ୍ତୀ ପାଟି କରିବାକୁ ସାହି ଲୋକ ଜମା ହୋଇଯିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ତାଙ୍କ ପୁଅକୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ଦିପ୍ତୀ ବଡବଜାର ଥାନାରେ ଅଭିଯୋଗ କରିଥିଲେ ।

# ନାବାଳିକାଙ୍କୁ ଅସଦାଚରଣ ମାମଲା, ବିବାହିତ ଯୁବକଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର, (ସବ୍ୟୁ): ଏକ ନାବାଳିକା ଅସଦାଚରଣ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ଥିତ ଫାଷ୍ଟଟ୍ରାକ ପୋକସୋ ଅଦାଲତର ଜଜ୍ ରୋହିତ ଲାଲ ପଣ୍ଡା ଜଣେ ବିବାହିତ ଯୁବକଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଯୁବକ ଜଣଙ୍କ ହେଲେ ଦିଗପହଣ୍ଡି ଥାନା ଅଞ୍ଚଳର ମଙ୍ଗୁଲୁ ରାଇସିଂ(୪୪)। ଜେଲ ଦଣ୍ଡ ସହ ତାଙ୍କୁ ୨୫ ହଜାର ଟଙ୍କା ଜୋରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିବା ସହ ପିଡ଼ିତା ନାବାଳିକାଙ୍କୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶଯେ, ୨୦୧୮ ଅଗଷ୍ଟ ୪ ତାରିଖରେ ଦିଗପହଣ୍ଡି ଥାନା ଅଞ୍ଚଳର ନାବାଳିକା ଜଣଙ୍କ ନିଜ ଘରେ ଏକୁଟିଆ ଥିବା ବେଳେ ଅଭିଯୁକ୍ତ ମଙ୍ଗୁଲୁ ତାଙ୍କ ଘରେ ଜୋରଜବରଦସ୍ତ ପଶିଥିଲେ। ସେ ନାବାଳିକାଙ୍କୁ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣଙ୍କ ଚିତ୍କାର କରିବାରୁ ପଡୋଶୀ ଲୋକେ ଘର ନିକଟକୁ ଆସି ଯାଇଥିଲେ। ଏହାଦେଖି ଅଭିଯୁକ୍ତ ମଙ୍ଗୁଲୁ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଘରକୁ ଫେରିବା ପରେ ଘଟଣା ବିଷୟରେ ଜାଣି ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଦିଗପହଣ୍ଡି ଥାନାରେ ଏକ ମାମଲା(୧୩୩/୧୮) ରୁଜୁ ହୋଇ ପୁଲିସ ଅଭିଯୁକ୍ତ ମଙ୍ଗୁଲୁକୁ ଗିରଫ କରି ଜେଲ ପଠାଇଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣ ବେଳେ ୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଆଜି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ମଙ୍ଗୁଲୁ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଡ୍ରିମ୍‌ସ କୃଷି ବିଦ୍ୟାଳୟ ପକ୍ଷରୁ ଅକ୍ଷୟ ତୃତୀୟା ଉତ୍ସବ



କଟକ, (ସ୍ୱପ୍ର): ଡ୍ରିମ୍‌ସ କୃଷି ବିଦ୍ୟାଳୟ ପକ୍ଷରୁ କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ପାରମ୍ପରିକ ରୀତିରେ ପାଳିତ ହୋଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଅକ୍ଷୟ ତୃତୀୟା ଓ କୃଷକ ଦିବସରର ଅଭିନନ୍ଦନ ଜଣାଇଥିଲେ । ପୂର୍ବାହ୍ନରେ ଶିକ୍ଷାନୁଷ୍ଠାନର ନିଜସ୍ୱ ପ୍ରଦର୍ଶନ କ୍ଷେତ୍ର ଠାରେ ଆୟୋଜିତ ଉତ୍ସବରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟଅତିଥି ଭାବରେ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ । ଉତ୍ସବରେ ପୌରହିତ୍ୟ କରି ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡ. କୁମ୍ଭକର୍ଣ୍ଣ ରାଉତ ଅକ୍ଷୟ ତୃତୀୟାରେ ବୁଣାଯାଇଥିବା ମୁଠାଏ ଧାନ ଧରଣୀକୁ ଶସ୍ୟ ଶ୍ୟାମଳା କରିବା ସହ ବର୍ଷକର ଆହାରର ଆଧାର ବୋଲି ବର୍ଣ୍ଣନା କରିଥିଲେ । ପ୍ରାଧ୍ୟାପକ ଡ. ରମାନାଥ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପକ ଡ. କୈଳାଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜରେ ଏମ୍ସ ପ୍ରତିଷ୍ଠା ଦାବିରେ ମାସାଆର୍ମୀ ପକ୍ଷରୁ ବାଇକ୍ ଶୋଭାଯାତ୍ରା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜରେ ବିପର୍ଯ୍ୟସ୍ତ ହୋଇପଡିଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ସ୍ୱାସ୍ଥ୍ୟ ସେବା ସୁଧାର ସହ ମୟୂରଭଞ୍ଜ ବାସୀଙ୍କୁ ବିଶ୍ୱସ୍ତରୀୟ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ମୟୂରଭଞ୍ଜରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମ୍ସ (ଏମ୍ସ) ପ୍ରତିଷ୍ଠା ଦାବିରେ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଇକ ଶୋଭାଯାତ୍ରା ବାରିପଦାର ମୁର୍ଗାବାଡି ଠାରୁ ଆରମ୍ଭ ହୋଇ ମୁଖ୍ୟ ମାର୍କେଟ ଦେଇ ସହର ପରିକ୍ରମା କରି ବାଲେଶ୍ୱର ଗୋଲେଇ ତଥା କେ.ସି ସର୍କଲରୁ ଫେରି ଆସି ଜିଲ୍ଲାପାଳ କାର୍ଯ୍ୟାଳୟକୁ ପହଞ୍ଚି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ନାଏକଙ୍କୁ ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନୋଡ୍ଡା, ଓଡିଶା ରାଜ୍ୟପାଳ, ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଓଡିଶା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପ୍ରେରଣ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ମୁର୍ମୁ, ସମାଜ ସେବୀ ଆନ୍ତା ଆଲୋକ ବାସ୍କେ, ଫାଣ୍ଟୁସ ମୁର୍ମୁ, ଗୌତମ ସିଂ, ବ୍ରଜେଶ ମୁର୍ମୁ, ଭଞ୍ଜ ଦିଶମ ମାଝୀ, ସୁବୋଧ ଚନ୍ଦ୍ର ସରେନ, ପ୍ରଭୁଦାନ ମାରାଣ୍ଡି, ସୁନାରାମ ସୋରେନ, ମନୋରଞ୍ଜନ ହେମ୍ବ୍ରମ, ଦୁର୍ଯ୍ୟୋଧନ ମୁର୍ମୁ, ଲାଲ ମୋହନ ବାସ୍କେ, ବିଶୁ ମୁର୍ମୁ, ଅର୍ଜୁନ ଟୁଡୁ, ଶ୍ୟାମ ସୁନ୍ଦର ବାସ୍କେ, ଗୋପିନାଥ ବାସ୍କେ, ମୁକେଶ କିସ୍କୁ, ଲାଲ ବାହାଦୁର ମାରାଣ୍ଡି, ଗୋରାଚାନ୍ଦ ଟୁଡୁ ଓ କିସୁନ କିସ୍କୁ ପ୍ରମୁଖ ସାମିଲ ଥିଲେ।






ଆଦି ପରବ ୨୦୨୬

ମୁଖ୍ୟ ଅତିଥି

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ
ମାନ୍ୟବର ରାଷ୍ଟ୍ରପତି

ଗରିମାମୟ ଉପସ୍ଥିତି

ଡ. ହରି ବାବୁ କମ୍ଭମପାଟି
ରାଜ୍ୟପାଳ, ଓଡ଼ିଶା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଜୁଏଲ ଓରାମ
କେନ୍ଦ୍ରମନ୍ତ୍ରୀ, ଜନଜାତି ବ୍ୟାପାର

ଶ୍ରୀ ଭବାନୀ ଶଙ୍କର ଭୋଇ
ଉପ ବାଚସ୍ପତି, ଓଡ଼ିଶା ବିଧାନସଭା

ଶ୍ରୀ ଦିଲୀପ ରାୟ
ସାଂସଦ, ରାଜ୍ୟସଭା

ଶ୍ରୀ ଦୁର୍ଗା ଚରଣ ତନ୍ତୀ
ବିଧାୟକ, ରଘୁନାଥପାଲି

ଶ୍ରୀ ସାରଦା ପ୍ରସାଦ ନାୟକ
ବିଧାୟକ, ରାଉରକେଲା

୨୧ ଅପ୍ରେଲ ୨୦୨୬ | ପୂର୍ବାହ୍ନ ୧୧.୦୦

ଏୟାର ପୋର୍ଟ ଗ୍ରାଉଣ୍ଡ, ସେକ୍ଟର-୧୩, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା

OIPR: DADLS-

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

### ୫୫ ନଂ ଜାତୀୟ ରାଜପଥରେ ତୀର୍ଥଯାତ୍ରୀ ବସ ଦୁର୍ଘଟଣା ଗ୍ରସ୍ତ

# ୪୮ ଯାତ୍ରୀ ସୁରକ୍ଷିତ,ପୁରୀରୁ ଫେରୁଥିଲେ ନାସିକ



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଦେଇଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ଏକ ଯାତ୍ରୀବାହୀ ବସ ପୁରୀରୁ ନାଶିକ ଫେରୁଥିବା ବେଳେ ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି। ବସରେ ଥିବା ସମସ୍ତ ୪୮ ଯାତ୍ରୀ ସୁରକ୍ଷିତ ଥିବା ବେଳେ ବସର ଡ୍ରାଇଭର ଆହତ ହୋଇଥିଲେ। ପୁରୀରୁ ତୀର୍ଥ ସାରି ମହାରାଷ୍ଟ୍ର ନାସିକ ଫେରୁଥିବା ଏକ ତୀର୍ଥଯାତ୍ରୀ ବସ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ବସ ଡ୍ରାଇଭରର ଉପସ୍ଥିତ ବୁଦ୍ଧି ଯୋଗୁଁ ବସରେ ଥିବା ସମସ୍ତ ୪୮ଜଣ ଯାତ୍ରୀ ସୁରକ୍ଷିତ ଥିବା ବେଳେ ବସର ଚାଳକ ଆହତ ହୋଇଥିବା ଜଣାପଡିଛି। ଆଜି ଭୋର ସମୟରେ ଢେଙ୍କାନାଳ ସହରର କୋରିଆଁ ଛକ ନିକଟସ୍ଥ ବ୍ରାହ୍ମଣୀ ଦେବୀ ମନ୍ଦିର ନିକଟରେ ଏହି ଅଘଟଣ ଘଟିଛି। ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ ଟ୍ରକ ପଛରେ ଧକ୍କାରୁ ମୁକୁଳିବା ପାଇଁ ବସକୁ ରାସ୍ତା ପାର୍ଶ୍ୱରେ ଥିବା ଏକ ବାଲି ଗଦା ଉପରେ ଚଢାଇ ଦେଇଥିଲେ । ଫଳରେ ବସଟି ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ଖବର ପାଇ ଏନ୍‌ଏଚ ପାଟ୍ରୋଲିଂ ଗାଡି ପହଞ୍ଚି ବସରୁ ଯାତ୍ରୀ ମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ତେବେ ଏହି ଦୁର୍ଘଟଣାରେ ଆହତ ହୋଇଥିବା ବସ ଚାଳକଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି । ଆହତ ବସ ଚାଳକ ନାସିକ ଅଞ୍ଚଳର ମନୋଜ ଭାଲେରାଓ ବୋଲି ଜଣାପଡିଛି। ତୀର୍ଥଯାତ୍ରୀ ମାନେ ସମସ୍ତେ ମହାରାଷ୍ଟ୍ର ନାସିକ ଜିଲ୍ଲାର ଚାନ୍ଦଗଡ ଗ୍ରାମର ଓ ବସ୍‌ରେ ମୋଟ ୪୮ ଜଣ ତିର୍ଥଯାତ୍ରୀ ଥିଲେ ବୋଲି ଜଣାପଡିଛି। ଗତ ୬ ତାରିଖରୁ ନାସିକରୁ ବାହାରି ଓଡିଶାର ପୁରୀ ସମେତ ବିଭିନ୍ନ ସ୍ଥାନ ବୁଲି ସାରି ବସ ଯୋଗେ ନାସିକ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି ।

# ମାଇ ହାତୀ ସହିତ ନବଜାତ ହାତୀ ଛୁଆର ମୃତ୍ୟୁ

ରାସୋଳ,(ସବ୍ୟୁ) :ପ୍ରସବ ଦେବା ସହ୍ୟ କରି ନପାରି ଉଭୟ ମାଆ ଓ ଛୁଆ ହାତୀର ମୃତ୍ୟୁ ଚାରି ପାଞ୍ଚ ଦିନ ପୂର୍ବରୁ ହୋଇ ଥିଲେ ହେଁ ବନ ବିଭାଗ ପାଖରେ କୌଣସି ଖବର ନ ଥିବାକୁ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ଦଣ୍ଡୀରି ସେକ୍ସନ କନକା ବିଟ ଅଞ୍ଚଳରେ ଉଭୟ ମାଆ ଓ ଛୁଆ ହାତୀର ମୃତ୍ୟୁ।ଆଜକୁ ଚାରି ପାଞ୍ଚ ଦିନ ହେବ ଉଭୟ ମା ଏବଂ ଛୁଆହାତୀର ମୃତ୍ୟୁ ଘଟିଥିଲେ ମଧ ବନବିଭାଗ ପାଖରେ ଖବର ନରହିବା ଘଟଣା ବନବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରସବ ପରେ ଏହି ମାଆ ହାତୀ ଓ ପରେ ପରେ ଛୁଆ ହାତୀର ମୃତ୍ୟୁ ହେଇଥିବା ଅନୁମାନ କରାଯାଉଛି। ଗୋଟିଏ ସପ୍ତାହରେ ହାତୀ ଆକ୍ରମଣ ରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆଜି ଏକ ୧୦ବର୍ଷର ମାଇ ହାତୀ ଏବଂ ଜନ୍ମିତ ହାତୀଛୁଆର ମୃତ୍ୟୁ ଘଟଣା ଢେଙ୍କାନାଳ ବନ ଅଧିକାରୀ ଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ କାର୍ଯ୍ୟକାଳ ସମୟରେ ହିନ୍ଦୋଳ ବନାଞ୍ଚଳରେ ସର୍ବାଧିକ ହାତୀ ମରିବା,ହାତୀ ଆକ୍ରମଣରେ ମଣିଷ ମରିବା ଘଟଣା ଦେଖିବାକୁ ମିଳିଛି।ତେବେ ସରକାରଙ୍କର ହାତୀକୁ ସୁରକ୍ଷା ଦେବା ନାଁରେ କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ ହେବା ଏବଂ ହାତୀ ଆକ୍ରମଣକୁ ରୋକିବା ପାଇଁ ସଚେତନତା ନାଁ ରେ ପ୍ରଚାର ପ୍ରସାର ରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରିବା ଏବଂ ଗଜ ସାଥୀ ନିଯୁକ୍ତି କରି କୋଟିକୋଟି ଟଙ୍କା ଖର୍ଚ୍ଚ କରିବା ପ୍ରହସନରେ ପରିଣତ ହୋଇଛି। ହିନ୍ଦୋଳ ବନାଞ୍ଚଳରେ ହାତୀ ମଣିଷ ଲଢେଇ ଏକ ନିତିଦିନିଆ ଘଟଣା ହୋଇଥିବା ବେଳେ ବନ ବିଭାଗର ପାରିବା ପଣିଆ ପଦା ରେ ପଡ଼ି ଆଲୋଚ୍ୟ ର ବିଷୟ ହୋଇଛି।

# ଲୁହାମୁଣ୍ଡାରେ ଅକ୍ଷିମୁଠି ଅନୁକୂଳ

ଠାକୁରଗଡ଼,(ସବ୍ୟୁ):ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଠାରେ ଅକ୍ଷୟ ତୃତୀୟା ଅବସରରେ କୃଷକ ମଙ୍ଗଳ ସଙ୍ଘ ତରଫରୁ ଅକ୍ଷିମୁଠି ଅନୁକୂଳ କରାଯାଇଛି । ଏଥିରେ ପ୍ରଥମେ ହଳ, ଲଙ୍ଗଳ ସହ ଗୋ ମାତାକୁ ପୂଜା କରାଯାଇଥିଲା । ଯଥା ରୀତି ନୀତି ନିୟମ ଅନୁସାରେ ପୂଜା କରା ଯିବା ପରେ ଅକ୍ଷିମୁଠି ଅନୁକୂଳ କରା ଯାଇଥିଲା । ବିଲ ରେ ହଳ ଧରିବା ସହ ଚାଷୀ ରଖିଥିବା ଧାନକୁ ବୁଣି ଥିଲେ । ଏଥିରେ ସଭାପତି ଧର୍ମେନ୍ଦ୍ର ପ୍ରଧାନ, ନିମେଇ ସାହୁ, ବିରଞ୍ଚି ବିଶାଳ, ପବିତ୍ର ସାହୁ, କରୁଣା ପ୍ରଧାନ, ହେମନ୍ତ ବିଶାଳ, ସଞ୍ଜୀବ ସାହୁ, ପ୍ରଦୀପ ସାହୁ, ହୃଷୀକେଶ ସାହୁ ବୈରାଗୀ ସାହୁ, ସହଦେବ ସାହୁ, ଦାମୋଦର ସାହୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ମୁଠୀ ଅନୁକୂଳ ପାଳନ କରିଥିଲେ ।

# ପୋଖରୀରେ ବୁଡି ଜଣେ ମୃତ

କଣିହାଁ ,(ସବ୍ୟୁ): କଣିହାଁ ବ୍ଲକ ସମଲ ଥାନା ଗୌଣିଘଷା ଗ୍ରାମରେ ଥିବା ଜାଉଁଳି ବନ୍ଧରେ ସୋମବାର ସକାଳୁ ଏକ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ହେଉଛନ୍ତି ସେହି ଗ୍ରାମର ଜହର ନାଏକ(୬୦)। ସକାଳେ ଲୋକମାନେ ବନ୍ଧରେ ଏକ ମୃତଦେହ ଭାସୁଥିବା ଦେଖି ସମଲ ଥାନାକୁ ଜଣାଇଥିଲେ। ଏହାପରେ ମୃତଦେହ ଗ୍ରାମର ଜହର ନାଏକ ବୋଲି ଜଣାପଡିଥିଲା। ଜହର ରବିବାର ସୌଚ ପାଇଁ ପୋଖରୀରେ ଯାଇ ବୁଡି ଯାଇଥିବା ପରିବାର ପକ୍ଷରୁ ଜଣାପଡିଛି। ଏନେଇ ସମଲ ପୋଲିସ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲା।

## ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ

# ୧ଲକ୍ଷ ୩୨ ହଜାର ଚାଷୀଙ୍କୁ ସିଏମ କିଶାନ ଅର୍ଥରାଶି ପ୍ରଦାନ



ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଗଁଦିଆ ଠାରେ ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ୧ ଲକ୍ଷ ୩୨ ହଜାର ଚାଷୀଙ୍କୁ ସି.ଏମ୍. କିଷାନ କିସ୍ତି ଅର୍ଥରାଶି ପ୍ରଦାନ କରାଯାଇଛି। ଅକ୍ଷୟ ତୃତୀୟା ତିଥି ଅବସରରେ ଗନ୍ଦିଆ ସ୍ଥିତ ସରକାରୀ ବିହନ ଉତ୍ପାଦନ କୃଷି ଫାର୍ମ ଠାରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇ ପୂଜାର୍ଚ୍ଚନା କରିବା ପରେ ପାରମ୍ପାରିକ ହଳ କରି ଅକ୍ଷିମୁଠି ଅନୁକୂଳ କରିଥିଲେ । ଆୟୋଜିତ ସଭାରେ ଯୋଗଦେଇ,କୃଷି ଓ କୃଷକ ବନ୍ଧୁମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ସି.ଏମ୍. କିଷାନ କିସ୍ତି ୨ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ ଯୋଗୁଁ ଜିଲ୍ଲାର ୧ ଲକ୍ଷ ୩୨ ହଜାର ୩୯୫ ଜଣ ଚାଷୀ ଉପକୃତ ହେବେ ବୋଲି ସେ କହିଛନ୍ତି । ଜିଲ୍ଲାର ସମସ୍ତ ଚାଷୀଙ୍କ ଠାରୁ ମୋଟ ୧ ଲକ୍ଷ ୬୩ ହଜାର ମେଟ୍ରିକ ଟନ୍ ଧାନ କିଣାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । କୃଷିକୁ ପ୍ରୋତ୍ସାହିତ କରାଯାଉ ଥିବା ହେତୁ ରାଜ୍ୟରେ ରେକର୍ଡ ପରିମାଣର ଧାନ ଉତ୍ପାଦନ ହୋଇପାରିଛି ବୋଲି ପ୍ରକାଶ କରି କୃଷକ ମାନଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏକ କୃଷି ସଚେତନତା ରଥକୁ ମନ୍ତ୍ରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ , ଜିଲ୍ଲା ପରିଷଦର ଅଧକ୍ଷା ଅର୍ଚ୍ଚନା ପୁହାଣ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ତଥା ମୁଖ୍ୟ କୃଷି ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ବିଭାଗୀୟ କୃଷି ଅଧିକାରୀଗଣ, ଚାଷୀ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ ରେ ଜିଲ୍ଲପାଳ ଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ଜିଲ୍ଲାପାଳ ଅବଦଲ ଏମ. ଅକତର , ଅତିରିକ୍ତ ଆରକ୍ଷୀ ଅଧକ୍ଷକ ସମୀର କୁମାର ପଣ୍ଡା , ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ , ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା , ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ଃ ମଦନ ମୋହନ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ । ୩୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୨୯ ଟି ବ୍ୟକ୍ତିଗତ ଓ ୨ ଟି ସାମୁହିକ ଅଭିଯୋଗ ଥିଲା । ତନ୍ମଧ୍ୟରୁ ୨ ଟି ଅଭିଯୋଗକୁ ତୁରନ୍ତ ଫଇସଲା କରି ରେଡ଼କ୍ରସ ତରଫରୁ ୨୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଥିଲା । ଏହି ଶିବିରରେ ବିଡ଼ିଓ ଟିଟସ ମହାନନ୍ଦିଆ ତହସିଲଦାର ପ୍ରସନ୍ନ ଟେଟେ , ସୂଚନା ଲୋକସମ୍ପର୍କ ଅଧିକାରୀ ଜ୍ୟୋତିରଞ୍ଜନ ବାଗ , ଏସ.ଡି.ପି.ଓ. ସୁଶାନ୍ତ କୁମାର ତାଉଡ଼ିଆ , ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ କୃଷକ ଦିବସ



ଅନୁଗୋଳ ,(ସବ୍ୟୁ) :ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅନୁଗୋଳ ଜିଲ୍ଲାରେ କୃଷି କାର୍ଯ୍ୟ ଶୁଭାରମ୍ଭ ହୋଇଯାଇଛି । ପଞ୍ଚମହଲା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଟ ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡନାୟକ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, କୃଷି ସ୍ଥାୟୀ କମିଟିର ଅଧକ୍ଷା ଶ୍ରୀମତୀ ମୀରା ଗଡନାୟକ, ଜୋନ-୨୭ର ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଚାଷୀ କୂଳର ସମ୍ମାନ ତଥା ଚାଷ ଓ ଚାଷୀର ଉନ୍ନତି କାମନା କରି କୃଷି ବିଭାଗ ତରଫରୁ ପୂଜାର୍ଚ୍ଚନା ସହିତ ମୁଖ୍ୟଅତିଥିଙ୍କ ଦ୍ୱାରା ଅକ୍ଷି ମୁଠି ଅନୁକୂଳ କରାଯାଇଥିଲା । ଏହି ଅବସରରେ କୃଷି ବିଭାଗ ତରଫରୁ ଏକ କୃଷି ରଥର ଉଦଘାଟନ କରାଯାଇଥିଲା । ଏହି କୃଷି ରଥ ଆଜି ଠାରୁ ୧୦ ଦିନ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ ଭ୍ରମଣ କରି ଖରିଫ -୨୦୨୬ ଉପରେ କୃଷି ବାର୍ତ୍ତା ପ୍ରଚାର କରିବ । ଏହି ଶୁଭଅବସରରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଖରିଫ ଚାଷର ସହାୟତା ପାଇଁ ତଥା ଚାଷୀଙ୍କୁ ସମ୍ମାନ ପାଇଁ ସରକାରଙ୍କ ତରଫରୁ ସି .ଏମ କିଷାନ ଯୋଜନାରେ କିସ୍ତି ପ୍ରଦାନ କରାଯାଇଥିଲା । ଏହି ସିଧା ପ୍ରସାରଣରେ ଚାଷୀ, ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ । ପ୍ରକାଶଥାଉକି, ଜିଲ୍ଲାର ମୋଟ ୧ ଲକ୍ଷ ୪୮ହଜାର ୯୩୧ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ ଚାଷୀଙ୍କୁ ୨୯ କୋଟି ୭୮ ଲକ୍ଷ ୬୨ ହଜାର ଟଙ୍କା ଏହି ଯୋଜନା ଅନ୍ତର୍ଗତ ଆଜି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଚାଷୀ ତଥା ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡଃ.ଦେବାଶିଷ ମିଶ୍ର ପରିଚାଳନା କରିଥିବାବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ତାଳଚେରରେ ଅକ୍ଷୟ ତୃତୀୟା ପାଳିତ

ତାଳଚେର,(ସବ୍ୟୁ) : ଅକ୍ଷୟ ତୃତୀୟା ହେଉଛି ଆଶା, ସମୃଦ୍ଧି ଏବଂ ନୂତନ ଆରମ୍ଭର ପ୍ରତୀକ ଏବଂ ଦିନକୁ ସମୃଦ୍ଧ ଓ ଅକ୍ଷୟ କରିବାକୁ ଦାମୀ ଜିନିଷ କିଣି ଏହା ପାଳନ କରିଥାନ୍ତି। ଦିନଟି ପବିତ୍ର ହୋଇଥିବାରୁ ଘର ଶୁଭଦେବା, ଜାଗା ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୁଏ। ଆଜି ଅକ୍ଷିମୁଠି ଅନୁକୂଳ କରି ଚାଷ ଆରମ୍ଭ କରିବେ ଚାଷୀ। ଏହି ପରିପ୍ରେକ୍ଷୀରେ ଆଜି ତାଳଚେର ଅଂଚଳରେ ରହିଥିବା ଚାଷୀମାନେ ପରମ୍ପରା ରକ୍ଷା କରିବାକୁ ଯାଇ ସକାଳୁ ସେମାନଙ୍କ ନିତ୍ୟକର୍ମ ସହ ହଳ, ବିହନ ନେଇ ଚାଷ କରିବାକୁ ଘରୁ ବାହାରି ଯାଇଥିଲେ। ଅପରପକ୍ଷେ ଆଜି ଦିନଟିରେ ଚାଷୀମାନଙ୍କ ଘରେଘରେ ପିଠାପଣାର ଆସର ଜମିବା ସହ ଚାଷୀମନରେ ଅନେକ ଆଶା ଓ ଭରଷାକୁ ନେଇ ସଂଚାର ଜାଗୃତ ହୁଏ।

# ପାଲଲହଡାରେ ରଥକାଠ ଅନୁକୂଳ କାର୍ଯ୍ୟକ୍ରମ



ପାଲଲହଡା,(ସବ୍ୟୁ ):ଆଜି ସକାଳ ୭ଟାରେ ପବିତ୍ର ଅକ୍ଷୟ ତୃତୀୟ ଅବସରରେ ପାଲଲହଡାସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ରଥକାଠ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏଥିରେ କର୍ତ୍ତାରୂପେ ସ୍ଥାନୀୟ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ପଟେଲ ଯୋଗଦେଇ ମନ୍ଦିରର ପୁରୋହିତ ଟୁଟୁ ପଣ୍ଡାଙ୍କ ବେଦ ମନ୍ତ୍ର ଉଚ୍ଚାରଣରେ ଦେବୋତ୍ତର ବିଭାଗ ପକ୍ଷରୁ ରଥ କାଠ ଅନୁକୂଳର ସମସ୍ତ ପ୍ରଥା ଅନୁଯାୟୀ ରଥ ପ୍ରସ୍ତୁତି ଆରମ୍ଭ ହୋଇଛି।ଦେବୋତ୍ତର ପରିଚାଳକ ଜଳଧର ମହାନ୍ତି ଓ ସହ ପରିଚାଳକ ଗୁଲସନ କୁମାର ପ୍ରଧାନଙ୍କ ସଂଚାଳନରେ ଅନୁଷ୍ଠିତ ଏହି ପବିତ୍ର କାର୍ଯ୍ୟକ୍ରମରେ ଦେବୋତ୍ତର କମିଟିର ସମସ୍ତ ସଦସ୍ୟ ଏବଂ ଭକ୍ତମାନେ ଅଂଶଗ୍ରହଣ କରିଥିଲେ । ଆସନ୍ତା ପବିତ୍ର ରଥଯାତ୍ରାରେ ସମସ୍ତ ଭକ୍ତମାନଙ୍କ ସୁଖ-ସମୃଦ୍ଧି ପାଇଁ ଭଗବାନଙ୍କ ଆଶୀର୍ବାଦ ଓ ସହଯୋଗ ଭିକ୍ଷା କରାଯାଇଥିଲା

## ମେଗା ପ୍ରକଳ୍ପରେ ସାମିଲ ପାଇଁ ଜିଲ୍ଲାପାଳଙ୍କୁ ଦାବି

# ୩୦ରେ ୧୨ ଘଣ୍ଟିଆ ରାଜପଥ ଅବରୋଧ

ରେଙ୍ଗାଳି ,(ସବ୍ୟୁ ):କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତ ସହ ଦେନାଳି ଗ୍ରାମକୁ ମେଗା ଜଳ ସେଚନ ପ୍ରକଳ୍ପରେ ପୁନଃ ସାମିଲ ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟଥା ଚଳିତ ମାସ ୩୦ ତାରିଖରେ ୧୨ ଘଣ୍ଟିଆ ୫୩ ନଂ ଜାତୀୟ ରାଜପଥ ଅବରୋଧ ସହ ଆମରଣ ଅନଶନ କରିବାକୁ ଚେତାବନୀ ଦିଆଯାଇଛି। କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତର ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାର ୨୦୨୨ ମସିହାରେ ୩ ଟି ମେଗା ଜଳ ପ୍ରକଳ୍ପ ବଜ୍ରକୋଟ, ଦେନାଳି ଓ ରଞ୍ଜନା ନାମରେ କାର୍ଯ୍ୟକାରୀ କରିଥିଲେ। ଏହି ମେଗା ଜଳସେଚନ ପ୍ରକଳ୍ପରେ ବଜ୍ରକୋଟ ପଞ୍ଚାୟତର ବଜ୍ରକୋଟ, ଡମଯୋଡି , ପାଣନାଳି, କେନ୍ଦୁବେରେଣି, ଖାଳପାଳ ଓ ରେଙ୍ଗାଳି ପଞ୍ଚାୟତର ଦେନାଳି ଗ୍ରାମର ଚାଷ ଜମି ଜଳସେଚନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବଜ୍ରକୋଟ ପଞ୍ଚାୟତର ଗ୍ରାମ ଗୁଡିକ ସହ ଦେନାଳି ଗ୍ରାମ ପୂର୍ବରୁ ମେଗା ଜଳସେଚନ ପ୍ରକଳ୍ପର ଅଂଶବିଶେଷ ଥିଲା। ପରେ ଏହି ଗ୍ରାମ ଗୁଡିକୁ ଚିଲାଣ୍ଡି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପରେ ସାମିଲ କରାଯାଇଛି। ଏହି କ୍ଷୁଦ୍ର ଜଳ ପ୍ରକଳ୍ପ ଦ୍ୱାରା କେବଳ ବର୍ଷା ଋତୁରେହିଁ ଜମିରେ ଜଳସେଚନ ସମ୍ଭବ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବଜ୍ରକୋଟ ଗ୍ରାମଠାରେ ବ୍ରାହ୍ମଣୀ ନଦୀରେ ମେଗା ଜଳ ପ୍ରକଳ୍ପ ନିର୍ମାଣ ହେଉଥିବା ବେଳେ ଏହି ପଞ୍ଚାୟତର ଗ୍ରାମ ଗୁଡିକୁ ଉକ୍ତ ପ୍ରକଳ୍ପରୁ ବାଦ ଦେବାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ୬ ଗ୍ରାମର ପ୍ରଜା ଜିଲ୍ଲାପାଳଙ୍କୁ ପୁନଃ ମେଗା ଜଳସେଚନ ପ୍ରକଳ୍ପରେ ସାମିଲ ପାଇଁ ଏକ ଦାବିପତ୍ର ପ୍ରଦାନ କରିବା ସହ ଦାବି ପୂରଣ ନ ହେଲେ ଆସନ୍ତା ୩୦ ତାରିଖରେ ଦେନାଳି ଓ ବଜ୍ରକୋଟ ଠାରେ ୧୨ ଘଣ୍ଟିଆ ୫୩ନଂ ଜାତୀୟ ରାଜପଥ ଅବରୋଧ କରି ଯାତାୟତ ସଂପୂର୍ଣ୍ଣ ଠପ କରିଦେବା ସହ ଆମରଣ ଅନଶନ ଚେତାବନୀ ଦିଆଯାଇଛି।

# ମିଳିତ ଜନଅଭିଯୋଗ ଶୁଣାଣି

ପରଜଙ୍ଗ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଉପସ୍ଥିତ ହୋଇପାରିନଥିବା ବେଳେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଲଳିତ ମୋହନ ବେହେରା, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ପ୍ରୋଜେକ୍ଟ ଡାଇରେକ୍ଟର ଦିପ୍ତିରଞ୍ଜନ ସେଠୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସଂଜୀୟ କୁମାର ପାତ୍ର, ତହସିଲଦାର ସୁକଦେବ ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ପରଜଙ୍ଗ ମେଡିକାଲ ଅଫିସର ସ୍ମୃତି ରଞ୍ଜନ ବିଶ୍ୱାଳ, ସବ୍ କଲେକ୍ଟର ଦିନମଣି ନାଏକ, ଏସ୍. ଡି. ପି. ଓ ରଜନୀକାନ୍ତ ସାମଲ , ଆଇ.ଆଇ. ସି ଶୁବ୍ରତ କୁମାର ସାହୁ ,ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ଅଧକ୍ଷା ସର୍ମୀଷ୍ଠା ଦଳବେହେରାଙ୍କ ସମେତ ପରଜଙ୍ଗ ବ୍ଲକର ପ୍ରତ୍ୟେକ କାର୍ଯ୍ୟାଳୟର ଅଫିସର ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୪୭ଟି ମାମଲା ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୪୧ ଗୋଟି କେଶ , ସାମୁହିକ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସାହାଯ୍ୟ ଆବେଦନ ପାଇଁ ୧ଟି କେଶ ଏବଂ ରେଡକ୍ରସ୍ ପାଣ୍ଠିରୁ ସାହାଯ୍ୟ ଆବେଦନ ପାଇଁ ୨ଟି କେଶ ପଞ୍ଜିକୃତ ହୋଇଥିଲା। ଏହି ଦୁଇଟି କେଶ ପାଇଁ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ସଡକ ଦୁର୍ଘଟଣା:ନାତି ମୃତ, ଆଈ ଗୁରୁତର

ପରଜଙ୍ଗ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ ପୂର୍ତ୍ତବିଭାଗ ରାସ୍ତାରେ ଦୁର୍ଘଟଣା ଘଟି ନାତିର ମୃତ୍ୟୁ ଘଟିଥିବା ବେଳେ ଆଈ ଗୁରୁତର ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି। ଝିଲ୍ଲୀର ସମ୍ବିତ୍ ରାଉଳ (୧୯) ତାଙ୍କ ଆଈଙ୍କୁ ବାଇକ୍‌ରେ ମହାବିରୋଡ ନେଉଥିବାବେଳେ ଝିଲ୍ଲୀ ଠାରେ ତାଙ୍କୁ ଏକ ଟ୍ରକ ସମ୍ମୁଖରୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ସମ୍ବିତ୍ ଓ ତାଙ୍କ ଆଈ ଗୁରୁତର ଅବସ୍ଥାରେ ପଡ଼ିଥିଲେ । ଏହି ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଗାଡିକୁ ଫୋନ ପରେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ବିତ୍‌ଙ୍କ ଆଈ ଅଧିକ ଗୁରୁତର ହେବାରୁ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାତରିତ କରିଥିଲେ। ସମ୍ବିତ୍‌ଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।ଏହି ଖବର ପ୍ରଚାରିତ ହେବା ପରେ ପରିବାର ଓ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟ୍ରକ୍ ଡ୍ରାଇଭରକୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି ବୋଲି ସୂଚନା ମିଳିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

## ଟମ୍ପରଠାରେ ଉପଖଣ୍ଡସ୍ତରୀୟ ଅକ୍ଷିମୁଠି ଉତ୍ସବ : ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ପାଲଲହଡ଼ା,(ସବ୍ୟୁ ):ଆଜି ପାଲଲହଡ଼ା ବ୍ଲକ ଅନ୍ତର୍ଗତ ଈଶ୍ୱରନଗର ପଞ୍ଚାୟତର ଟମ୍ପରଗ୍ରାମଠାରେ ଉପଖଣ୍ଡ କୃଷି ବିଭାଗ ଆନୁକୂଲ୍ୟରେ ପବିତ୍ର ଅକ୍ଷିମୁଠି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କୃଷି ସମ୍ପ୍ରସାରଣ ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିରୂପେ ସ୍ଥାନୀୟ ବିଧାୟକ ତଥା ଅନୁଗୁଳ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଅଶୋକ ମହାନ୍ତି ଯୋଗଦେଇ କୃଷି ଓ କୃଷକ ହିଁ ଆମର ମେରୁଦଣ୍ଡ, ଓଡିଶା ତଥା ଭାରତବର୍ଷର ବିକାଶରେ ଏମାନଙ୍କ ଭୂମିକା ଅନନ୍ୟ ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ।ଏହାବ୍ୟତୀତ ଟମ୍ପରଠାରେ ୫ ଲକ୍ଷଟଙ୍କା ବ୍ୟୟ ଅଟକଳରେ ନବ ନିର୍ମିତ ବଜାର ଗୃହର ଶୁଭ ଉଦ୍ଘାଟନ, ୧୦ ଲକ୍ଷଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁଥିବା କଲ୍ୟାଣ ମଣ୍ଡପର ସମ୍ପୂର୍ଣ୍ଣକରଣର ଭିତ୍ତିପ୍ରସ୍ତର ସ୍ଥାପନା ମଧ ବିଧାୟକଙ୍କ ଦ୍ୱାରା ସମ୍ପର୍ଣ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲାଯୋଜନା କମିଟି ଅଧକ୍ଷ ଶ୍ରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଈଶରନଗର ପଞ୍ଚାୟତର କେନ୍ଦ୍ରସ୍ଥଳୀ ପାଲଟିଥିବା ଟମ୍ପର ଗ୍ରାମର ବଜାର ଉପରେ ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମ ନିର୍ଭର କରିଥାନ୍ତି ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷା ରିନା ରାଣୀ ନାଏକ ,ସମ୍ପୃକ୍ତ ସରପଞ୍ଚ ହୃଦାନନ୍ଦ ସାହୁ, ସମିତିସଭ୍ୟା ମାମାର୍ଲି ପଣ୍ଡା,ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ,ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ,ବିଜେପି ମଣ୍ଡଳ ସଭାପତି ଆଶିଷ କୁମାର ସାମଲ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଅଳିଆ ଆବର୍ଜନାରେ ପୁରିଛି ଡ୍ରେନ



ତାଳଚେର,(ସବ୍ୟୁ) : ତାଳଚେର ପୌରାଚଂଳ ପ୍ରାୟ ୱାର୍ଡ଼ ଗୁଡ଼ିକ ନିୟମିତ ଡ୍ରେନ ସଫା କରାଯାଉଥିବାରୁ ଅଳିଆଆବାର୍ଜନାରେ ପୋତା ପୁରିବାର ଦୃଶ୍ୟ ପ୍ରାୟ ସମୟରେ ଦେଖିବାକୁ ମିଳିଛି। ଏହାର ଜ୍ୱଳନ୍ତ ଉଦାହରଣ ୱାର୍ଡ଼ ନଂ ୧୧ର ବସ୍ତିରେ ରହିଥିବା ଡ୍ରେନରେ ଅଳିଆ ଆବର୍ଜନା ସହିତ ପୋତରେ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବା ଉତୋଳନ କରାଯାଇଥିବା ଫୋଟରୁ ଜଣାପଡ଼େ। ତେବେ ସରକାର ସ୍ୱଚ୍ଛଭାରତ ଓ ସବକାସାଥ ସବକା ବିକାଶର ନାରା ଦେଉଥିବା ବେଳେ ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଏଠାରେ କିପରି ଚାଲିଛି ସ୍ୱଚ୍ଛଭାରତ ମିଶନ। ଅପରପକ୍ଷେ ତାଳଚେର ପୌରପିଷଦରେ ଠିକାଦାର ଓ କିଛି କାର୍ଯ୍ୟାଳୟର ସୁଇପର ରହିଥିବା ବେଳେ ଏମାନେ ପ୍ରତ୍ୟେକ ଦିନ କରୁଛନ୍ତି କ'ଣ ବୋଲି ପ୍ରଶ୍ନ ସୃଷ୍ଟିବାଚୀ ସୃଷ୍ଟି ହେଉଛି। ସୁଇପରମାନେ ନିୟମିତ ସକାଳୁ ରାସ୍ତା ଗୁଡ଼ିକ ଝାଡୁମାରୁଥିବା ଦେଖିବାକୁ ମିଳୁଥିବା ବେଳେ ନିୟମିତ ଡ୍ରେନ ପରିଷ୍କାର ପରିଚ୍ଛନ୍ନ କରୁନଥିବା ଅଭିଯୋଗ ହେଉଛି। ଫଳରେ ମାଶା, ମାଛିଙ୍କ ବଂଶ ବିସ୍ତାର ହେବା ସହ ଡ୍ରେନ ଗୁଡ଼ିକରେ ଅଳିଆ ଅବର୍ଜନା ପୋତା ପୁରି ଡ୍ରେନ ପାଣି ନିଷ୍କାସନ ନହୋଇ ପାଣି ରାସ୍ତାରେ ସୁଅ ଛୁଟିଥାଏ।

## ଏକବିଂଶତମ ରାସୋଳ ମହୋତ୍ସବ ଉଦଯାପିତ

ରାସୋଳ,(ସବ୍ୟୁ):ଏକବିଂଶତମ ରାସୋଳ ମହୋତ୍ସବ ଆଜି ସନ୍ଧ୍ୟା ରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଉଦଯାପିତ ହୋଇ ଯାଇଛି। ଆଜି ଉଦଯାପନି ସନ୍ଧ୍ୟା ରେ ମୁଖ୍ୟଅତିଥି ଭାବେ ପ୍ରଭାସ ବେଉରା ଉପଜିଲ୍ଲାପାଳ ହିନ୍ଦୋଳ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଦିଲ୍ଲୀପ ସେଠୀ ,ତହସିଲଦାର ,ହିନ୍ଦୋଳ ଓ ସମ୍ମାନିତ ଅତିଥି ଭାବେ ସତ୍ୟ କୁମାର ନନ୍ଦ ଆରକ୍ଷୀ ଉପ ଅଧୀକ୍ଷକ ହିନ୍ଦୋଳ ପ୍ରମୁଖ ମଞ୍ଚାସିନ ଥିଲେ। ମହା ବିଷୁବ ପଣା ସଂକ୍ରାନ୍ତି ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପି ଆୟୋଜିତ ଉଦଘାଟନୀ ଦିବସରେ ଉଦଘାଟକ ଭାବେ ହିନ୍ଦୋଳ ବିଧାୟିକା ସୀମା ରାଣୀ ନାଏକ ଯୋଗ ଦେଇ ଥିଲେ। ପ୍ରଥମ ସନ୍ଧ୍ୟାରେ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ବିକାଶ ପରିଷଦ ସଭାପତି ମହେଶ୍ୱର ନାଏକ ଙ୍କ ପୌରହିତ୍ୟ ରେ ଆୟୋଜିତ ଦିତୀୟ ସନ୍ଧ୍ୟା ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ରାଣୀ ନାଏକ ଓ ମୁଖ୍ୟ ବକ୍ତା ଭାବେ ଅନୁଗୁଳ ସଂଯୁକ୍ତ ସମବାୟ ବ୍ୟାଙ୍କ ର ସଭାପତି ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରିଷଦ ର ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ ସଂପାଦକୀୟ ବିବରଣୀ ପାଠ କରିଥିଲେ। ମହୋତ୍ସବ ର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସରୋଜ କୁମାର ପତି ଅବସର ପ୍ରାପ୍ତ ଜିଲ୍ଲା ଦୌରା ଜଜ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ଚିତ୍ତରଞ୍ଜନ ଗୌତମ ସାଧାରଣ ସମ୍ପାଦକ ଆମ୍ବେଦକର ସଙ୍ଗଠନ, ଅନୁଗୁଳ ଯୋଗ ଦେଇଥିଲେ ।

## ସମ୍ପାଦକୀୟ

# ଅନିଶ୍ଚିତତା ଘେରରେ ଯୁଦ୍ଧ

ଏ ଯୁଦ୍ଧ କ'ଣ ପାଇଁ ହେଉଛି ? ନିଜ ନିଜର ଅହଂକାର ଓ ଯୁଦ୍ଧଖୋର ମନୋବୃତ୍ତିରୁ ଏ ଯୁଦ୍ଧ ହେଉଛି, ଏଥିରୁ ଶାନ୍ତି ମିଳି ପାରିବ କି ? ଏକଦା ମହାପରାକ୍ରମଶାଳୀ ହିଟଲର ଏପ୍ରିଲ ୨୦ରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତାଙ୍କର ଯଶ ଓ କୀର୍ତ୍ତିକୁ କେହି ମନେ ରଖିଲେ ନାହିଁ । ଯୁଦ୍ଧଖୋର ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କୁ ପୃଥିବୀରେ କୌଣସି ନାଗରିକ ମନେ ରଖିବେ ନାହିଁ । ତଥାପି ଯୁଦ୍ଧ କରିବାକୁ ତାଙ୍କ ଆସ୍ଫାଳନର ତୁଳନା ନାହିଁ । ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ମଧ୍ୟ ଆମେରିକାର ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପଙ୍କ ଧମକକୁ ଖାତିର କରୁ ନାହାନ୍ତି ।

ଇତିମଧ୍ୟରେ ଏକ ଉଚ୍ଚସ୍ତରୀୟ ଆମେରିକୀୟ ଦଳ ପାକିସ୍ତାନ ଯାଇ ଦ୍ୱିତୀୟ ଥର ଲାଗି ଇରାନ ସହିତ କଥାବାର୍ତ୍ତା କରିବାକୁ ଯାଉଛନ୍ତି । ଏ ଗସ୍ତର ଉଦ୍ଦେଶ୍ୟ ହେଉଛି ଯେ ଆମେରିକା ଆଗରେ ଇରାନ ମୁଣ୍ଡ ନ ନୂଆଁଇଲେ, ତେହେରାନର ପ୍ରତ୍ୟେକ ପୋଲ ଓ ଶକ୍ତି କେନ୍ଦ୍ରକୁ ଆମେରିକା ଧ୍ୱଂସ କରିଦେବ ବୋଲି ଟ୍ରମ୍ପ ଯେଉଁ ଧମକ ଦେଇଛନ୍ତି, ସେ ବିଷୟରେ କଥାବାର୍ତ୍ତା କରି ପାକିସ୍ତାନ ମଧ୍ୟସ୍ଥତା କରିବା କଥା କୁହାଯାଉଛି । କିନ୍ତୁ ଇରାନ ପକ୍ଷରୁ ଏ ବିଷୟରେ କୌଣସି ଠିକ୍ ସୂଚନା ମିଳି ପାରି ନାହିଁ । ଆମେରିକାର ନୌସେନା ହରମୁଜ ପ୍ରଣାଳୀରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି କରୁଛି, ତାହାକୁ ପ୍ରତ୍ୟାହାର ନ କଲା ଯାଏଁ ଏପରି କରାଯିବନି ଓ ଯୁଦ୍ଧକୁ ସ୍ଥାୟୀ ଭାବେ ବନ୍ଦ ନ କଲା ଯାଏଁ ଏପରି କଥାବାର୍ତ୍ତାର କୌଣସି ମୂଲ୍ୟ ନାହିଁ ବୋଲି ଇରାନ କହୁଛି । ପାକିସ୍ତାନର ସ୍ଥଳସେନା ମୁଖ୍ୟ ଅସୀମ ମୁନିର ମଧ୍ୟ ତିନିଦିନିଆ ତେହେରାନ ଗସ୍ତରେ ଆସିଥିଲେ, ଯାହା କି ଫଳପ୍ରଦ ହୋଇନାହିଁ ବୋଲି ଇରାନ କହୁଛି ।

**ସମଗ୍ର ବିଶ୍ୱ ଏହି ଯୁଦ୍ଧ ପାଇଁ କ୍ଷତିଗ୍ରସ୍ତ ହେବ । ମନୁଷ୍ୟ ଅନ୍ୟାନ୍ୟ ପ୍ରଣୀମାନଙ୍କଠାରୁ ବେଶ ବୁଦ୍ଧିମାନ । ମାତ୍ର ବୁଦ୍ଧିମାନ ମନୁଷ୍ୟ ଯୁଦ୍ଧ ପରିହାର କରି ନିଜ ନିଜର ଉନ୍ନତି ପାଇଁ ଶାନ୍ତିର ପଥ ବାଛି ନେଉ ଏବଂ ଭାରତକୁ ଏଥିରେ ସହଯୋଗ ଲାଗି ନିବେଦନ କରାଯାଉ ।**

ଏ ସବୁ କଥାରୁ ଆମେରିକା ଯେ ଅନିଶ୍ଚିତତା ଦେଇ ଗତି କରୁଛି, ଏଥିରେ ସନ୍ଦେହ ନାହିଁ । ଟ୍ରମ୍ପ ପ୍ରଥମରୁ କହିଥିଲେ ଯେ ଉପ-ରାଷ୍ଟ୍ରପତି ଜେ.ଡି. ଭାନ୍ସ ଏଇ ପାକିସ୍ତାନ ଗସ୍ତରେ ନେତୃତ୍ୱ ନେବେ ନାହିଁ । ପାକିସ୍ତାନ ଗସ୍ତ କରୁଥିବା ଆମେରିକା ଦଳରେ ତାଙ୍କର ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିକୋଫ ଓ ତାଙ୍କର ଜାମାତା ଜାରଡ୍ କୁସନର ଯିବେ । ମାତ୍ର ପରବର୍ତ୍ତୀ ନିର୍ଦ୍ଦେଶରେ ପାକିସ୍ତାନକୁ ଦ୍ୱିତୀୟ ପର୍ଯ୍ୟାୟରେ କଥାବାର୍ତ୍ତା ପାଇଁ ଯେଉଁ ଉଚ୍ଚସ୍ତରୀୟ ଦଳ ଯାଉଛନ୍ତି, ସେଥିରେ ଆମେରିକାର ଉପ- ରାଷ୍ଟ୍ରପତି ଶ୍ରୀ ଭାନ୍ସ ଯାଉଛନ୍ତି ବୋଲି କୁହାଗଲା ।

ଇରାନ ଆମେରିକାକୁ ତାହାର ୟୁରାନିୟମ ଦେବ ନାହିଁ କି ଆମେରିକାର ଧମକ ନିକଟରେ ମୁଣ୍ଡ ନୂଆଇବ ନାହିଁ । ଏ କଥା ଦୃଢ଼ତାର ସହିତ ଇରାନ ପୂର୍ବରୁ କହିଥିଲା ଓ ଏବେ ମଧ୍ୟ କହୁଛି । ୟୁରାନିୟମ ବିଶ୍ୱରେ ଏକ ମୂଲ୍ୟବାନ ଧାତୁ । କେଜିଏ ୟୁରାନିୟମର ମୂଲ୍ୟ ଏକ କୋଟି ଟଙ୍କା ହେବ । ଇରାନର ବୈଦେଶିକ ମନ୍ତ୍ରୀ ପୁଣି କହିଛନ୍ତି ଯେ ଯୁଦ୍ଧ ବିରତି ନିୟମକୁ ଉଲଂଘନ କରି ଆମେରିକା ଯେପରି ଇରାନର ବନ୍ଦରମାନଙ୍କୁ ଅବରୋଧ କରି ରଖିଛି, ତାହା ବେଆଇନ ଓ ଅପରାଧ ବୋଲି କୁହାଯାଇ ପାରିବ । ପୁଣି ଯୁଦ୍ଧ ବିରତି ଘୋଷଣା କରାଯିବା ପରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଯେଉଁ ମାନଚିତ୍ର ପ୍ରକାଶ କରିଛନ୍ତି, ସେଥିରେ ଲେବାନନ ମଧ୍ୟରେ ନୂତନ ସୈନ୍ୟଙ୍କୁ ମୁତୟନ କରିଛନ୍ତି । କେତେକ ପରିତ୍ୟକ୍ତ ଗ୍ରାମକୁ ଇସ୍ରାଏଲ ନିଜ ନିୟନ୍ତ୍ରଣରେ ମଧ୍ୟ ରଖିଛି ।

ନିଜ ନିଜ ଜିଦରେ ଅଟଳ ରହୁ ଥିବା ଏହି ଦୁଇ ଦେଶ ଆମେରିକା ଓ ଇରାନ ପ୍ରକୃତରେ କ'ଣ ଯୁଦ୍ଧର ପଥ ପରିହାର କରି ଶାନ୍ତିର ପଥ ବାଛି ପାରିବେ ? ଏପରି ପ୍ରତ୍ୟୟ ଆସୁନାହିଁ । ସମଗ୍ର ବିଶ୍ୱ ଏହି ଯୁଦ୍ଧ ପାଇଁ କ୍ଷତିଗ୍ରସ୍ତ ହେବ । ମନୁଷ୍ୟ ଅନ୍ୟାନ୍ୟ ପ୍ରଣୀମାନଙ୍କଠାରୁ ବେଶ ବୁଦ୍ଧିମାନ । ମାତ୍ର ବୁଦ୍ଧିମାନ ମନୁଷ୍ୟ ଯୁଦ୍ଧ ପରିହାର କରି ନିଜ ନିଜର ଉନ୍ନତି ପାଇଁ ଶାନ୍ତିର ପଥ ବାଛି ନେଉ ଏବଂ ଭାରତକୁ ଏଥିରେ ସହଯୋଗ ଲାଗି ନିବେଦନ କରାଯାଉ ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,
ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ
ମୁଁ ଚୋରିକଲି ବୋଲି କହିବାକୁ ହେବ ।**
(ମହାତ୍ମା ଗାନ୍ଧି)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଚିକିତ୍ସା ବିଜ୍ଞାନରେ ସଙ୍ଗୀତ ଥେରାପି



ଡ. ସନ୍ତୋଷ କୁମାର ପଣ୍ଡା

ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନଶୈଳୀରେ ମଣିଷ ଶାରୀରିକ ଅପେକ୍ଷା ମାନସିକ ସ୍ତରରେ ଅଧିକ କ୍ଳାନ୍ତ । ଚିକିତ୍ସା ବିଜ୍ଞାନ କେବଳ ଔଷଧ ଉପରେ ନିର୍ଭର ନକରି ଏବେ ବିକଳ୍ପ ଚିକିତ୍ସା ପଦ୍ଧତି ଉପରେ ଗୁରୁତ୍ୱ ଦେଉଛି । ସେଥିମଧ୍ୟରୁ 'ସଙ୍ଗୀତ ଥେରାପି' ବା 'ରାଗ ଚିକିତ୍ସା' ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ସଙ୍ଗୀତ କେବଳ ମନୋରଞ୍ଜନର ଖୋରାକ ନୁହେଁ, ବରଂ ଏହା ଆତ୍ମାକୁ ସ୍ପର୍ଶ କରୁଥିବା ଏକ ଅଦୃଶ୍ୟ ମହୌଷଧି । ଚିକିତ୍ସା ବିଜ୍ଞାନରେ ସଙ୍ଗୀତ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହୋଇଛି, ଯାହାକୁ 'ମ୍ୟୁଜିକ୍ ଥେରାପି' କୁହାଯାଏ । ଏହା କେବଳ ମନୋରଞ୍ଜନ ନୁହେଁ, ବରଂ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ପୁନରୁଦ୍ଧାର ପାଇଁ ଏକ ବୈଜ୍ଞାନିକ ପଦ୍ଧତି ।

ଚିକିତ୍ସା କ୍ଷେତ୍ରରେ ସଙ୍ଗୀତ ଥେରାପିର ପ୍ରମୁଖ ଭୂମିକାଗୁଡ଼ିକ ହେଲା:

୧) ମାନସିକ ଚାପ ଓ ଉଦ୍‌ବେଗ ହ୍ରାସ- ସଙ୍ଗୀତ ଶୁଣିବା ଦ୍ୱାରା ଶରୀରରେ 'କର୍ଟିସୋଲ' ନାମକ ଚାପ ସୃଷ୍ଟିକାରୀ ହର୍ମୋନର ସ୍ତର କମିଥାଏ । ଏହା ବଦଳରେ 'ଡୋପାମାଇନ୍' ଏବଂ 'ଏଣ୍ଡୋରଫିନ୍' ଭଳି ସକାରାତ୍ମକ ହର୍ମୋନ୍ ନିର୍ଗତ ହୁଏ, ଯାହା ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ । ୨) ଯନ୍ତ୍ରଣା ନିୟନ୍ତ୍ରଣ - ଅସ୍ତ୍ରୋପଚାର ପରେ କିମ୍ବା କର୍କଟ ଭଳି ଗୁରୁତର ରୋଗର ଯନ୍ତ୍ରଣା କମାଇବା ପାଇଁ ସଙ୍ଗୀତ ଥେରାପି ବ୍ୟବହାର କରାଯାଏ । ଏହା ମସ୍ତିଷ୍କକୁ ଯନ୍ତ୍ରଣାରୁ ଧ୍ୟାନ ହଟାଇବାରେ ସାହାଯ୍ୟ କରିଥାଏ, ଫଳରେ ରୋଗୀକୁ କମ୍ ଯନ୍ତ୍ରଣା ଅନୁଭବ ହୁଏ । ୩) ସ୍ନାୟବିକ ରୋଗର ଉପଚାର-ପାର୍କିନ୍ସନ୍, ଆଲଜାଇମର ଏବଂ ଷ୍ଟ୍ରୋକ୍ ଭଳି ରୋଗୀଙ୍କ ପାଇଁ ସଙ୍ଗୀତ ଅତ୍ୟନ୍ତ ଫଳପ୍ରଦ । ସ୍ମୃତି ଶକ୍ତି: ସଙ୍ଗୀତ ମସ୍ତିଷ୍କର ସେହି ଅଂଶକୁ ସକ୍ରିୟ କରେ ଯାହା ସ୍ମୃତି ସହିତ ଜଡ଼ିତ । ଚଳପ୍ରଚଳ: ତାଳବଦ୍ଧ ସଙ୍ଗୀତ ଶୁଣିବା ଦ୍ୱାରା ଷ୍ଟ୍ରୋକ୍ ରୋଗୀଙ୍କ ଚାଲିବା ଏବଂ ଶାରୀରିକ ସନ୍ତୁଳନରେ ସୁଧାର ଆସିଥାଏ । ୪) ହୃଦ୍‌ରୋଗ ଓ ରକ୍ତଚାପ ନିୟନ୍ତ୍ରଣ-ଶାନ୍ତ ଏବଂ ଧୀର ସଙ୍ଗୀତ ହୃଦସ୍ପନ୍ଦନକୁ ସ୍ୱାଭାବିକ କରିବାରେ ଏବଂ ଉଚ୍ଚ ରକ୍ତଚାପ କମାଇବାରେ ସାହାଯ୍ୟ କରେ । ଏହା ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ମଧ୍ୟ ବ୍ୟବସ୍ଥିତ କରିଥାଏ । ୫) ଶିଶୁ ବିକାଶ ଓ ଅଟିଜିମ୍ -ଯେଉଁ ପିଲାମାନେ କଥା କହିବାରେ କିମ୍ବା ସାମାଜିକ ମିଳାମିଶାରେ ଅସୁବିଧା ଅନୁଭବ କରନ୍ତି, ସେମାନଙ୍କ ପାଇଁ ସଙ୍ଗୀତ ଏକ ସେତୁ ଭଳି କାମ କରେ । ଏହା ପିଲାମାନଙ୍କର ଏକାଗ୍ରତା ଏବଂ ଶିଖିବା ଶକ୍ତି ବୃଦ୍ଧି କରିଥାଏ ।

ସଙ୍ଗୀତ ଥେରାପି କିପରି କାମ କରେ?

ରୋଗୀ ନିଜେ ଗୀତ ଗାଇବା କିମ୍ବା କୌଣସି ବାଦ୍ୟଯନ୍ତ୍ର ବଜାଇବା । ଚିକିତ୍ସକଙ୍କ ଦ୍ୱାରା ନିର୍ଦ୍ଧାରିତ ସଙ୍ଗୀତକୁ ଶୁଣି ମନକୁ ସ୍ଥିର କରିବା । ବିଭିନ୍ନ ପ୍ରକାରର ଶାରୀରିକ ଓ ମାନସିକ ବ୍ୟାଧି ପାଇଁ ସଙ୍ଗୀତ ଥେରାପିର ପ୍ରୟୋଗ ଭିନ୍ନ ଭିନ୍ନ ଶୈଳୀରେ କରାଯାଏ । ନିମ୍ନରେ କେତେକ ନିର୍ଦ୍ଦିଷ୍ଟ ରୋଗ ଏବଂ ସେଥିରେ ସଙ୍ଗୀତର ପ୍ରଭାବ ବିଷୟରେ ଜାଣିବା:

୧) ମାନସିକ ଅବସାଦ ଓ ଚିନ୍ତା -ମାନସିକ ରୋଗୀଙ୍କ ପାଇଁ ସଙ୍ଗୀତ ଏକ ମହୌଷଧି ସଦୃଶ । ପ୍ରଭାବ: ଶାନ୍ତ କ୍ଲାସିକାଲ୍ ସଙ୍ଗୀତ ମସ୍ତିଷ୍କରେ 'ସେରୋଟୋନିନ୍' ହର୍ମୋନ୍ ବୃଦ୍ଧି କରେ, ଯାହା ମନକୁ ଖୁସି ରଖେ । ପରାମର୍ଶ: ସକାଳ ସମୟରେ ବଂଶୀ କିମ୍ବା ସୀତାର ବାଦନ ଶୁଣିବା ଦ୍ୱାରା ମନରୁ ନକାରାତ୍ମକ ଚିନ୍ତା ଦୂର ହୁଏ । ୨) ଅନିଦ୍ରା ରୋଗ -ଯେଉଁମାନଙ୍କୁ ରାତିରେ ଭଲ ନିଦ ହୁଏ ନାହିଁ, ସେମାନଙ୍କ ପାଇଁ ସଙ୍ଗୀତ ଥେରାପି ଅତ୍ୟନ୍ତ ଫଳପ୍ରଦ । ପ୍ରଭାବ: ଧୀମା ଲୟର ସଙ୍ଗୀତ (୬୦-୮୦ ବିଟ୍ ପ୍ରତି ମିନିଟ୍) ଶରୀରକୁ ଗଭୀର ବିଶ୍ରାମ ଅବସ୍ଥାକୁ ନେଇଯାଏ । ପରାମର୍ଶ: ଶୋଇବା ପୂର୍ବରୁ ପ୍ରକୃତିର ଶବ୍ଦ (ଯେମିତି କି ବର୍ଷା କିମ୍ବା ସମୁଦ୍ର ଲହରୀ) କିମ୍ବା ଶାନ୍ତ ଯନ୍ତ୍ର ସଙ୍ଗୀତ ଶୁଣିବା ଉଚିତ ।

୩) ହୃଦ୍‌ରୋଗ ଓ ଉଚ୍ଚ ରକ୍ତଚାପ-ପ୍ରଭାବ: ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ନିୟମିତ ସଙ୍ଗୀତ ଶୁଣୁଥିବା ରୋଗୀଙ୍କର ରକ୍ତଚାପ ନିୟନ୍ତ୍ରିତ ରହେ ଏବଂ ହୃଦସ୍ପନ୍ଦନ ସ୍ୱାଭାବିକ ହୁଏ । ପରାମର୍ଶ: ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର କେତେକ ନିର୍ଦ୍ଦିଷ୍ଟ ରାଗ (ଯଥା- ରାଗ ଦରବାରୀ କିମ୍ବା ରାଗ ତୋଡ଼ି) ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରେ । ୪) **ଆଲଜାଇମର ଏବଂ ସ୍ମୃତିଭ୍ରଂଶ -ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଅନେକ ସମୟରେ ନିଜ ପ୍ରିୟଜନଙ୍କୁ ମଧ୍ୟ ଭୁଲିଯାନ୍ତି, କିନ୍ତୁ ସେମାନେ ନିଜ ପସନ୍ଦର ପୁରୁଣା ଗୀତର ସ୍ୱରକୁ ମନେ ରଖିଥାନ୍ତି । ପରାମର୍ଶ: ପୁରୁଣା ସ୍ମୃତି ସହ ଜଡ଼ିତ ଗୀତ ବଜାଇବା ଦ୍ୱାରା ରୋଗୀର ମସ୍ତିଷ୍କ ଅଧିକ ସକ୍ରିୟ ହୁଏ । ୫) ଷ୍ଟ୍ରୋକ୍ ଓ ପାରାଲିସିସ୍ - ମସ୍ତିଷ୍କର ଯେଉଁ ଅଂଶ କଥା କହିବା ପାଇଁ ଦାୟୀ, ସେହି ଅଂଶ ଆହତ ହେଲେ ରୋଗୀ କଥା କହିପାରେ ନାହିଁ । କିନ୍ତୁ ସଙ୍ଗୀତ ମାଧ୍ୟମରେ ସେମାନଙ୍କୁ ଗୀତ ଗାଇବାକୁ ଶିଖାଇବା ଦ୍ୱାରା ଧୀରେ ଧୀରେ କଥା କହିବା ଶକ୍ତି ଫେରିଆସେ (ଏହାକୁ Melodic Intonation Therapy କୁହାଯାଏ) । ୬) କର୍କଟ (Cancer Therapy Support)-କିମୋଥେରାପି ସମୟରେ ହେଉଥିବା ବାନ୍ତି ଏବଂ ଅତ୍ୟଧିକ ଶାରୀରିକ କଷ୍ଟକୁ କମାଇବାରେ ସଙ୍ଗୀତ ଥେରାପି ରୋଗୀକୁ ମାନସିକ ସାହସ ଦେଇଥାଏ ।**

ବିଭିନ୍ନ ରୋଗ ପାଇଁ ସଙ୍ଗୀତର ପ୍ରକାର:- ମାନସିକ ଚାପ -ବଂଶୀ, ସନ୍ତୁର କିମ୍ବା ପ୍ରକୃତିର ଧ୍ୱନି । ଏକାଗ୍ରତା ବୃଦ୍ଧି- କ୍ଲାସିକାଲ୍ ପିଆନୋ କିମ୍ବା ବାରୋକ ସଙ୍ଗୀତ । ଶାରୀରିକ ଶକ୍ତି- ଦ୍ରୁତ ତାଳ ବିଶିଷ୍ଟ ଉତ୍ସାହଜନକ ସଙ୍ଗୀତ । ଭୟ ଓ ଉଦ୍‌ବେଗ- ଶାନ୍ତ ଭଜନ କିମ୍ବା ଆଧ୍ୟାତ୍ମିକ ସଙ୍ଗୀତ । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ 'ରାଗ ଚିକିତ୍ସା' ଏକ ପ୍ରାଚୀନ ଏବଂ ବିଜ୍ଞାନସମ୍ମତ ପଦ୍ଧତି । ପ୍ରତ୍ୟେକ ରାଗର ସ୍ୱର ଏବଂ କମ୍ପନ ଶରୀରର ନିର୍ଦ୍ଦିଷ୍ଟ ଚକ୍ର ଏବଂ ସ୍ନାୟୁ ଉପରେ ପ୍ରଭାବ ପକାଇଥାଏ । ଆସନ୍ତୁ ଜାଣିବା ବିଭିନ୍ନ ରୋଗ ପାଇଁ ଉଦ୍ଦିଷ୍ଟ କେତେକ ପ୍ରମୁଖ ରାଗ ବିଷୟରେ- ୧) ମାନସିକ ଶାନ୍ତି ଓ ଚାପ ମୁକ୍ତି ପାଇଁ-ରାଗ ଦରବାରୀ । ଏହା ଅତ୍ୟନ୍ତ ଗମ୍ଭୀର ଏବଂ ଶାନ୍ତ ରାଗ । ଏହା ମାନସିକ ଚାପ, ଅସ୍ଥିରତା ଏବଂ ଗଭୀର ଶୋକରୁ ମୁକ୍ତି ଦେବାରେ ସାହାଯ୍ୟ କରେ ।

ରାଗ ଯମନ : ଏହି ରାଗ ମନକୁ ଏକାଗ୍ର କରିବା ସହ ଉଦାସୀନତା ଦୂର କରେ । ୨) ହୃଦ୍‌ରୋଗ ଓ ରକ୍ତଚାପ ପାଇଁ-ରାଗ ମାଲକୌଂସ: ଏହି ରାଗ ରକ୍ତହୀନତା ଏବଂ ରକ୍ତଚାପଜନିତ ସମସ୍ୟା ପାଇଁ ଉପଯୋଗୀ । ରାଗ ଅହିର ଭୈରବ : ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ବିଶେଷ ସହାୟକ ହୋଇଥାଏ । ୩) ଅନିଦ୍ରା ଓ ମୁଣ୍ଡବିନ୍ଧା ପାଇଁ- ରାଗ ବିହାଗ: ଯେଉଁମାନଙ୍କୁ ଆଦୌ ନିଦ ହୁଏ ନାହିଁ, ସେମାନଙ୍କ ପାଇଁ ଏହି ରାଗ ରାତିରେ ଶୁଣିବା ଫଳପ୍ରଦ । ରାଗ ଜୟଜୟବନ୍ତୀ : ଏହା ଅଧକପାଳି ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟାର ଉପଶମ ପାଇଁ ବ୍ୟବହାର କରାଯାଏ । ୪) ପାଚନ ପ୍ରକ୍ରିୟା ଓ ମଧୁମେହ ପାଇଁ- ରାଗ ଦୀପକ : ଏହା ପେଟ ସମ୍ବନ୍ଧୀୟ ସମସ୍ୟା ଏବଂ ବାୟୁ ଦୋଷ ଦୂର କରିବାରେ ସାହାଯ୍ୟ କରେ । ରାଗ ବାଗେଶ୍ରୀ : ଏହା ଶରୀରର ମେଟାବୋଲିଜିମକୁ ସନ୍ତୁଳିତ କରି ମଧୁମେହ ନିୟନ୍ତ୍ରଣରେ ସାହାଯ୍ୟ କରେ । ୫) ଶ୍ୱାସକ୍ରିୟା ଓ ଆଜ୍‌ମା ପାଇଁ

ରାଗ ମଲ୍ଲାର : ବର୍ଷା ସହ ଜଡ଼ିତ ଏହି ରାଗ ଫୁସଫୁସର କାର୍ଯ୍ୟଦକ୍ଷତା ବଢ଼ାଇବା ସହ ଶ୍ୱାସକ୍ରିୟାକୁ ସ୍ୱାଭାବିକ କରେ । ରାଗ ଭୈରବୀ : ଏହା କଫ ଏବଂ ସର୍ଦ୍ଦି ଭଳି ସମସ୍ୟାରେ ଉପକାରୀ ।

**ରାଗ ଏବଂ ସମୟର ଗୁରୁତ୍ୱ**

ଭାରତୀୟ ସଙ୍ଗୀତ ଅନୁଯାୟୀ, ଗୋଟିଏ ରାଗ ସେତିକିବେଳେ ପ୍ରଭାବଶାଳୀ ହୁଏ ଯେତେବେଳେ ତାହା ନିର୍ଦ୍ଦିଷ୍ଟ ସମୟରେ ଶୁଣାଯାଏ:-ଭୈରବ -ପ୍ରାତଃକାଳ -ମାନସିକ ସତେଜତା ଓ ଶାନ୍ତି । ସାରଙ୍ଗ- ମଧ୍ୟାହ୍ନ - ଶାରୀରିକ କ୍ଳାନ୍ତି ଦୂରୀକରଣ । ଭୀମପଳାସୀ- ଅପରାହ୍ନ- ପାଚନ ଓ ରକ୍ତ ସଞ୍ଚାଳନ । ପୁରିୟା- ସନ୍ଧ୍ୟା -ଗଭୀର ଧ୍ୟାନ ଓ ଏକାଗ୍ରତା ।

ସଙ୍ଗୀତ ଥେରାପି ମୂଳ ଚିକିତ୍ସାର ବିକଳ୍ପ ନୁହେଁ, ବରଂ ଏହା ଏକ 'ସହାୟକ ଚିକିତ୍ସା' ଯାହା ରୋଗୀକୁ ଶୀଘ୍ର ସୁସ୍ଥ ହେବାରେ ସାହାଯ୍ୟ କରେ । ସଙ୍ଗୀତ ଥେରାପି ପ୍ରତ୍ୟେକ ବ୍ୟକ୍ତିର ପସନ୍ଦ ଅନୁସାରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ । ଯେଉଁ ସଙ୍ଗୀତ ଆପଣଙ୍କୁ ଶାନ୍ତି ଦିଏ, ତାହା ହିଁ ଆପଣଙ୍କ ପାଇଁ ସର୍ବୋତ୍ତମ ଥେରାପି । ସଙ୍ଗୀତ ଥେରାପିକୁ କୌଣସି ବିଜ୍ଞ ଚିକିତ୍ସକ ବା ମ୍ୟୁଜିକ୍ ଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଗ୍ରହଣ କରିବା ଉଚିତ, କାରଣ ସ୍ୱରର ତୀବ୍ରତା ଓ ଶୈଳୀ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅଲଗା ହୋଇପାରେ । ଆମ ସଂସ୍କୃତିରେ ନାଦ-ବ୍ରହ୍ମର ଉପାସନା କରାଯାଇଛି । ଭଜନ, କୀର୍ତ୍ତନ ଓ ଶାନ୍ତ ସଙ୍ଗୀତ ମାଧ୍ୟମରେ ଏକାଗ୍ରତା ବୃଦ୍ଧି ପାଏ । ଏହା ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼ାଇବା ସହ ନକାରାତ୍ମକ ଚିନ୍ତାଧାରାକୁ ଦୂର କରିଥାଏ । ବିଦ୍ୟାଳୟ ସ୍ତରରୁ ପିଲାମାନଙ୍କୁ ସଙ୍ଗୀତ ଶିକ୍ଷା ଦେବା ଦ୍ୱାରା ସେମାନଙ୍କର ବୌଦ୍ଧିକ ବିକାଶ ଶୀଘ୍ର ହୋଇଥାଏ । ସଙ୍ଗୀତ କୌଣସି ଜାତି, ଧର୍ମ ବା ଭାଷାର ସୀମା ମାନେ ନାହିଁ । ଏହା ପ୍ରକୃତିର ଏକ ବରଦାନ । ଚିକିତ୍ସା ବିଜ୍ଞାନ ସହିତ ସଙ୍ଗୀତକୁ ସମନ୍ୱିତ କରାଗଲେ, ରୋଗୀ କେବଳ ଶାରୀରିକ ଭାବେ ନୁହେଁ, ବରଂ ମାନସିକ ଓ ଆଧ୍ୟାତ୍ମିକ ଭାବେ ମଧ୍ୟ ସୁସ୍ଥ ରହିପାରିବ । ତେଣୁ ସୁସ୍ଥ ସମାଜ ଗଠନ ପାଇଁ ଦୈନନ୍ଦିନ ଜୀବନରେ କିଛି ସମୟ ସୁମଧୁର ସଙ୍ଗୀତ ଶୁଣିବା ଆଜିର ସମୟର ଆବଶ୍ୟକତା ।

**ପ୍ରଧାନାଚାର୍ଯ୍ୟ, ସରସ୍ୱତୀ ବିଦ୍ୟା ମନ୍ଦିର, (ଆବାସିକ) କେଶବଧାମ, ଗଡ଼ିରାଉତ ପାଟଣା,କଟକ -୭୫୪୧୦୦, ମୋ-୮୨୪୯୦୨୧୪୨୪**

**ଆମ ସଂସ୍କୃତିରେ ନାଦ-ବ୍ରହ୍ମର ଉପାସନା କରାଯାଇଛି । ଭଜନ, କୀର୍ତ୍ତନ ଓ ଶାନ୍ତ ସଙ୍ଗୀତ ମାଧ୍ୟମରେ ଏକାଗ୍ରତା ବୃଦ୍ଧି ପାଏ । ଏହା ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼ାଇବା ସହ ନକାରାତ୍ମକ ଚିନ୍ତାଧାରାକୁ ଦୂର କରିଥାଏ । ବିଦ୍ୟାଳୟ ସ୍ତରରୁ ପିଲାମାନଙ୍କୁ ସଙ୍ଗୀତ ଶିକ୍ଷା ଦେବା ଦ୍ୱାରା ସେମାନଙ୍କର ବୌଦ୍ଧିକ ବିକାଶ ଶୀଘ୍ର ହୋଇଥାଏ । ସଙ୍ଗୀତ କୌଣସି ଜାତି, ଧର୍ମ ବା ଭାଷାର ସୀମା ମାନେ ନାହିଁ । ଏହା ପ୍ରକୃତିର ଏକ ବରଦାନ । ଚିକିତ୍ସା ବିଜ୍ଞାନ ସହିତ ସଙ୍ଗୀତକୁ ସମନ୍ୱିତ କରାଗଲେ, ରୋଗୀ କେବଳ ଶାରୀରିକ ଭାବେ ନୁହେଁ, ବରଂ ମାନସିକ ଓ ଆଧ୍ୟାତ୍ମିକ ଭାବେ ମଧ୍ୟ ସୁସ୍ଥ ରହିପାରିବ । ତେଣୁ ସୁସ୍ଥ ସମାଜ ଗଠନ ପାଇଁ ଦୈନନ୍ଦିନ ଜୀବନରେ କିଛି ସମୟ ସୁମଧୁର ସଙ୍ଗୀତ ଶୁଣିବା ଆଜିର ସମୟର ଆବଶ୍ୟକତା ।**

# ଶିବସ୍ୱରୂପ ଆଦି ଶଙ୍କରାଚାର୍ଯ୍ୟ



ପଣ୍ଡିତ ସୋମନାଥ ଦାଶ

ଆଦି ଶଙ୍କରାଚାର୍ଯ୍ୟ କେରଳର କାଲାଡ଼ି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତେବେ ଭଗବାନ ଶିବଙ୍କ ଆଶୀର୍ବାଦରୁ ତାଙ୍କ ମାତାପିତା ଶଙ୍କରକୁ ପୁତ୍ର ରୂପେ ପାଇଥିବା ଜଣାଯାଏ । ଅନେକ ଦିନ ଧରି ଶଙ୍କରଙ୍କ ମାତା ଆର୍ଯ୍ୟାମ୍ବା ଦେବୀ ଏବଂ ପିତା ଶିବଗୁରୁଙ୍କର କୌଣସି ସନ୍ତାନ ହେଉନଥିଲେ ।

ସନ୍ତାନ ପ୍ରାପ୍ତି ନିମନ୍ତେ ଦୁହେଁ ତ୍ରିଶୂର ବୃଷାଚଳସ୍ଥିତ ଶିବ ମନ୍ଦିରରେ ଅତି ନିଷ୍ଠା, ଶ୍ରଦ୍ଧା ସହିତ ଭକ୍ତି କଲେ । ଦିନେ ରାତିରେ ସ୍ୱୟଂ ଆଶୁତୋଷ ଭଗବାନ ଶିବ ଏହି ଦୁଇ ଜଣଙ୍କୁ ସ୍ୱପ୍ନରେ ଆଶୀର୍ବାଦ ଦେଲେ ଯେ ସେମାନଙ୍କର ଜଣେ ପ୍ରତିଭାସମ୍ପନ୍ନ, ଶାସ୍ତ୍ର ନିପୁଣ ପୁତ୍ର ଜାତ ହେବ । ସେ ସର୍ବଜ୍ଞ ହେବ କିନ୍ତୁ ତାର ଆୟୁ ମାତ୍ର ୩୨ ବର୍ଷ ହେବ । ପୁତ୍ର ପ୍ରାପ୍ତି ଫଳରେ ଦୁହେଁ ମାତା ପିତା ଖୁସି ହେଲେ କିନ୍ତୁ ଅଳ୍ପାୟୁ ହୋଇଥିବାରୁ ଦୁଃଖିତ ହେଲେ ।

ଭଗବାନ ଶିବଙ୍କ କୃପାରୁ ପୁତ୍ର ପ୍ରାପ୍ତି ହୋଇଥିବାର ବାଳକର ନାମ ଶଙ୍କର ରଖାଗଲା । ଶିବଙ୍କ କୃପାରୁ ଶଙ୍କର ବାଲ୍ୟାକାଳରୁ ହିଁ ଐଶ୍ୱରିକ ଶକ୍ତି ପ୍ରାପ୍ତ କରିଥିଲେ । ବାଲ୍ୟକାଳରେ ପିତା ଶିବଗୁରୁଙ୍କ ଦେହାନ୍ତ ହୋଇଗଲା । ତେଣୁ ତାଙ୍କ ମାତା ଶଙ୍କର ଉପନୟନ ସଂସ୍କାର ମାତ୍ର ୫ ବର୍ଷ ବୟସରେ କରାଇ ଦେଇଥିଲେ । ଏହାପରେ ତାଙ୍କୁ ବେଦ ଅଧ୍ୟୟନ ନିମନ୍ତେ ଗୁରୁକୁଳକୁ ପଠାଇ ଦେଇଥିଲେ । ଶଙ୍କର ବିଲକ୍ଷଣ ପ୍ରତିଭା କାରଣରୁ ତାଙ୍କର ଗୁରୁ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ।



ଦୁଇ ବର୍ଷରେ ବେଦ ଅଧ୍ୟୟନ କରି ଶଙ୍କର ମାତାଙ୍କ ନିକଟରେ ପହଞ୍ଚିଲେ । ଏହି ସମୟରେ ସନ୍ନ୍ୟାସ ଗ୍ରହଣ କରିବା ଲାଗି ସେ ଇଚ୍ଛା ପ୍ରକଟ କଲେ । ମାତା ଅତ୍ୟନ୍ତ ବିଷାଦ ମନରେ ତାଙ୍କୁ ବିଦାୟ ଦେଲେ । ସନ୍ନ୍ୟାସ ଦୀକ୍ଷା ନେବା ଲାଗି ଶଙ୍କର, ଜଙ୍ଗଲ, ପାହାଡ଼, ନଦୀ ପାରି କରି ଓଁକାରେଶ୍ୱରରେ ଗୁରୁ ଗୋବିନ୍ଦପାଦଙ୍କ ଆଶ୍ରମ ଦିଗରେ ଗଲେ । ରାସ୍ତାରେ ସେ ଜଣେ ଗୃହସ୍ଥ ମହିଳାଙ୍କୁ ଭିକ୍ଷା ମାଗିଲେ । ହେଲେ ମହିଳା ଜଣକ ଏତେ ଗରିବ ଥିଲେ ଯେ ତାଙ୍କ ଘରେ କେବଳ ଶୁଖିଲା ଅଁଳା ଥିଲା, ତାହା ହିଁ ସେ ଶଙ୍କରଙ୍କ କମଣ୍ଡଳୁରେ ରଖିଦେଲେ ଏବଂ ନିଜ ଦାରିଦ୍ର୍ୟ ପାଇଁ କାନ୍ଦିବାକୁ ଲାଗିଲେ । ବାଳକ ଶଙ୍କର ସେହି ମହିଳାଙ୍କ ଦୁର୍ଦ୍ଦଶା ଦେଖି ଦୁଃଖିତ ହେଲେ ଏବଂ ସେ ମହାଲକ୍ଷ୍ମୀ ଦେବୀଙ୍କ ସ୍ତୁତି କନକଧାରା ସ୍ତୋତ୍ର ପାଠ କଲେ । ପାଠ ସମାପ୍ତ ହେବା ପରେ ସେହି ମହିଳାଙ୍କ ଘରେ ସୁନା ଅଁଳାର ବର୍ଷା ହେବାକୁ ଲାଗିଲା ।

ସେହି ଜନକଧାରା ସ୍ତୋତ୍ର ଏତେ ପ୍ରଭାବଶାଳୀ ଥିଲା ଯେ ଆଜି ବି ବୈଷ୍ଣବ ଭକ୍ତମାନେ ଏହି ସ୍ତୋତ୍ରର ପାଠ କରିଥାନ୍ତି । ଗୁରୁ ଗୋବିନ୍ଦ ପାଦଙ୍କ ଓଁକାରେଶ୍ୱର ଆଶ୍ରମରେ ଶଙ୍କର ଅନେକ ଦିନ ପର୍ଯ୍ୟନ୍ତ ରହିଲେ ଏବଂ ଶିକ୍ଷା ଦୀକ୍ଷା ଗ୍ରହଣ କଲେ । ଦିନେ ନର୍ମଦା ନଦୀ ତଟରେ ଏତେ ବନ୍ୟା ହେଲା ଯେ ଆଶ୍ରମ ଜଳମଗ୍ନ ହୋଇଗଲା । ସର୍ବତ୍ର ତ୍ରାହି ତ୍ରାହି ହେବାକୁ ଲାଗିଲା । ଏହି ସମୟରେ ଶଙ୍କର ସବୁ ବନ୍ୟା ଜଳ ନିଜ କମଣ୍ଡଳୁରେ ରଖି ଦେଇଥିଲେ ବୋଲି କୁହାଯାଏ । ଫଳରେ ସମସ୍ତ ଆଶ୍ରମବାସୀ ବଞ୍ଚିଯାଇଥିଲେ । ଗୁରୁ ଗୋବିନ୍ଦ ପାଦ ଶଙ୍କରଙ୍କୁ ବିଶିଷ୍ଟ ବୁଦ୍ଧି ଯୁକ୍ତ ଭାବି ଆଜ୍ଞା ଦେଲେ ଯେ ସେ କାଶୀ ଯାଆନ୍ତୁ ଏବଂ ବେଦବ୍ୟାସଙ୍କ ଦ୍ୱାରା ଲିଖିତ ବ୍ରହ୍ମସୂତ୍ରର ଟିକା ରଚନା କରନ୍ତୁ । ଅଦ୍ୱୈତ ବେଦାନ୍ତର ପ୍ରଚାର କରି ଭାରତୀୟ ସଂସ୍କୃତିକୁ ପୁନର୍ଜିବୀତ କରନ୍ତୁ । କାଶୀରେ ପହଞ୍ଚି ବାଳକ ଶଙ୍କର ବେଦ ଉପନିଷଦ ଏବଂ ଦର୍ଶନ ଉପରେ ପାଣ୍ଡିତ୍ୟପୂର୍ଣ୍ଣ ପ୍ରବଚନ ଦେଲେ । ତାଙ୍କର ବିଦ୍‌ବତ୍ତା ଦେଖି କାଶୀର ଅନେକ ପଣ୍ଡିତ ତାଙ୍କର ଶିଷ୍ୟ ହୋଇ ଯାଇଥିଲେ । ଶଙ୍କରଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ ସନନ୍ଦନ । ଦିନେ ଗଙ୍ଗାନଦୀରେ ଅପରପାର୍ଶ୍ୱରେ ସେ ଛିଡ଼ା ହୋଇଥିଲେ । ତାଙ୍କୁ ଶଙ୍କର ହାତ ହଲାଇ ପାଖକୁ ଡାକିଲେ । ଗୁରୁଙ୍କ ଆଜ୍ଞା ମାନି ସେ ପାଦରେ ଚାଲି ଚାଲି ନଦୀ ପାର ହୋଇ ଯାଇଥିଲେ । ସେ ଗୋଟିଏ ଗୋଟିଏ ପାଦ ଆଗକୁ ପକାଇବା କ୍ଷଣି ତାଙ୍କ ପାଦ ତଳେ ଗୋଟିଏ ଗୋଟିଏ ପଦ୍ମ ଫୁଲ ବିଛାଇ ହୋଇ ଯାଉଥିଲା । ଏହିପରି ସେ ନଦୀ ପାରି ହୋଇଥିଲେ । କେବଳ ଆଦି ଶଙ୍କରଙ୍କ ଯୋଗୁଁ ଏହା ସମ୍ଭବ ହୋଇଥିଲା । ଶିବସ୍ୱରୂପ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଅବସରରେ ତାଙ୍କ ପାଦପଦ୍ମରେ ଭୂମିଷ୍ଠ ପ୍ରଣାମ ।

**(୨୧ ଅପ୍ରେଲ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ)**

**କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ, ମୋ-୭୦୦୮୦୦୦୮୯୮**

# ମୋତେ ଭଜନ୍ତି ଭକ୍ତି ଭାବେ...



ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

କେଉଁମାନେ ଭଗବାନଙ୍କର ପ୍ରିୟ ବା କେଉଁ ପ୍ରକୃତିସମୂହକୁ ଭଗବାନ ପସନ୍ଦ କରନ୍ତି, ସେସବୁ ଗୀତାରେ ବର୍ଣ୍ଣିତ।

ସେଥିରୁ କିଞ୍ଚିତ୍ ଯିଏ କୌଣସି ପ୍ରାଣୀଙ୍କୁ ଘୃଣା କରେ ନାହିଁ, ଯିଏ ସମସ୍ତଙ୍କ ପ୍ରତି ଉଦାର ଓ ବନ୍ଧୁତାପୂର୍ଣ୍ଣ ମନୋଭାବ ପୋଷଣ କରିଥାଏ, ଯିଏ ଅହଂ ଏବଂ ବନ୍ଧନମୁକ୍ତ, ପୁଣି ଯାହା ପାଇଁ ସୁଖ ଓ ଦୁଃଖ ଉଭୟେ ସମାନ ଏବଂ ଯେ ଦୟାଶୀଳ ସେ ମୋର ପ୍ରିୟ । ପ୍ରତ୍ୟେକ ଆତ୍ମ-ନିୟନ୍ତ୍ରିତ, ଧ୍ୟାନଶୀଳ, ବିଚାରବନ୍ତ, ଉତ୍ସର୍ଗିତ ମଣିଷ ମୋର ଭକ୍ତ ଏବଂ ସେମାନେ ମୋର ପ୍ରିୟ। ଯାହାଙ୍କ ଦ୍ୱାରା ପ୍ରକୃତି ପ୍ରଭାବିତ ହୁଏ ନାହିଁ ଏବଂ ଯିଏ ପ୍ରକୃତି ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ, ଯିଏ ଆନନ୍ଦ, ଅସୂୟାଭାବ, ଭୟ, ବିଦ୍ୱେଷ ଏବଂ ସମସ୍ତ ପ୍ରକାର ଉତ୍କଣ୍ଠାରୁ ମୁକ୍ତ ସେ ମୋର ପ୍ରିୟ ।

ଯିଏ ବାସନା ମୁକ୍ତ, ଶୁଦ୍ଧଚିତ୍ତ, ସଦା ସତର୍କ, ଅବିବାଦୀୟ ସେ ମୋର ପ୍ରିୟ । ଯେ ଆଶା କରେନାହିଁ, ଘୃଣା କରେନାହିଁ, ଶୋକ କରେନାହିଁ, ଯାହା ପାଇଁ ଭଲ ଓ ମନ୍ଦ ଉଭୟେ ସମାନ, ସେ ମୋର ପ୍ରିୟ। ଯିଏ ଶତ୍ରୁ ଏବଂ ମିତ୍ର ଦୁହିଁଙ୍କୁ ସମାନ ଦୃଷ୍ଟିରେ ଦେଖେ, ସମ୍ମାନ ଓ ଅସମ୍ମାନ, ସୁଖ ଓ ଯନ୍ତ୍ରଣା, ଉଷ୍ମ ଓ ଶୀତଳ ଯାହା ପାଇଁ ସମାନ ସେ ମୋର ପ୍ରିୟ। ଯାହାପାଇଁ ନିନ୍ଦା ଓ ପ୍ରଶଂସା ସମାନ, ଯିଏ ସର୍ବଦା ସନ୍ତୁଷ୍ଟ, ଯିଏ ଅପରିବର୍ତ୍ତନୀୟ, ଯିଏ ସ୍ଥିରମନା, ସେ ମୋର ପ୍ରିୟ। ଦେହ, ମନ, ରଙ୍ଗ ରୂପ ଇତ୍ୟାଦି ଯେଉଁ ପ୍ରଭେଦ ରହିଛି, ତାହା ମାୟିକ, ଆଭାସିକ ପ୍ରଭେଦ ମାତ୍ର ।

**ଆନନ୍ଦ ଏବଂ ଆତ୍ମା ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଆତ୍ମା ହିଁ ଆନନ୍ଦ । ଈଶ୍ୱର, ପୂର୍ଣ୍ଣତା, ଅମରତ୍ୱ ଓ ଆନନ୍ଦ – ଏ ସବୁ ଏକ ଓ ଅଭିନ୍ନ । ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପୂର୍ଣ୍ଣତାପ୍ରାପ୍ତି ବା ଈଶ୍ୱରପ୍ରାପ୍ତି ।**

ସମସ୍ତଙ୍କର ଆତ୍ମା ଏକ ଓ ଅଭିନ୍ନ । ଧନବାନ ଲୋକ ନିଜର ସୁବିଧା ଲାଗି ଖଣ୍ଡିଏ ସ୍ୱତନ୍ତ୍ର ଜାହାଜ ଓ ସ୍ୱତନ୍ତ୍ର ରେଳଗାଡ଼ି ବା ସ୍ୱତନ୍ତ୍ର ଉଡ଼ାଜାହାଜ ରଖି ପାରନ୍ତି, କିନ୍ତୁ ସେ ଯେତେ ହୁଅନ୍ତୁ ନା କାହିଁକି, ସେ ନିଜର ବୋଲି ଏକ ଭିନ୍ନ ସ୍ୱତନ୍ତ୍ର ଆତ୍ମା ରଖି ପାରିବେ ନାହିଁ । ଆତ୍ମା ହେଉଛି ଅନନ୍ୟ ସାଧାରଣ ସତ୍ତା, ଆତ୍ମା କୌଣସି ବ୍ୟକ୍ତିବିଶେଷଙ୍କର ସ୍ୱତନ୍ତ୍ର ସମ୍ପତ୍ତି ହୋଇପାରିବ ନାହିଁ ।

ଆନନ୍ଦ ଏବଂ ଆତ୍ମା ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଆତ୍ମା ହିଁ ଆନନ୍ଦ । ଈଶ୍ୱର, ପୂର୍ଣ୍ଣତା, ଅମରତ୍ୱ ଓ ଆନନ୍ଦ – ଏ ସବୁ ଏକ ଓ ଅଭିନ୍ନ । ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପୂର୍ଣ୍ଣତାପ୍ରାପ୍ତି ବା ଈଶ୍ୱରପ୍ରାପ୍ତି ।

ମନୁଷ୍ୟ ସତ୍ୟର ଯେତେ ନିକଟତର ହେଉଥିବ, ସେତେ ଅଧିକ ସୁଖୀ ହେଉଥିବ, କାରଣ ସତ୍ୟର ବାସ୍ତବ ପ୍ରକୃତି ହେଉଛି ନିଶ୍ଚିତ ପରମାନନ୍ଦ । ଆଜିର ଏହି ଆଲୋଚନା ବେଳେ ମନେ ପଡୁଛି ଶ୍ରୀମଦ୍ ଭାଗବତର ସେହି କାଳଜୟୀ ଧାଡ଼ିଟି-'ସକଳ ଧର୍ମ ଛାଡ଼ି ଯେବେ, ମୋତେ ଭଜନ୍ତି ଭକ୍ତି ଭାବେ । ଯେ ସର୍ବଭାବେ ଭକ୍ତି ସାଧେ, ସଂସାର ତାହାକୁ ନ ବାଧେ । ଏ ବୋଲ ଯଦି ବୁଝି ତେବେ, ଆଶ୍ରା କରଇ ମୋର ଭବେ, ସର୍ବ ସଂଶୟ ଦୂର କରି, ନିସ୍ତରେ ନର ଦେହ ଧରି ।'

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ମୋ- ୭୦୦୮୪୭୮୯୮୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇରାନ...

ଦାବି କରାଯାଉଛି । ଆମେରିକା ଏକେ ନୌସେନା ଦ୍ୱାରା ପ୍ରତିରୋଧ କରିଛି । ତେବେ ଆମେରିକା ରାଷ୍ଟ୍ରପତି ବୁଝାମଣା ଭାଙ୍ଗିଛି ବୋଲି ହେଉଥିବା ମତକୁ ଖଣ୍ଡନ କରିଛନ୍ତି । ଆମେ ପୁଣିଥରେ ଆଲୋଚନା କରିବୁ ବୋଲି ସେ କହିଛନ୍ତି । ତେବେ ଇସ୍ରାଏଲ ଓ ଆମେରିକା ସହ ଇରାନରେ ହୋଇଥିବା ଯୁଦ୍ଧରେ ୩୩୭୫ ଜଣଙ୍କର ମୃତ୍ୟୁ ହେଲାଣି । ହରମୁଜ ପ୍ରଣାଳୀ ଦେଇ ଇରାନର ଜାହାଜକୁ ଆମେରିକା ଅଟକାଇଥିବା କୁହାଯାଉଛି । ଜର୍ମାନୀ ଓ ବ୍ରାଜିଏ ପକ୍ଷରୁ ପଶ୍ଚିମ ଏସିଆରେ ଦେଖାଦେଇଥିବା ଏହି ପରିସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରାଯାଇଛି । ଏହି ଦୁଇ ରାଷ୍ଟ୍ର ବୁଝାମଣା କରି ଇରାନ ସହ ପରିସ୍ଥିତିକୁ ସୁଧାରିବା ପାଇଁ କୁହାଯାଇଛି । ଇରାନ ଇତିମଧ୍ୟରେ ତେହେରାନର ବିମାନବନ୍ଦରକୁ ଖୋଲିଛି । ସପ୍ତାହକାଳ ଧରି ଏହା ବନ୍ଦ ରହିଥିଲା । ତେବେ ଇତିମଧ୍ୟରେ ମୁନିର ଫୋନ ଯୋଗେ ଟ୍ରମ୍ପଙ୍କ ସହ ଆଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଇରାନର ବନ୍ଦର ଗୁଡିକୁ ଆମେରିକା ଯେଉଁ ପ୍ରତିରୋଧ କରିଛି ସେଥିପାଇଁ ଦ୍ୱିତୀୟ ପର୍ଯ୍ୟାୟ କଥାବାର୍ତ୍ତା ଆଗେଇ ପାରୁନାହିଁ । ତେବେ ଟ୍ରମ୍ପ କହିଛନ୍ତି ଯେ, ମୁନିର ତାଙ୍କୁ ପ୍ରତିରୋଧ ନେଇ କୌଣସି ସୂଚନା ଦେଇନାହାନ୍ତି ।

## କୃଷକ...

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ କୃଷକ ଭାଇ ଓ ଭଉଣୀଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି । ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ନୂଆ କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି । ସେ କହିଥିଲେ ଯେ, କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଏବଂ ଏହି ଯୋଜନା ତାହାର ଏକ ଉତ୍କୃଷ୍ଟ ଉଦାହରଣ । ସେ ଆହୁରି କହିଥିଲେ ଯେ, ନୂଆ ସରକାର କ୍ଷମତାକୁ ଆସିବା ପରେ କେବଳ ୨୨ ମାସ ମଧ୍ୟରେ ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩ ପ୍ରତିଶତକୁ ପହଞ୍ଚିଛି, ଯାହା ଜାତୀୟ ହାରଠାରୁ ଅଧିକ । ଚଳିତ ବର୍ଷ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି । ସେ ଏହି ସଫଳତା ପାଇଁ ରାଜ୍ୟର ପ୍ରତ୍ୟେକ କୃଷକଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ଚାଷୀଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ଦେବା ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ । ୨୦୨୫-୨୬ ଖରିଫ ଋତୁରେ ୧୮ ଲକ୍ଷ ୫୫ ହଜାର ୬୬୧ ଜଣ ଚାଷୀଙ୍କ ଠାରୁ ୭୬.୪୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି । ଏଥିପାଇଁ ୫,୫୮୯ କୋଟି ୯୮ ଲକ୍ଷ ଟଙ୍କା ଇନ୍‌ପୁଟ ସହାୟତା ଦିଆଯାଇଛି ।

କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କୃଷକ ପରିବାରର ପିଲାମାନଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ସହାୟତା ଦିଆଯାଉଛି । ୨୦୨୫-୨୬ ଶିକ୍ଷାବର୍ଷରେ ୬୮ ହଜାର ୯୧୦ ଜଣ ଛାତ୍ରଛାତ୍ରୀଙ୍କୁ ୨୯୧ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ସହାୟତା ମିଳିଛି । ରାଜ୍ୟ ସରକାର "ବଳଭଦ୍ର ଜୈବିକ ଚାଷ ମିଶନ" ମାଧ୍ୟମରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି । ସେହିପରି ଓଡ଼ିଶାର ପାରମ୍ପରିକ ମାଣ୍ଡିଆକୁ ବିଶ୍ୱ ମଞ୍ଚରେ ପହଞ୍ଚାଇବା ପାଇଁ ଶ୍ରୀ ଅନ୍ନ ଅଭିଯାନକୁ ଆହୁରି ଜୋରଦାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସମୃଦ୍ଧ ଓଡ଼ିଶା ଗଢ଼ିବାରେ କୃଷକମାନେ ହିଁ ପ୍ରକୃତ ସାରଥୀ । ରାଜ୍ୟ ସରକାର ସଦା ସର୍ବଦା କୃଷକଙ୍କ ସହିତ ରହିବ ଏବଂ ଆଗାମୀ ଦିନରେ କୃଷିକୁ ଅଧିକ ଲାଭଜନକ, ଆଧୁନିକ ଓ ସଶକ୍ତ କରାଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର କୃଷି କ୍ଷେତ୍ରରେ ଆସୁଥିବା ପରିବର୍ତ୍ତନର ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, 'ବିଜ୍ ସେ ବାଜାର' ପରିକଳ୍ପନା ଅନୁସାରେ ମଞ୍ଜିରୁ ବଜାର ପର୍ଯ୍ୟନ୍ତ ଏକ ସମନ୍ୱିତ ବ୍ୟବସ୍ଥା ଦେଶରେ ଗଢ଼ିଉଠିଛି । ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ହେଉଛି ଭାରତୀୟ କୃଷି ଓ କୃଷକଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସାମିଲ କରିବା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସରେ ଓଡ଼ିଶାରେ 'ଡବଲ ଇଞ୍ଜିନ' ବିକାଶ ତ୍ୱରାନ୍ୱିତ ହୋଇଛି । କୃଷକଙ୍କ ଆୟ ବୃଦ୍ଧି ପାଇଁ ଉନ୍ନତ ବିହନ, ସଠିକ୍ ଜଳସେଚନ ଏବଂ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । କେନ୍ଦ୍ର ସରକାରଙ୍କ କୃଷି ଭିତ୍ତିଭୂମି ପାଣ୍ଠି ମାଧ୍ୟମରେ ରାଜ୍ୟରେ ଶୀତଳ ଭଣ୍ଡାର ଓ ଗୋଦାମ ଘର ନିର୍ମାଣ କାର୍ଯ୍ୟ ଗତି ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗତ ବର୍ଷ ଅକ୍ଟୋବରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ପି.ଏମ ଧନ-ଧାନ୍ୟ କୃଷି ଯୋଜନା'ରେ ଓଡ଼ିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡ଼ା ଭଳି ଚାରିଟି ଆଦିବାସୀ ଜିଲ୍ଲା ସ୍ଥାନ ପାଇଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ ଯେ, ଆମ ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଆମର କୃଷକ ସମାଜ । ସେମାନଙ୍କ ପରିଶ୍ରମରେ ଆମ ମାଟି ସୁଜଳା ସୁଫଳା ହୋଇଥାଏ । କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ କୃଷି କାର୍ଯ୍ୟକୁ ଅଧିକ ସରଳ ଓ ସ୍ୱଚ୍ଛ କରିବା ପାଇଁ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ । ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ସାର କ୍ରୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ଚାଷୀଙ୍କୁ ଅଧିକୃତ ବିକ୍ରେତାଙ୍କ ଠାରୁ ଆଧାର ଓ ଓଟିପି ମାଧ୍ୟମରେ ନିଜ ଜମି ଓ ଫସଲ ପାଇଁ ଆବଶ୍ୟକ ପରିମାଣର ସାର କିଣନ୍ତୁ । ସାର କିଣିବା ସମୟରେ ବିକ୍ରେତାଙ୍କୁ ପି.ଓ.ଏସ ମେସିନରୁ ବାହାରୁଥିବା ସ୍ଲିପ୍ ନିଶ୍ଚିତ ଭାବେ ମାଗନ୍ତୁ । ଏଥିରେ ଆପଣ କେଉଁ ସାର କେତେ ପରିମାଣରେ ଓ କେତେ ଦାମରେ କିଣିଲେ ତାର ସ୍ପଷ୍ଟ ସୂଚନା ରହିଥାଏ । ଆବଶ୍ୟକ ପରିମାଣର ସନ୍ତୁଳିତ ସାର ବ୍ୟବହାର କରନ୍ତୁ । ଆମ ମା' ମାଟିକୁ ସୁରକ୍ଷିତ ରଖନ୍ତୁ । ସଚେତନ ଚାଷୀ ଭାବେ ସରକାରଙ୍କ ଏହି ସ୍ୱଚ୍ଛ ଅଭିଯାନରେ ସାମିଲ ହୋଇ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ କଟକର ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁରର ସାଂସଦ ବିଭୁପ୍ରସାଦ ତରାଇ , ନିଆଳିର ବିଧାୟକ ଛବି ମଲ୍ଲିକ, ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିରଦୌସ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ ।ଏହା ସହ କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଏବଂ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, ନିର୍ଦ୍ଦେଶକ ଡଃ ଜିଏକେ କୁମାରଙ୍କ ପ୍ରମୁଖ ମଂଚାସୀନ ଥିଲେ ।

## ପ୍ରକାଶ...

ଜେଓଏସ୍ଏସ୍ଏ କାଉନ୍‌ସେଲିଂ କରାଯିବ । ଏନ୍ଆଇଟି, ଆଇଆଇଇଏସ୍‌ଟି, ଆଇଆଇଆଇଟି, ଜିଏଫ୍‌ଟିଟିଆଇ, ଏବଂ ଦେଶବ୍ୟାପୀ ଅନ୍ୟାନ୍ୟ ଇଞ୍ଜିନିୟରିଂ କଲେଜରେ ପ୍ରବେଶ ପାଇଁ ଜେଓଏସ୍ଏସ୍ଏ କାଉନ୍‌ସେଲିଂ ପରେ ଖାଲିଥିବା ସିଟ୍ ନେଇ କେନ୍ଦ୍ରୀୟ ସିଟ୍ ଆବଣ୍ଟନ ବୋର୍ଡ ଏହି ସିଟ୍ ସବୁ ଅତିରିକ୍ତ ପର୍ଯ୍ୟାୟରେ ପୂରଣ କରିଥାଏ । ଚଳିତବର୍ଷ ୧୧.୨୩ ଲକ୍ଷ ଛାତ୍ରଛାତ୍ରୀ ଜେଇଇ ମେନ୍ ସେସନ୍-୨ ପରୀକ୍ଷା ଦେଇଥିଲେ । ଏପ୍ରିଲ ୨ ଓ ଏପ୍ରିଲ ୮ରେ ପରୀକ୍ଷା ହୋଇଥିଲା । ବିଇ ଓ ବିଟେକ୍ ପାଇଁ ୧୧.୦୬ ଲକ୍ଷ ପରୀକ୍ଷାର୍ଥୀ ପଞ୍ଜିକୃତ ହୋଇଛନ୍ତି । ପ୍ରାୟ ୯୩% ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ସୂଚନା ମିଳିଛି ।

## ରଥ...

ହୋଇଥାଏ । ପ୍ରମୁଖ ନିର୍ମାଣକାରୀଙ୍କ ମସ୍ତକରେ ଶାଢ଼ିବନ୍ଧା ନୀତି ହୋଇଥିଲେ । ଯଥାବିଧି ପୂଜାର୍ଚ୍ଚନା ସରି ବିଶ୍ୱକର୍ମାମାନେ ନୂତନ କୁରାଢ଼ିରେ ରଥ ନିର୍ମାଣ ଅନୁକୂଳ କରିଥିଲେ । । ତିନି ରଥର ମୁଖ୍ୟ ବିଶ୍ୱକର୍ମା ନୂତନ ଲୌହ କୁରାଢ଼ିକୁ ରଥତ୍ରୟର ତିନି କାଠଖଣ୍ଡକୁ ସ୍ପର୍ଶ କରି ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନିର୍ମାଣାର୍ଥେ ପ୍ରାର୍ଥନା କରିଛନ୍ତି । ।ଆସନ୍ତା କାଲି ଠାରୁ ଶ୍ରୀନହର ସମ୍ମୁଖ ରଥ ଖଳାରେ ତିନି ରଥ ତିଆରିର ଶୁଭାରମ୍ଭ ହେବ । ପ୍ରଥମେ ଚକ ନିର୍ମାଣ କରାଯିବ । ଅକ୍ଷୟ ତୃତୀୟାରେ କୌଣସି ଶୁଭ କାର୍ଯ୍ୟ କରାଗଲେ 'ଅକ୍ଷୟ ଫଳ' ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି ।

## ଭୋଟର...

ପରିବାର ଲୋକ ଓ ନିକଟ ସମ୍ପର୍କୀୟଙ୍କୁ ନାଁ ଯୋଡିବା ପାଇଁ ଫର୍ମ-୭ ଦାଖଲ କରିବାକୁ ହେବ । ନାଁ ଯଦି କଟିଛି ତେବେ ଭୋଟରଙ୍କ ଠିକଣାରେ ସୂଚନା ଦେବାକୁ ହେବ । ସନ୍ଦେହଜନକ, ନକଲି କିମ୍ବା ତଥ୍ୟରେ ତ୍ରୁଟି ଥିଲେ ନୋଟିସ କରି ଯାଞ୍ଚ କରାଯିବ । ୧୯୫୦ କଲ୍ ସେଣ୍ଟର, ଇ-ମେଲ୍ କିମ୍ବା ଅନ୍ୟମାଧ୍ୟମରେ ଆସୁଥିବା ମାମଲାକୁ ଗୁରୁତ୍ୱର ସହ ଯାଞ୍ଚ କରିବାକୁ କୁହାଯାଇଛି ।

## ଉପକୂଳ...

ବିଶେଷ କରି ମୁଗ, ବିରି ଏବଂ ପନିପରିବା କ୍ଷେତରେ ମାଟିକୁ ସବୁବେଳେ ଓଦା ରଖିବା ପାଇଁ ଚେଷ୍ଟା କରନ୍ତୁ । ଜଳସେଚନ କେବଳ ସକାଳ ଶୀଘ୍ର କିମ୍ବା ସନ୍ଧ୍ୟା ସମୟରେ କରନ୍ତୁ । ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ବର୍ଷାର ଆଶଙ୍କା ଥିବାରୁ ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନକୁ ନେଇଯିବା ପାଇଁ ସତର୍କ କରାଯାଉଛି । ତାପମାତ୍ରା ୪୦ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଥିବାରୁ ବର୍ତ୍ତମାନ କୌଣସି ପ୍ରକାରର ରାସାୟନିକ ସାର କିମ୍ବା କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହି ସମୟରେ ସାର ପ୍ରୟୋଗ କଲେ ଫସଲ ପୋଡ଼ିଯିବାର ଭୟ ଥାଏ । ବଗିଚା ଫସଲ ଯଥା କଦଳୀ ଓ ଅମୃତଭଣ୍ଡା ଗଛର ମୂଳରେ ନଡ଼ା କିମ୍ବା ଶୁଖିଲା ପତ୍ର ଦେଇ 'ମଲ୍‌ଚିଂ' କରନ୍ତୁ, ଯାହାଦ୍ୱାରା ମାଟିର ଆଦ୍ରତା ବଜାୟ ରହିବ ।

ନିଜର ଗୋରୁଗାଈ ଓ କୁକୁଡ଼ାମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ଦିନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରକୁ ଛାଡ଼ନ୍ତୁ ନାହିଁ । ସେମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଏବଂ ଓଆରଏସ୍ କିମ୍ବା ଗୁଡ଼ ଓ ଲୁଣ ମିଶ୍ରିତ ପାଣି ପିଇବାକୁ ଦିଅନ୍ତୁ । ପଶୁ ରହୁଥିବା ସ୍ଥାନଗୁଡ଼ିକରେ ବାୟୁ ଚଳାଚଳ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ।

# ଡିପିଏସ୍ କଳିଙ୍ଗରେ ରକ୍ତଦାନ ଶିବିର ଆୟୋଜିତ

ଫୁଲନଖରା, (ସବ୍ୟୁ) :: ବିଶିଷ୍ଟ ଶିଳ୍ପଦ୍ୟୋଗୀ ଓ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗର ପ୍ରତିଷ୍ଠାତା ଶ୍ରୀ ମହିମାନନ୍ଦ ମିଶ୍ରଙ୍କ ଜନ୍ମଦିବସ ଅବସରରେ, ପବିତ୍ର ଅକ୍ଷୟ ତୃତୀୟା ଦିନ ବିଦ୍ୟାଳୟ ପରିସରରେ ଏକ ବ୍ୟାପକ ମେଗା ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଥିଲା । "ରକ୍ତଦାନ ମହି ଦାନ' ମନ୍ତ୍ରକୁ ପାଥେୟ କରି ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉତ୍ସାହର ସହିତ ସେଓ୍ୱଚ୍ଛାରେ ଏହି ମହତ କାର୍ଯ୍ୟରେ ଯୋଗଦେଇ ରକ୍ତଦାନ କରିଥିଲେ । କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର, କଟକ ଓ ଡିପିଏସ କଳିଙ୍ଗର ଯୁକ୍ତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ବିଦ୍ୟାଳୟର ପ୍ରୋ-ଭାଇସ ଚେୟାରପର୍ସନ ଶ୍ରୀମତୀ ମାଳା ମିଶ୍ର ଉ"ାଟନ କରି, ରକ୍ତଦାତାମାନଙ୍କ ସମାଜସେବୀ ମନୋଭାବକୁ ସାଧୁବାଦ ଜଣାଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ଏହି ପବିତ୍ର ପ୍ରୟାସକୁ ସ୍ୱାଗତ କରି ସ୍ୱୟଂ ପ୍ରଥମ ରକ୍ତଦାତା ଭାବେ ଅଂଶଗ୍ରହଣ କରିଥିଲେ । କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାରର ଡାକ୍ତର ରାମପ୍ରସାଦ ରାୟ ଓ ଡାକ୍ତର ଅରୁଣ ଖୁଣ୍ଟିଆଙ୍କ ନେତୃତ୍ୱରେ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଡାକ୍ତରମାନଙ୍କ ସହଯୋଗରେ ଶିବିରଟି ସୁଚାରୁ ଭାବେ ପରିଚାଳିତ ହୋଇଥିଲା । ଏହି ଅବସରରେ ମୋଟ ୨୨୩ୟୁନିଟ ରକ୍ତ ସଂଗ୍ରହ ହେବା ସହ ଶିବିରଟି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । ଶିବିରର ସଫଳ ପରିଚାଳନାରେ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ଉପାଧ୍ୟକ୍ଷା ସ୍ୱାତୀ ନାଥ, ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦ, ପ୍ରଶାସନିକ ଅଧିକାରୀ ଶ୍ରୀନିବାସ ଖାଡ଼ଙ୍ଗା ସହ ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ର ଅଧିକାରୀବୃନ୍ଦ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ମୁଖ୍ୟ ଅବଦାନ ରହିଥିଲା । ଏହି ମେଗା ରକ୍ତଦାନ ଶିବିର ମାଧ୍ୟମରେ ସମାଜସେବା ପ୍ରତି ବିଦ୍ୟାଳୟର ପ୍ରତିବଦ୍ଧତା ପୁନର୍ବାର ପ୍ରମାଣିତ ହୋଇଛି ।

# ଆଉ ଜଣେ ଅଗ୍ନିବୀରଙ୍କ ପ୍ରଶିକ୍ଷାର୍ଥୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲୁଗାଁ,(ସବ୍ୟୁ): ଭାରତୀୟ ନୌସେନା (ଆଇ ଏନ ଏସ ) ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ଶାଖା ପରିସରରୁ ରବିବାର ଆଉ ଜଣେ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ମୃତ ଦେହ ଜବତ ହୋଇଛି । ମୃତକ ହେଲେ ବିହାର ରାଜ୍ୟ ଭୋଜପୁର ଜିଲ୍ଲା ସନ୍ଦେଶ ଥାନା ଶାରୀପୁର ଗ୍ରାମର ବିକାଶ କୁମାର । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ସୂଚନା ଯୋଗ୍ୟ, ଗତ ୮ ତାରିଖରେ ଉତ୍ତରପ୍ରଦେଶର କାର୍ତ୍ତିକ ଯାଦବ ନାମକ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ମୃତଦେହକୁ ଜବତ କରାଯାଇଥିଲା । ତେବେ ଏହି ଘଟଣାର ଠିକ ୧୧ ଦିନ ବ୍ୟବଧାନରେ ଆଉ ଜଣେ ପ୍ରଶିକ୍ଷାର୍ଥୀଙ୍କ ମୃତ୍ୟୁ ଘଟଣା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନୌସେନା କର୍ତ୍ତୃପକ୍ଷଙ୍କ ଠାରୁ ଖବର ପାଇ ମୃତ ବିକାଶଙ୍କ ବାପା ପିଣ୍ଟୁ ସାଏ ସୋମବାର ନାଭାଲ ଫାଣ୍ଡିରେ ପହଞ୍ଚି ପୁଅର ଶବକୁ ଚିହ୍ନଟ କରିଥିଲେ ।ଅଭିଯୋଗକୁ ଭିତ୍ତି କରି ବାଲୁଗାଁ ଥାନା ପୋଲିସ ଏ ସଂକ୍ରାନ୍ତରେ ୧୫୨/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଅବ୍ୟାହତ ରଖିଛି । ଅନ୍ୟ ପକ୍ଷେ ପୋଲିସ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରଖିଛନ୍ତି ଆଇ ଏନ ଏସ ଚିଲିକାରେ ଗତ ଫେବୃୟାରୀ ମାସରୁ ୮ମ ବ୍ୟାଚ ଅଗ୍ନିବୀରଙ୍କ ପ୍ରଶିକ୍ଷଣ ଜାରି ରହିଛି । ବିକାଶ ପ୍ରଶିକ୍ଷଣ ନେଉଥିଲେ । ଏପରି ସ୍ଥଳେ ରବିବାର ଭୋରରୁ ବିକାଶ ନିଜ ବାରାକରେ ଅନୁପସ୍ଥିତ ଥିବା ଦେଖି ସାଥି ପ୍ରଶିକ୍ଷାର୍ଥୀ ମାନେ ଖୋଜାଖୋଜି କରିଥିଲେ । ଏହା ପରେ ବାରାକ ନିକଟ ଜିମ ହଲରେ ବିକାଶଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ଅନ୍ୟ ପକ୍ଷେ ସି ସି ଟି ଭି ଫୁଟେଜ ଯାଞ୍ଚ ସହ ତଦନ୍ତ ଜାରି ରହିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

# ବିଜୁ ଜନତା ଦଳର ଅଖିମୁଠି ଅନୁକୂଳ

ପିପିଲି ,(ସବ୍ୟୁ): ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପିପିଲି ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥି ଙ୍କ ନିର୍ଦ୍ଦେଶକ୍ରମେ ତେଇସିପୁର ପଞ୍ଚାୟତର ନିର୍ମଳା ଠାରେ ଅଖିମୁଠୀ ଅନୁକୁଳ ହୋଇଛି । ଏହି ଅବସରରେ ପିପିଲି ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ ,ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ,କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର,ପୂର୍ବତନ ଆମ୍ା ଅଧ୍ୟକ୍ଷ ପ୍ରକାଶ ଧଳ,ପିପିଲି ଏନଏସି ଅଧ୍ୟକ୍ଷ ସେକ ବାବୁ ,ପିପିଲି ଏନଏସି ବରିଷ୍ଠ ବିଜେଡି ନେତା ଶରତ ବେହେରା, ଜିଲ୍ଲାପରିଷଦ ସୁଶାନ୍ତ ମଲ୍ଲିକ,ଯୁବ ବିଜେଡି ନେତା ଆର୍ତ୍ତବନ୍ଧୁ ସାମନ୍ତରାୟ,ମନୋଜ ଦାଶ,ବିଶ୍ୱଜି ଦାଶ, ସୌମ୍ୟରଞ୍ଜନ ମହାପାତ୍ର,ପିଙ୍କୁ ପ୍ରଧାନ ପ୍ରମୁଖ ସହ ଚାଷୀମାନେ ଉପସ୍ଥିତ ରହି ଯଥା ରିତୀନିତୀ ବିଧିମୁତାବକ ବ୍ରାହ୍ମଣଙ୍କ ଦ୍ୱାରା ଭୁମିପୂଜା ପ୍ରଥମେ କରାଯାଇଥିଲା । ପରେ ପୂର୍ବତନ ଆମ୍ା ଅଧ୍ୟକ୍ଷ ଶ୍ରୀଧଳ ଓ ଜିଲ୍ଲାପରିଷଦ ଶ୍ରୀସାହୁ ଜମିରେ ହଳ ଲଙ୍ଗଳ ସାହାର୍ଯ୍ୟରେ ଧାନବୁଣି ଥଲେ ।

# ଓପୋ ଇଣ୍ଡିଆର ଏଫ୍୩୩ ସିରିଜ ଉନ୍ମୋଚିତ

ଭୁବନେଶ୍ୱର: ଓପୋ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଓପୋ ଏଫ୍୩୩ ସିରିଜର ବଜାର ପ୍ରବେଶ କରାଯାଇଛି ଯେଉଁଥିରେ ଓପୋ ଏଫ୍୩୩ ପ୍ରୋ ୫ଜି ଓ ଓପୋ ଏଫ୍୩୩ ୫ଜି ସ୍ମାର୍ଟଫୋନ ଅନ୍ତର୍ଭୁକ୍ତ ରହିଛି । ଏଫ୍୩୩ ସିରିଜରେ ସେଗମେଣ୍ଟର ସବୋତ୍ତମ ୧୦୦ ଫିଲ୍ଡ ଅଫ୍ ଭ୍ୟୁ ସହ ୫୦ଏମ୍ପି ଅଲଫ୍ରା ୱାଇଡ୍ ସେଲ୍‌ଫି କ୍ୟାମେରା, ୧୨୦ଏଚଜେଡ ସ୍ମାର୍ଟ ଆଡାପଟିଭ ରିଫ୍ରେଶ ରେଟ ସହ ୬.୫୭ ଇଂଚ ଫ୍ଲାଟ ଆମୋଲେଡ ଡିସପ୍ଲେ, ୧୪୦୦ ନିଟ୍ସ ପର୍ଯ୍ୟନ୍ତ ଲୋକାଲ ପିକ୍ ବ୍ରାଇଟନେସ୍, ୯୩.୫% ସ୍କ୍ରିନ-ଟୁ-ବଡି ରେସିଓ, ୧.୭ ଏମଏମ ଅଲଟ୍ରା-ଥିନ ବେଜେଲ,ଏଜିସି ଡିଟି-ଷ୍ଟାର ଡି ସ୍କ୍ରିନ ପ୍ରୋଟେକ୍ସନ, ଆଇପି୬୯କେ ଡ୍ୟୁରାବିଲିଟି, ବୃହତ ୭୦୦୦ ଏମଏଏଚ ବ୍ୟାଟେରୀ, କଲରଓଏସ ୧୬ ଓ ୫ଜି କନେକଟିଭିଟି ଭଳି ଫିଚର ରହିଛି । ଓପୋ ଏଫ୍୩୩ ପ୍ରୋ ଏପ୍ରିଲ ୨୩ ତାରିଖ ୨୦୨୬ରୁ ଅଫ୍ଲାଇନ ଷ୍ଟୋର, ଓପୋ ଇ ଷ୍ଟୋର, ଫ୍ଲିପକାର୍ଟ ଓ ଆମାଜନରେ ଉପଲବ୍ଧ ହେବ ଏବଂ ଏଫ୍୩୩ ମଡେଲ ଏପ୍ରିଲ ୨୯ ତାରିଖ ୨୦୨୬ରୁ ଉପଲବ୍ଧ ହେବ ।ଗ୍ରାହକମାନେ ପ୍ରି-ବୁକ ଓ ପ୍ରଥମ ଦିନର ସେଲ୍ ସମୟରେ ବ୍ୟାଙ୍କ ରିହାତି କିମ୍ବା ଏକ୍ସଚେଞ୍ଜ ବୋନସ୍ ପାଇପାରିବେ ।

ଏହି ଶୁଭାରମ୍ଭ ସମ୍ପର୍କରେ ଓପୋ ଇଣ୍ଡିଆର କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ଗୋଲ୍ଡି ପଟ୍ଟନାୟକ କହିଛନ୍ତି, ଏଫ୍ ସିରିଜ ଡ୍ୟୁରାବୁଲ ଚାମ୍ପିଅନ ଭାବେ ନିଜର ପ୍ରତିଷ୍ଠା ଅର୍ଜନ କରିଛ ।ଏଫ୍୩୩ ସିରିଜ ସେହି ପ୍ରତିଶ୍ରୁତିକୁ ବଜାୟ ରଖିଛି ଏବଂ ୧୦୦ ଏଫଓଭି ସହ ସେଗ୍ମେଣ୍ଟର ସର୍ବୋତମ ୫୦ ଏମପି ଅଲଫ୍ରା-ୱାଇଡ୍ ସେଲ୍ଫି କ୍ୟାମେରା ଓ ଏଆଇ ଇମେଜିଂ ଫିଚରଗୁଡ଼ିକର ଏକ ଶୃଙ୍ଖଳା ଅନ୍ତର୍ଭୁକ୍ତକରି ମାନକ ବୃଦ୍ଧି କରିଛି ।

# ବ୍ରହ୍ମପୁରରେ କିସନାର ନୂତନ ସ୍ୱତନ୍ତ୍ର ଶୋରୁମ୍

ବ୍ରହ୍ମପୁର (ସବ୍ୟୁ) : କିସନା ଡାଏମଣ୍ଡ ଏବଂ ସୁନା ଗହଣା ପକ୍ଷରୁ ଓଡିଶାରେ କିସନାର ୬ଷ୍ଠ ବିଶେଷ ଶୋରୁମ୍ ଏବଂ ଭାରତରେ ୧୫୦ ତମ ସୋରୁମର ଭବ୍ୟ ଶୁଭାରମ୍ଭ କରାଯାଇଛି । ଏହି ନୂତନ ଶୋରୁମ୍ ସାନ ବଜାର ବ୍ରହ୍ମପୁର ଠାରେ ଅବସ୍ଥିତ । ଏହି ଉଦ୍‌ଘାଟନ ଅବସରରେ ହରି କ୍ରିଷ୍ଣା ଗ୍ରୁପ୍ର ପ୍ରତିଷ୍ଠାତା ଏବଂ ଏମଡ଼ି, ଘନଶ୍ୟାମ ଢୋଲକିଆ ଉପସ୍ଥିତ ଥିଲେ। ଏହି ନୂତନ ଶୋରୁମ୍ ମାଧ୍ୟମରେ କିସନା ଏହି ଅଂଚଳରେ ତାହାର ଉପସ୍ଥିତିକୁ ଆହୁରି ସୁଦୃଢ କରିଛି । ଏହି ବିଶାଳ ଶୁଭାରମ୍ଭକୁ ଚିହ୍ନିତ କରିବା ପାଇଁ କିସନା ପକ୍ଷରୁ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ଆରମ୍ଭ କରାଯାଇଛି, ଯେଉଁଥିରେ ହୀରା ଅଳଙ୍କାର ଉପରେ ୫%ର ଅତିରିକ୍ତ ରିହାତି ଅନ୍ତର୍ଭୁକ୍ତ ଥିଲା । ଏହି ଅଫର କେବଳ ଶୋ'ରୁମ ଲଂଚ ଦିବସରେ ସ୍ୱତନ୍ତ୍ର ଭାବେ ବୈଧ ।


**AFFIDAVIT**

By virtue of an affidavit sworn before the executive magistrate, Danagadi. I, Sanjay Kumar Sahoo, Aged (43), S/o- Raghunath Sahoo, Resident of vill- Telibahali, Po- Danagadi, Ps- Jakhapura, Dist- Jajpur, Odisha, Pin-755026, Declare that I have changed my name from Sanjay Sahoo to Sanjay Kumar Sahoo and changed my minor son's name from Kahna Sahoo to Kanha Sahoo. Henceforth, I shall be known as Sanjay Kumar Sahoo & Kanha Sahoo for all purposes .

Sd/- Sanjay Kumar Sahoo

**AFFIDAVIT**

By virtue of an affidavit sworn before the executive magistrate, Rairakhol. I, Tuna Dehuri, S/o- Mitra Dehuri Resident of Vill- Kaing, Po- Ghosaramal, Ps- Naktideul, Dist- Sambalpur, Odisha, Pin-768106, Declare by this affidavit no. 528, dated.20.04.2026. I have changed my name from Kuna Dehuri to Tuna Dehuri. Henceforth, I shall be known as Tuna Dehuri for all purposes .

Sd/- Tuna Dehuri

**Cuttack Municipal Corporation**
Biju Bhawan, Choudhary Bazaar,
Cuttack-753001

**Request for Proposal (RFP) for "Selection of Agency for Operation & Management of Biswanath Pandit Central Library located at Badambadi, Cuttack"**

13001/239/2627

The Commissioner, Cuttack Municipal Corporation (CMC), Cuttack, Government of Odisha invites technical and financial proposals from reputed Agency/Firms for **"Selection of Agency for Operation & Management of Biswanath Pandit Central Library located at Badambadi, Cuttack**. The interested and eligible Agency/Firms. as specified in Detailed Tender Call Notice (DTCN), may apply for the same in ON-LINE mode (For details visit **https://tendersodisha.gov.in**).

| SL No. | List of Key Events | Critical Dates |
|---|---|---|
| 1 | Availability of bid document in ihc website | From 05.00 P.M. of 21.04.2026 to 11.05.2026 up to 5:00 P.M. |
| 2 | Last date of Pre bid queries | 27,04.2026 up to 5.00 P.M. |
| 3 | Upload Pre bid queries | 29.04.2026 at 5,00 P.M. |
| 4 | Last date of online receipt of Bid | 11.05.2026 up to 5:00 P.M. |
| 5 | Last date of Hardcopy receipt of Bid | 12.05.2026 up to 5:00 P.M. |
| 6 | Date of opening of Technical Bid | 13.05.2026 at 12:00 P.M. |
| 7 | Date of Presentation | Date: 15.05.2026 at 12:00 P.M. at Biju Bhawan, Choudhary Bazar, Cuuack-75300l (if the time or date is changed, it will be intimated to the participating bidders via email) |
| 8 | Date of opening Financial Bid | 20.05.2026 at 4:00 P.M. |

The complete bidding documents, fee details, descriptions of items and key dates can be viewed/downloaded from the website; **https://tendersodisha.gov.in.** Please note that CMC reserves the right to accept or reject the Bid process at any stage without assigning any reason whatsoever,

Sd/- Commissioner
Cuttack Municipal Corporation

OIPR : 13001/13031/1/26-27/0011

रजिस्ट्री सं. डी. एल.- 33004/99 REGD. No. D.L.-33004/99

भारत का राजपत्र
The Gazette of India

-डी. एल.-अ.-18112025-267784
CG-DL-E-18112025-267784
असाधारण
EXTRAORDINARY
भाग II—खण्ड 3—उप-खण्ड (ii)
PART II—Section 3—Sub-section (ii)
प्राधिकार से प्रकाशित
PUBLISHED BY AUTHORITY

सं. 5058] नई दिल्ली, सोमवार, 17 नवंबर, 2025/कार्तिक 26, 1947
No. 5058] NEW DELHI, MONDAY, NOVEMBER 17, 2025/KARTIKA 26, 1947

**MINISTRY OF ROAD TRANSPORT AND HIGHWAYS**
Notification
New Delhi, the 17 November 2025

S.O 5228(A) In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc..), maintenance, management and operation of NH26 in the stretch of land from Km. 302.813 to Km. 303.582 in the village(s) namely-Daibhata Taluk- Nandahandi in the district of NABARANGPUR in the state of ODISHA hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Tahasildar, Nandahandi In writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

SCHEDULE

**Brief Description of the land to be acquired with or without structures falling NH26 in the stretch of land from Km. 302.813 to Km. 303.582 in the village(s) namely- Daibhata Taluk-Nandahandi in the district of NABARANGPUR in the state of ODISHA**

7678 GI/2025

File Number: F. No. RO/BBSR/11017/LA/97/2016/3A1
Shaikh Amin khan , Director.

District: NABARANGPUR
https://egazette.gov.in
Publication Date: 17 November 2025
https://egazette.gov.in
https : //bhoomirashi.gov.in)
Note : The physical copy of this notification is also available at the office of CALA/PIU/PMU/RO/ED and Landowners may also see the notification there.

OIPR : 24001/24438/3/26-27/0001

Bhuban Dhenkanal- 759017
E-mail :ori-bhuban@nic.in

**OFFICE OF THE PANCHAYAT SAMITI, BHUBAN, DHENKANAL**
**PR & DW DEPARTMENT**

19001/27/2627

**Tender Call Notice**
**Bid Identification No. BDO, Bhuban-01/2026-27**

The Block Development Officer, Bhuban on behalf of Government of Odisha inviting percentage rate from eligible contractors for construction of ACR building work detail in the table below.

| | | | |
|---|---|---|---|
| 1. | Name of work | : | Construction of Additional Classroom building at Nua-Bhuban High School |
| 2. | Nature of work | : | Building Works |
| 3. | Number of Work | : | 1 (One) |
| 4. | Tender Cost & EMD | : | As mentioned in DTCN |
| 5. | Class of contractor | : | As mentioned in DTCN |
| 6. | Available Bid document in the District Website | : | From 20.04.2026 7.00 AM to 30.04.2026 up to 1.00PM |
| 7. | Last date/Time of receipt of the original bid documents | : | 30.04.2026 1.00 PM (only Regd. Post/Speed Post) |
| 7. | Date of Opening of Bid | : | 04-05-2026 10 .00 AM |
| 8. | Name & Address of the Office: Office of the Block Development Officer, Bhuban | | |
| 9. | Further details can be seen from the Dhenkanal Portal www.dhenkanal.nic.in. Any addendum/ Corrigendum/ Cancellation of tender can also be seen in the said website. | | |

Sd/- Block Development Officer
Bhuban

OIPR : 19001/19323/1/26-27/0001

**Sambalpur Municipal Corporation**
**Sambalpur**
Email Id : sambalpurm.hud@nic.in
Notice No. 5653/SMC/Eng. Dt. 17.04.2026

13001/236/2627

**'e' Procurement Notice**
**Bid Identification No. 05/SMC_SBP/2026-27**
**Tender ID No. 2026_ORULB_128196**

The Municipal Commissioneer on behalf of Municipal Corporation, Sambalpur invites tender in double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

| | | | |
|---|---|---|---|
| 1. | Number of Civil works | : | 1 (One) number |
| 2. | Estimated Costs | : | 84.34 lakhs |
| 3. | Period of Completion | : | As per NIT |
| 4. | Date and time of availability of the bid documents in the portal | : | From 11 A.M. of 18.04.2026 to 05.00 PM of 04.05.2026 |
| 5. | Last Date / Time for receipt of bids in the portal | : | 05.00 PM of 04.05.2026 |
| 6. | Bids will be opened on | : | 11.00 AM of Dt. 05.05.2026 |
| 7. | Name and address of the officer inviting bid | : | Municipal Commissioner, Sambalpur Municipal Corporation, Sambalpur |

Sd/- Commissioner
Sambalpur Municipal Corporation

OIPR : 13001/13122/1/26-27/0005

**OFFICE OF THE SUPERINTENDING ENGINEER,**
**QUALITY ASSURANCE DIVISION, CHANDIKHOL,**
32001/82/2627 AT/PO- NEULAPUR, PIN-755024
Email Id: seqadchandikhol2021@gmail.com

**Quotation Call Notice No. 01 72026-27**

Sealed quotations are invited in the prescribed format from the interested reputed Travel Agencies / Tour Operators / Individuals having valid & up to date registration under GST Act for providing vehicle with driver following schedules of given in the BID document. The Quotation format will be available in the O/o Superintending Engineer, Quality Assurance Division, Chandikhol from 10:00 AM of 22.04.2026 to 11:00 AM of 30.04.2026 without any Tender Paper cost. Security deposit for an amount of Rs. 5000 each vehicle most be deposited in shape of FD/NAC/TDR/KVP duly pledged in favour of Superintending Engineer, Quality Assurance Division, Chandikhol along with the quotation format. In case of the specified date of quotation opening being declared as holiday, the quotation will be opened at the scheduled time on the next working day. The authority reserves the right to reject any or all quotation without assigning any reason thereof.

| | | | |
|---|---|---|---|
| 1 | Name of the work | : | Hiring of Private Vehicle for Superintending Engineer, Quality Assurance Division, Chandikhol |
| 2 | Date of Sales of Document | : | 22.04.2026 to 30.04.2026 |
| 3 | Last date of Sale | : | 30.04.2026 up to 11:00 AM |
| 4 | Date of Opening of BIDs / Quotations | : | 30.04.2026 at 11:30 AM |

Sd/- Superintending Engineer,
Quality Assurance Division,
Chandikhol

OIPR : 32001/32454/1/26-27/0001


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଖଡ଼ଗପୁରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ବିଜେପି ସରକାର ହେଲେ ଦୁର୍ନୀତି ଓ ଅରାଜକତାରୁ ମୁକ୍ତ ହେବ ପଶ୍ଚିମବଙ୍ଗ

ଭୁବନେଶ୍ୱର (ସବ୍ୟୁ): ବର୍ତ୍ତମାନର ଟିଏମସି ସରକାର ଅଧୀନରେ ପଶ୍ଚିମବଙ୍ଗ ଦୁର୍ନୀତି, ଅରାଜକତା ଓ ତୁଷ୍ଟିକରଣ ରାଜନୀତିରେ ଫସି ରହିଛି । ସିଣ୍ଡିକେଟ୍ ରାଜ୍ ; ଶାସନ ବ୍ୟବସ୍ଥାକୁ ଭିତରୁ ଖୋଳପା କରିଦେଇଛି । ତେବେ ଏଠାରେ ବିଜେପି ସରକାର ଆସିଲେ ଏ ସବୁର ଅନ୍ତ ଘଟିବ ବୋଲି ଆଜି ପଶ୍ଚିମବଙ୍ଗର ଖଡ଼ଗପୁରରେ ରହୁଥିବା ପ୍ରବାସୀ ଓଡ଼ିଆ ଭାଇ ଭଉଣୀମାନଙ୍କୁ ସମ୍ବୋଧିତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପବିତ୍ର 'ଅକ୍ଷୟ ତୃତୀୟା' ଅବସରରେ ଶ୍ରୀ ପ୍ରଧାନ ପ୍ରଥମେ ଖଡ଼ଗପୁର ସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ପରେ ଏକ ପଥପ୍ରାନ୍ତ ସଭାକୁ ସମ୍ବୋଧିତ କରି କହିଥିଲେ ଯେ, ଖଡ଼ଗପୁରରେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ବସବାସ କରୁଥିବା ଓଡ଼ିଆ ଭାଇଭଉଣୀମାନେ



ନିଜର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ଏହା ଆମ ଓଡ଼ିଆ ଅସ୍ମିତାର ଏକ ଗୌରବମୟ ପରିଚୟ । ରାଜ୍ୟର ରାଜନୈତିକ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ସରକାରୀ ଦୁର୍ନୀତି ଯୋଗୁଁ ଯୋଗ୍ୟ ଯୁବକଯୁବତୀମାନେ ଚାକିରିରୁ ବଞ୍ଚିତ ହେଉଛନ୍ତି । 'ମା, ମାଟି, ମନୁଷ'ର ନାରା ଦେଉଥିବା ସରକାରଙ୍କ ଶାସନରେ ମହିଳାମାନେ ଆଜି ସବୁଠାରୁ ଅସୁରକ୍ଷିତ । ଚାଷୀମାନେ ନିଜର ହକ୍ ପାଉନାହାନ୍ତି ଏବଂ ସେମାନଙ୍କ ସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ମମତା ବାନାର୍ଜୀଙ୍କ ସରକାର କେବଳ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ବାହାର ଦେଶର ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ଦେଉଛନ୍ତି, ଯାହା ସ୍ଥାନୀୟ ଲୋକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆଗାମୀ ନିର୍ବାଚନରେ ବିଜେପି ପ୍ରାର୍ଥୀ ଦିଲ୍ଲୀପ ଘୋଷଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରନ୍ତୁ, ଯାହାଦ୍ୱାରା ବଙ୍ଗଳାରେ ପରିବର୍ତ୍ତନର ଲହର ଆସିପାରିବ । ପଶ୍ଚିମବଙ୍ଗର ଜନସାଧାରଣ ଏହି ଅନ୍ୟାୟ ଓ ଭୟର ଶାସନକୁ ସମାପ୍ତ କରିବା ପାଇଁ ମନସ୍ଥ କରିସାରିଛନ୍ତି । ଚଳିତ ନିର୍ବାଚନରେ ଜନତା ଭୋଟ୍ ମାଧ୍ୟମରେ ଏହାର ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

### ଏମ୍ସ ଭୁବନେଶ୍ୱରରେ ମୃତକଙ୍କ ଯକୃତ ଦାନ

# ନୂତନ ଜୀବନ ପାଇଲେ ୪୬ ବର୍ଷୀୟ ବ୍ୟକ୍ତି

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବିଶେଷ ସଫଳତା ସ୍ୱରୂପ, ଏମ୍ସ ଭୁବନେଶ୍ୱରରେ ଚଳିତ ମାସରେ ଜଣେ ମୃତ ଦାତାଙ୍କ ଯକୃତ ଦାନ ଫଳରେ ନୂତନ ଜୀବନ ପାଇଛନ୍ତି ୪୬ ବର୍ଷୀୟ ବ୍ୟକ୍ତି । ଏମ୍ସ ଭୁବନେଶ୍ୱରରେ ସଫଳତାର ସହିତ ଏହି ଯକୃତ ପ୍ରତିରୋପଣ ସମ୍ପନ୍ନ ହୋଇଥିଲା । ଏପରି ସଫଳତା ବିଶ୍ୱ ଯକୃତ ଦିବସର ପ୍ରକୃତ ଅନୁଚିନ୍ତାକୁ ପ୍ରତିପାଦିତ କରିଛି । ଏହା ଯକୃତ ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ଅଙ୍ଗଦାନର ଜୀବନ ରକ୍ଷାକାରୀ ପ୍ରଭାବକୁ ଉଜାଗର କରିଥାଏ ।

ଏହି ପ୍ରେରଣାଦାୟକ କାହାଣୀର କେନ୍ଦ୍ରରେ ଅଛନ୍ତି ଭଦ୍ରକ ଜିଲ୍ଲାର ଜଣେ ଉତ୍ସର୍ଗୀକୃତ ହୋମିଓପାଥିକ୍ ଚିକିତ୍ସା ଅଧିକାରୀ ଡ. ରାଧା ପାଢ଼ୀ । ଦୀର୍ଘ ବର୍ଷ ଧରି ପ୍ଲେଟଲେଟ୍ ରୋଗ ସହିତ ଲଢୁଥିବା ସେ%୦, ସେ ଉଲ୍ଲେଖନୀୟ ସାହସ ଏବଂ ନିଷ୍ଠା ପ୍ରଦର୍ଶନ କରି ତାଙ୍କ ଅଙ୍ଗଗୁଡ଼ିକୁ ଦାନ କରିବା



ନିମନ୍ତେ ପ୍ରତିଜ୍ଞା କରିଥିଲେ । ନିଜର ଅସୁସ୍ଥତା କାରଣରୁ ଏମ୍ସରେ ଚିକିତ୍ସାଧୀନ ଥିଲେ ଡ. ପାଢ଼ୀ । ଚଳିତ ମାସ ୨ ତାରିଖରେ ଡ. ପାଢ଼ୀଙ୍କୁ ବ୍ରେନ୍ ଷ୍ଟେମ୍ ମୃତ୍ୟୁ ଘୋଷଣା ପରେ, ତାଙ୍କ ପରିବାର ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଅତ୍ୟନ୍ତ ସମ୍ବେଦନଶୀଳ ସମୟରେ ଅଙ୍ଗଦାନ କରିବାକୁ ସମ୍ମତି ପ୍ରଦାନ କରିଥିଲେ । ୩ ତାରିଖରେ ଏମ୍ସ ଭୁବନେଶ୍ୱରର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦଳ ଦ୍ୱାରା ତାଙ୍କର ଯକୃତକୁ ୪୬ ବର୍ଷୀୟ ଜଣେ ପୁରୁଷ ରୋଗୀଙ୍କ ଶରୀରରେ ସଫଳତାର ସହିତ ପ୍ରତିରୋପଣ କରାଯାଇଥିଲା । ଯକୃତ ପ୍ରତିରୋପିତ ହୋଇଥିବା ବ୍ୟକ୍ତିଜଣଙ୍କ ସୁସ୍ଥ ଅଛନ୍ତି । ମଙ୍ଗଳବାର ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବା ନେଇ ସୂଚନା ମିଳିଛି । ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଦାତାଙ୍କ ପରିବାର ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରି ସଚେତନତା ଏବଂ ଆବେଗିକ ଭାବନାରେ ଅଙ୍ଗ ଦାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ତାଙ୍କ ନିଃସ୍ୱାର୍ଥପର ଅବଦାନକୁ ସ୍ୱୀକୃତି ଦେଇ, ଡ. ପାଢ଼ୀଙ୍କୁ ମେଡିକାଲ୍ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏମ୍ସ ଭୁବନେଶ୍ୱରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା ।

## ବନମାଳୀ ଶତପଥୀଙ୍କ ଜୟନ୍ତୀ ପାଳନ

ଜଟଣୀ, (ସବ୍ୟୁ) : ଜଟଣୀ ପୌରପାଳିକାର ପ୍ରାକ୍ତନ ନଗରପାଳ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବନମାଳୀ ଶତପଥୀଙ୍କ ୧୧୨ତମ ଜନ୍ମଜୟନ୍ତୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପାଳନ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକାରର ଜନହିତକର କାର୍ଯ୍ୟକ୍ରମ ମାନ କରାଯିବା ସହିତ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଆବକ୍ଷ ପ୍ରତିମୂର୍ତ୍ତିରେ ବନମାଳୀ ସ୍ମୃତି କମିଟି ପକ୍ଷରୁ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସହିତ ସ୍ମୃତି ଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତଃ ବନମାଳୀଙ୍କ ସୁପୁତ୍ର ସୀତାକାନ୍ତ ଶତପଥୀ, ରାଧାରଞ୍ଜନ ଶତପଥୀ, ଅରୁଣ କୁମାର ମହାନ୍ତି, ରାଜ୍ୟ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ, ସୁରଜ ପାଇକରାୟ,ପୂର୍ବତନ ପୌର ଅଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, ପୂର୍ବତନ ସରପଞ୍ଚ ସୁନୀଲ ରାଉତରାୟ, ଆଇନଜୀବୀ ସୌମେନ୍ଦ୍ର ପଟ୍ଟନାୟକ, ଡ ସୁକାନ୍ତି ମହାପାତ୍ର,ଅଙ୍କିତା ଶର୍ମା, ଅକ୍ଷୟ କୁମାର ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

### ହର୍ଷିତାଙ୍କୁ ମନୀଷ ସ୍ମାରକୀ 'ନିର୍ଭୟ' ଯୁବ ପୁରସ୍କାର

# 'ସୋସିଆଲ୍ ମିଡିଆରୁ ବର୍ତ୍ତି ଯୁବଗୋଷ୍ଠୀ ବିବେକବାନ ହୁଅନ୍ତୁ'

ଭୁବନେଶ୍ୱର (ସବ୍ୟୁ): ବଜାର ଆଜି ସମସ୍ତଙ୍କୁ କରାୟତ କରିଛି । ଯୁବଗୋଷ୍ଠୀ ଆଜି ସେଲିବ୍ରିଟି ହେବା ପାଇଁ ଚାହୁଁଛନ୍ତି । ଇଟ୍ସ ମାଇ ଲାଇଫ୍ ଓ ମାଇ ଚଏସ୍ ବୋଲି ନାରା ଦେଇ ନିଜ ମନ ଚାହୁଁଥିବା କଥା ସାମାଜିକ ଗଣମାଧ୍ୟମର ପ୍ରଭାବରେ କରିବାକୁ ଚାହୁଁଛନ୍ତି ସେମାନେ। ନିଜ ସ୍ୱାଧୀନତା ବୋଲି ଯାହାକୁ ଯୁବଗୋଷ୍ଠୀ କହୁଛନ୍ତି ତାହା ଏବେ ସ୍ୱେଚ୍ଛାଚାରିତା ଆଡ଼କୁ ଗତିକରି ଯାଉଛି ବୋଲି ମନୀଷ ସ୍ମାରକୀ 'ନିର୍ଭୟ' ଯୁବ ପୁରସ୍କାର ୨୦୨୬ ସମାରୋହର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ତଥା ମହାତ୍ମା ଗାନ୍ଧୀ ଆନ୍ତର୍ଜାତୀକ ହିନ୍ଦି ବିଶ୍ୱବିଦ୍ୟାଳୟ ୱାର୍ଦ୍ଧାର କୁଳପତି ପ୍ରଫେସର କୁମୁଦ ଶର୍ମା ତାଙ୍କ ଭାଷଣରେ କହିଥିଲେ। ସମସ୍ତେ ଆଜି ଗ୍ଲୋବାଲ ବ୍ୟକ୍ତି ହେବା ପାଇଁ ଚାହୁଁଥିଲା ବେଳେ ସୋସାଆଲ୍ ମିଡିଆରେ ସେଇଥିପାଇଁ ଯୁବଗୋଷ୍ଠୀ ସକ୍ରିୟ ହୋଇଯାଇଛନ୍ତି । ସେ କହିଥିଲେ ନିଜ ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରୀ ହୋଇଯିବା ମାନସିକତାରେ ପଡୁଥିବା ଯୁବଗୋଷ୍ଠୀ ବିବେକବାନ ହେବା ଦରକାର। ସେ ସତର୍କ କରି କହିଥିଲେ ଆଜି ଭାରତର ଯୁବଗୋଷ୍ଠୀଙ୍କ ସକାଶେ ସବୁଠାରୁ ବଡ଼ ଚାଲେଞ୍ଜ ହେଉଛି ସୋସିଆଲ୍ ମିଡିଆର ଫାସରୁ ନିଜକୁ ମୁକ୍ତ ରଖିବା। ପରିବାରର ମୁଖ୍ୟମାନଙ୍କୁ ସମୟ ଆସିଛି ଯୁବ ସମାଜକୁ



ଏକ ଆଦର୍ଶ ଓ ସଠିକ୍ ମାର୍ଗ ଦେଖାଇବାର। ଦୈନିକ 'ନିର୍ଭୟ' ପକ୍ଷରୁ ଯୁବ ପୁରସ୍କାର ପ୍ରଦାନର ଧାରା ଆରମ୍ଭ କରାଯାଇଥିବାରୁ ଏହାକୁ ପ୍ରଶଂସା କରି ପ୍ରତିବର୍ଷର ବିଜେତା ମାନେ ସମାଜରେ ଏକ ଗୁଣାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ। ସ୍ଥାନୀୟ ହୋଟେଲ ମେ' ଫେୟାର କନଭେନସନ ହଲ୍‌ଠାରେ ସୋମବାର ଆୟୋଜିତ ହୋଇଥିବା 'ନିର୍ଭୟ' ମନୀଷ ସ୍ମାରକୀ ଯୁବ ପୁରସ୍କାର ପ୍ରଦାନ ଉତ୍ସବରେ ୱିଙ୍ଗ କମାଣ୍ଡର ଦେବୀଦତ୍ତ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଯୁବ ସମାଜ ଏକାଧିକ ଚାଲେଞ୍ଜର ସାମ୍ନା କରୁଛି ବୋଲି କହିଥିଲେ। 'ନିର୍ଭୟ' ମନୀଷ ସ୍ମାରକୀ ଦ୍ୱିତୀୟ ଯୁବ ପୁରସ୍କାର ଜୟପୁରର ଦଶମ ଶ୍ରେଣୀ ଛାତ୍ରୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଯିଏ ଦେଶୀଆ ବିହନର ପ୍ରସାର ଦିଗରେ ଗତ ତିନିବର୍ଷ ହେଲା କାର୍ଯ୍ୟ କରି କୋରାପୁଟ ଜିଲାରେ ଏକ ବଡ଼ ବିପ୍ଳବ ଆଣି ଦେଇପାରିଛନ୍ତି । ଆଦିବାସୀ ମହିଳା ଓ ଛାତ୍ରଛାତ୍ରୀଙ୍କୁ ତାଙ୍କ ଦ୍ୱାରା ସ୍ଥାପିତ ପ୍ରୋଜେକ୍ଟ ହର୍ଷିତା ଚାଷ ପାଇଁ ସଚେତନତା ସୃଷ୍ଟି କରୁଛି। ବିଶେଷ ଟ୍ରଫି, ଉତ୍ତରୀୟ, ଅଭିନନ୍ଦନ ପତ୍ର ସହ ନଗଦ ୨୫ ହଜାର ଟଙ୍କା ହର୍ଷିତାଙ୍କୁ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। 'ନିର୍ଭୟ' ସମ୍ପାଦକ ନବୀନ ଦାସଙ୍କ ସଭାପତିତ୍ୱରେ ତଥା ସହଯୋଗୀ ସମ୍ପାଦକ ସଂଚିତ ମହାପାତ୍ରଙ୍କ ସଂଚାଳନରେ ଅନୁଷ୍ଠିତ ଏହି ସମାରୋହରେ ସାନ୍ତାଳୀ ଭାଷାବିତ୍ ଫାଗୁ ବାସ୍କେ ସମ୍ମାନିତ ଅତିଥି ଭାବରେ ମଧ୍ୟ ସାମିଲ ହୋଇଥିଲେ। ପ୍ରଥମ ଅଧିବେଶନରେ ଏଆଇ, ପରମ୍ପରା ଓ ଓଡ଼ିଶାର ଯୁବଗୋଷ୍ଠୀ ଶୀର୍ଷକରେ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କଥାଶିଳ୍ପୀ ତଥା ବରିଷ୍ଠ ପ୍ରଶାସକ ଦେବପ୍ରସାଦ ଦାଶ, ପ୍ରଫେସର ଆଦ୍ୟାଶା ଦାସ ଏବଂ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ ଅଂଶଗ୍ରହଣ କରି ନିଜ ନିଜ ଭାବନା ବ୍ୟକ୍ତ କରିଥିଲେ।

## ବରିଷ୍ଠ ନାଗରିକ କଲ୍ୟାଣକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା




କଟକ, (ସ୍ୱପ୍ର): ସ୍ଥାନୀୟ ୫୩ନଂ ୱାର୍ଡ ଅନ୍ଦରପୁର ବରିଷ୍ଠ ନାଗରିକ କଲ୍ୟାଣ କେନ୍ଦ୍ରଠାରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମେ ଶହେ ବର୍ଷ ବଞ୍ଚିବା କିପରି ଉପରେ ଆଲୋଚନା କରିଥିଲେ । ଉତ୍ତମ ଜୀବନ ଚର୍ଯ୍ୟା, ନିୟମିତ ପ୍ରାଣାୟାମ, ଯୋଗ, ପ୍ରାତଃ ଭ୍ରମଣ, ସନ୍ତୁଳିତ ଖାଦ୍ୟ ଗ୍ରହଣ ସହିତ ସଂଜମତା ରକ୍ଷା ଓ ହସ ଖୁସିରେ ଜୀବନ ଅତିବାହିତ କଲେ ଆମ୍ଭେ ବହୁ ବର୍ଷ ବଞ୍ଚିପରିବା ବୋଲି ଡାକ୍ତର ତ୍ରିପାଠୀ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ରାଜନୀକାନ୍ତ ପରିଜା ପରିଚାଳନା କରିଥିଲେ । ଏଥିରେ ଭାଗ୍ୟଧର ବ୍ରହ୍ମା, ନିତ୍ୟାନନ୍ଦ ଭୋଳ, ସତ୍ୟକୁମାର ସାହାଣୀ, ବିଜୟାନନ୍ଦ ସାହୁ, ପ୍ରାଣକୃଷ୍ଣ ଜେନା, ଗଗନବିହାରୀ ଭୂୟାଁଙ୍କ ସମେତ ୩୦ ଜଣ ବରିଷ୍ଠ ନାଗରିକ ସେମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଡାକ୍ତରଙ୍କ ଠାରୁ ପରାମର୍ଶ ଗ୍ରହଣ କରିଥିଲେ । ଶେଷରେ ବିଷ୍ଣୁ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ଲାଟିନମ୍ ଖଣିଜ ପଦାର୍ଥ ଉତ୍ତୋଳନରେ ଓଏମ୍‌ସିର ବଡ଼ ସଫଳତା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଖଣିଜ ସମ୍ପଦ ଉତ୍ତୋଳନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । କେନ୍ଦୁଝର ଜିଲ୍ଲା ବାଙ୍ଗୁର କ୍ରୋମାଇଟ୍ ଖଣିରୁ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟସ୍ ବା ପ୍ଲାଟିନମ୍ ଧାତୁ ଉତ୍ତୋଳନ ପାଇଁ ଓଡ଼ିଶା ଖଣି ନିଗମ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱର ସ୍ଥିତ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ପରିସରରେ ପ୍ଲାଟିନମ୍ ଗ୍ରୁପ୍ ମିନେରାଲ୍ସ ବା ପ୍ଲାଟିନମ୍ ଖଣିଜ ପଦାର୍ଥ ପାଇଲଟ୍ ପ୍ଲାଣ୍ଟର ସଫଳ ପରୀକ୍ଷଣ କରାଯାଇଛି। ଏହା ଭାରତର ପ୍ରଥମ ସମନ୍ୱିତ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟସ୍ ବା ପ୍ଲାଟିନମ୍ ଧାତୁ ପ୍ରକଳ୍ପ, ଯାହା ଖଣିଜ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବା ଦିଗରେ ଏକ ବଡ଼ ସଫଳତା ଆଣିଦେବ। ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟସ୍ ତଥା ପ୍ଲାଟିନମ୍, ପାଲାଡିୟମ୍ ଏବଂ ରୋଡିୟମ୍ ଭଳି ମୂଲ୍ୟବାନ ଧାତୁଗୁଡିକ କ୍ଲିନ୍ ଏନର୍ଜି, ଇଲେକ୍ଟ୍ରୋନିକ୍ସ ଏବଂ ଅଟୋମୋଟିଭ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡ଼ିଶା ଖଣି ନିଗମ ଏବଂ




ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ଓ ଦକ୍ଷିଣ ଆଫ୍ରିକାର ମିଣ୍ଟେକ୍ ର ମିଳିତ ସହଯୋଗରେ ଦୁଇ ପର୍ଯ୍ୟାୟ ବିଶିଷ୍ଟ ଗବେଷଣା ଏବଂ ବିକାଶ କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପାଇଲଟ୍ ପ୍ଲାଣ୍ଟ ଘଣ୍ଟା ପ୍ରତି ୧ ଟନ୍ ଖଣିଜ ପ୍ରକ୍ରିୟାକରଣ କରିବାର କ୍ଷମତା ରଖୁଛି । ଅକ୍ଟୋବର ୨୦୨୫ରେ ବାଙ୍ଗୁର ଖଣିଠାରେ ଓଡ଼ିଶା ଖଣି ନିଗମ, ମିଣ୍ଟେକ୍ ଏବଂ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ର ମିଳିତ ଉଦ୍ୟମରେ କରାଯାଇଥିବା ଅଧ୍ୟୟନରୁ ପାଇଲଟ୍ ପ୍ଲାଣ୍ଟର ଡିଜାଇନ୍ ଏବଂ ପରିଚାଳନାର ବିଶେଷ ତଥ୍ୟ ସଂଗ୍ରହ କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ଓଡ଼ିଶା ଖଣି ନିଗମର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି । ଏହା ଓଡ଼ିଶାକୁ ଉନ୍ନତ ଖଣିଜ ପ୍ରକ୍ରିୟାକରଣରେ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ କରିବା ସହ ଭାରତର ଖଣିଜ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ସ୍ଥିତ ଓଲ୍ଡ ଟାଉନର ବାସିନ୍ଦା ପ୍ରତିମା ମହାପାତ୍ରଙ୍କ ରବିବାର ରାତ୍ରୀରେ ହୃଦ୍‌ଘାତରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା । ସେ ସ୍ଥାନୀୟ ଚକେଇ ସିଆଁଣିରେ



ଜନ୍ମଗ୍ରହଣ କରିଥିଲେ । ସେ ଅତ୍ୟନ୍ତ ଧର୍ମପ୍ରାଣା ପରପୋକାରୀ ଓ ସ୍ନେହଶୀଳା ମହିଳା ଭାବେ ପରିବାର ତଥା ବିଭିନ୍ନ ମହଲରେ ଆଦରଣୀୟ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଗଗନ ବିହାରୀ ମହାପାତ୍ରଙ୍କ ସମେତ ପୁତ୍ର ମୋହନ, ପୁତ୍ରବଧୂ ଲିପା, ଝିଅ ସ୍ୱପ୍ନା, ଅର୍ଚ୍ଚନା, ବନ୍ଦନା, ରଞ୍ଜନା, ଜ୍ୱାଇଁ ନୀଳାଦ୍ରି ତ୍ରିପାଠୀ, କାବୁ ବଟ୍ଟୁ, ଦିଲ୍ଲୀପ ପତି, ସୁନୀଲ ମହାପାତ୍ର, ନାତି, ନାତୁଣୀ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା ।

## ଜାଗୁଳିପାଟଣାରେ ରଥକାଠ ଅନୁକୂଳ

ଖୋର୍ଦ୍ଧା, (ସବ୍ୟୁ): ପବିତ୍ର ଅକ୍ଷୟ ତୃତୀୟାରେ ପାରମ୍ପରିକ ରୀତିନୀତିରେ ଜାଗୁଳିପାଟଣାସ୍ଥିତ ପୂର୍ଣ୍ଣବିଗ୍ରହ ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ଘୋଷଯାତ୍ରା ଲାଗି ରଥକାଠ ଅନୁକୂଳ ହୋଇଯାଇଛି। ଏକ ଧଉରା କାଠ ପାରମ୍ପରିକ ରୀତିରେ ମନ୍ଦିର ପୂଜକ କମଳ ଲୋଚନ ଦାସ ପୂଜାର୍ଚ୍ଚନା କରି ଅନୁକୂଳ କରିଥିଲେ। ଏହି ସମୟରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଏବଂ ଅନ୍ୟ ସେବାୟତ ମାନେ ଉପସ୍ଥିତ ଥିଲେ। ଭୋର ସାଢେ ୪ଟାରେ ମନ୍ଦିର ଦ୍ୱାରଫିଟା, ମଇଲମ, ଅବକାଶ, ଦ୍ୱାରପାଳ, ସୂର୍ଯ୍ୟପୂଜା ପରେ ୫ଟା ରେ ମଙ୍ଗଳ ଆଳତୀ ହୋଇ ଅନ୍ୟ ନୀତି ସମ୍ପର୍ଣ୍ଣ ହୋଇଥିଲା। ସକାଳ ୧୦.୨୫ ମି. ସମୟରେ ମହାପ୍ରଭୁଙ୍କ ଆଜ୍ଞାମାଳ ସହ ବିଧିବିଧାନ ସହ ଏହି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା।ରଥର ମୁଖ୍ୟ ବିଶ୍ୱକର୍ମା ଅର୍ଜୁନ ମହାରଣା ଉପସ୍ଥିତ ଥିଲେ। ଶ୍ରୀକ୍ଷେତ୍ରରେ ପ୍ରଭୁ ଜଗତର ନାଥ ଶ୍ରୀ ଜଗନ୍ନାଥ ନନ୍ଦିଘୋଷରେ ବିଜେ କରୁଥିବାବେଳେ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ଶୁଭଦ୍ରା ଦର୍ପଦଳନ ଓ ତାଳଧ୍ୱଜ ରଥରେ ବିଜେ କରିଆସୁଛନ୍ତି। ମାତ୍ର ଜାଗୁଳେଇପାଟଣା ଠାରେ ତିନି ଭାଇଭଉଣୀଙ୍କ ପୂର୍ଣ୍ଣବିଗ୍ରହ ଗୋଟିଏ ରଥରେ ରଥାରୂଢ ହୋଇ ମାଉସି ମା' ମନ୍ଦିରକୁ ବିଜେ କରିବାର ପରମ୍ପରା କେଉଁ ଆବାହନକାଳରୁ ଜାରି ରହିଛି ବୋଲି ମନ୍ଦିରର ପୂଜକ କହିଛନ୍ତି । ରଥକାଠ ଅନକୂଳ କାର୍ଯ୍ୟ ଆଜି ବୈକୁଣ୍ଠନାଥ ମହାପାତ୍ର, ଗଣେଶ୍ୱର ଦାଶ, କାଶୀ ମହାରଣା, ଜ୍ୟୋତିପ୍ରସାଦ ରା. ବନମାଳୀ ଦାଶ, କାର୍ତିକ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ସମ୍ପର୍ଣ୍ଣ ହୋଇଥିଲା।

## ସୋଆ କୃଷି ମହାବିଦ୍ୟାଳୟ ପକ୍ଷରୁ ଅକ୍ଷୟ ତୃତୀୟା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ଓଡ଼ିଶାର



କୃଷିଭିତିକ ପର୍ବ ପବିତ୍ର 'ଅକ୍ଷୟ ତୃତୀୟା' ପାଳିତ ହୋଇଯାଇଛି। ନୂଆଗାଁ ସ୍ଥିତ ସୋଆ ଅନ୍ତର୍ଗତ ଆଇ.ଏନ.ଏସ ଫାର୍ମ ଓ ବିଂଝଗିରି ସ୍ଥିତ ଏ.ଆର.ଏସ ଫାର୍ମରେ ପର୍ଯ୍ୟାୟ କ୍ରମେ ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସୋଆ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, କୃଷି ବିଜ୍ଞାନ ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଏଗ୍ରିକଲଚର ରିସର୍ଚ୍ଚ କୋଅର୍ଡିନେଟର ପ୍ରଫେସର ଜେ.ଏମ.ଏଲ ଗୁଲାଟି, କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବାସୁଦେବ ବେହେରା, ପରୀକ୍ଷା ସଂଯୋଜକ ପ୍ରଫେସର ରବୀନ୍ଦ୍ର ପାଇକରାୟ, ଫୁଲଚାଷ ଓ ସୌନ୍ଦର୍ଯ୍ୟକରଣ ବିଭାଗର ମୁଖ୍ୟ ପ୍ରଫେସର ଶଶିକଳା ବେଉରା, ଉଦ୍ଭିଦ ଶରୀରତତ୍ତ୍ୱ ବିଭାଗର ପ୍ରାଧାପିକା ଡକ୍ଟର ନନ୍ଦିତା ଜେନା ପ୍ରମୁଖ ଯୋଗ ଦେଇ ପାରଂପରିକ ରୀତିନୀତି ଅନୁସାରେ ଅକ୍ଷି ମୁଠି ଅନୁକୂଳ କରିଥିଲେ। ଉତ୍ସବରେ କୃଷି ମହାବିଦ୍ୟାଳୟର ସମସ୍ତ ରିସର୍ଚ୍ଚ ସ୍କଲାର, ଫାର୍ମ କର୍ମଚାରୀ ଓ ବିଂଝଗିରିର ସ୍ଥାନୀୟ କୃଷକମାନେ ଯୋଗ ଦେଇଥିଲେ। ଏହି ଉତ୍ସବଟିକୁ ଫାର୍ମ ନିର୍ଦ୍ଦେଶକ ପ୍ରଫେସର ସରୋଜ କୁମାର ମହାନ୍ତି ଓ ପ୍ରଫେସର ମଧୁସୂଦନ ବେହେରା ପରିଚାଳନା କରିଥିଲେ ।

### ଅନିଲ ଅଗ୍ରୱାଲଙ୍କ ନାମରେ ରୁଜୁ ହୋଇଥିବା ଭିତ୍ତିହିନ

# ଏଫ୍‌ଆଇଆର୍' ବିରୁଦ୍ଧରେ ଏକତ୍ରିତ ହେଲେ ଶିଳ୍ପପତି

ଭୁବନେଶ୍ୱର (ସବ୍ୟୁ): ଏକ ଅସାଧାରଣ ସମର୍ଥନ ପ୍ରଦର୍ଶନରେ, ନବୀନ ଜିନ୍ଦଲ ଏବଂ କିରଣ ବେଦୀଙ୍କ ସମେତ ଶିଳ୍ପ ଏବଂ ଜନଜୀବନର ପ୍ରମୁଖ ବ୍ୟକ୍ତିମାନେ ବେଦାନ୍ତ ଅଧକ୍ଷ ଅନିଲ ଅଗ୍ରୱାଲଙ୍କ ସପକ୍ଷରେ ଦୃଢ଼ ଭାବରେ ବାହାରି ଆସିଛନ୍ତି। ଛତିଶଗଡ଼ରେ ଘଟିଥିବା ଦୁଃଖଦ ବଏଲର ଦୁର୍ଘଟଣା ପରେ ତାଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଏଫ୍‌ଆଇଆର୍ ଉପରେ ତୀବ୍ର ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଆହ୍ୱାନ କରିଛନ୍ତି। ସାଂସଦ ଏବଂ ଜିନ୍ଦଲ ଷ୍ଟିଲ୍ ଅଧକ୍ଷ ନବୀନ ଜିନ୍ଦଲ କହିଛନ୍ତି, "ଛତିଶଗଡର ଦୁର୍ଘଟଣା ଗଭୀର ଯନ୍ତ୍ରଣାଦାୟକ। ୨୦ ପରିବାର ସବୁକିଛି ହରାଇଛନ୍ତି। ଉପଯୁକ୍ତ କ୍ଷତିପୂରଣ, ପରିବାର ପାଇଁ ଜୀବିକା ସହାୟତା ଏବଂ ଏକ ସମ୍ପୂର୍ଣ୍ଣ ତଦନ୍ତ



ଆଲୋଚନାଯୋଗ୍ୟ ନୁହେଁ।

ତଥାପି, ଯାହା ତୀବ୍ର ଏବଂ ଅଭୂତପୂର୍ବ ସମାଲୋଚନାର ଶିକାର ହୋଇଛି ତାହା ହେଉଛି ଏଫଆଇଆର ଦାଖଲ କରିବାର ପଦ୍ଧତି, ତଥ୍ୟ ପ୍ରତିଷ୍ଠା ହେବା ପୂର୍ବରୁ ଅନିଲ ଅଗ୍ରୱାଲଙ୍କ ନାମକରଣ। ସୋସିଆଲ ମିଡିଆ ପୋଷ୍ଟରେ କଠୋର ଶବ୍ଦ ବ୍ୟବହାର କରି ଜିନ୍ଦଲ ଏହି କଥାକୁ ଖଣ୍ଡନ କରି ଲେଖିଛନ୍ତି "ଯେଉଁ କୌଣସି ତଦନ୍ତ ଗୁରୁତର ଚିନ୍ତା ସୃଷ୍ଟି କରିବା ପୂର୍ବରୁ ଏଫଆଇଆରରେ ଅନିଲ ଅଗ୍ରୱାଲ ଜୀଙ୍କ ନାମ ନେବା ସେହି ପ୍ଲାଂଟର କାର୍ଯ୍ୟରେ ତାଙ୍କର କୌଣସି ଭୂମିକା ନଥିଲା।" ସେ ଉତରଦାୟିତ୍ୱରେ ସ୍ପଷ୍ଟ ଦ୍ୱନ୍ଦ୍ୱ ମାନଦଣ୍ଡକୁ ଆହୁରି ଉନ୍ମୋଚନ କରିଥିଲେ: "ଯେତେବେଳେ ପିଏସୟୁ ପ୍ଲାଂଟ କିମ୍ବା ରେଳବାଇରେ ଦୁର୍ଘଟଣା ଘଟେ, ଆମେ କ'ଣ ଅଧକ୍ଷଙ୍କ ନାମ ନେଉ? ସମାନ ମାନଦଣ୍ଡ ଘରୋଇ କ୍ଷେତ୍ର ପାଇଁ ମଧ୍ୟ ପ୍ରଯୁଜ୍ୟ ହେବା ଉଚିତ।" ତାଙ୍କର ବାର୍ତା ସ୍ପଷ୍ଟ ଏବଂ ଆପୋଷ ନୁହେଁ, "ପ୍ରଥମେ ତଦନ୍ତ କର। ପ୍ରମାଣ ଉପରେ ଆଧାରିତ ଦାୟିତ୍ୱ ସ୍ଥାପନ କର। ତା'ପରେ କାର୍ଯ୍ୟ କର। ଉଦ୍ୟୋଗ ଚାମ୍ବର ସିଆଇଆଇ, ଆସୋଚାମ, ଫିକି ଇଣ୍ଡିଆ ଏବଂ ପିଏଚଡି ଚାମ୍ବର, ସମ୍ମିଳନୀ ଏବଂ ନୀତି ପତ୍ର ବ୍ୟତୀତ ଆପଣଙ୍କର ଏକ ଦାୟିତ୍ୱ ଅଛି। ଯେତେବେଳେ ଯଥାର୍ଥ ପ୍ରକ୍ରିୟାକୁ ଏଡାଇ ଦିଆଯାଏ ଏବଂ ନିବେଶକଙ୍କ ବିଶ୍ୱାସ ବିପଦରେ ପଡ଼ିଯାଏ, ଯେପରି ଅନିଲ ଅଗ୍ରୱାଲ ଜୀଙ୍କ ବିରୁଦ୍ଧରେ ଦାୟର ହୋଇଥିବା ଭିତିହୀନ ଏଫଆଇଆର ମାମଲାରେ, ଆପଣଙ୍କର ନୀରବତା ନିରପେକ୍ଷତା ନୁହେଁ।

ପୂର୍ବତନ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଏବଂ ଉଚ୍ଚ ପୋଲିସ ଅଧିକାରୀ କିରଣ ବେଦୀ ଅକାଳ ନିଷ୍ପତି ବିରୁଦ୍ଧରେ ସତର୍କ ରହିବାକୁ ଅନୁରୋଧ କରିଥିଲେ। ପଦ୍ମଶ୍ରୀ ଏବଂ ଆରିନ କ୍ୟାପିଟାଲର ଅଧକ୍ଷ ମୋହନଦାସ ପାଇ ଏହାକୁ ସ୍ପଷ୍ଟ ଭାବରେ କହିଛନ୍ତି: "ଏଫଆଇଆର ଦାୟର କରିବା ବହୁତ ଭୁଲ, ଦାୟୀ ନୁହେଁ ବୋଲି ଜଣେ ବ୍ୟକ୍ତିଙ୍କ ଉପରେ ଦୋଷୀ ଦାୟିତ୍ୱ ସ୍ଥିର କରାଯାଇପାରିବ ନାହ. ଶିଳ୍ପରେ ଭୟ ସୃଷ୍ଟି କରୁଥିବା ସମ୍ପୂର୍ଣ୍ଣ ଅପବ୍ୟବହାର।" କର୍ପୋରେଟ୍ ଏବଂ ଆଇନଗତ ପରାମର୍ଶଦାତା ଅକ୍ଷତ ଖେତାନ ଏହାକୁ "ଯଥାର୍ଥ ପ୍ରକ୍ରିୟା ଏବଂ ନିବେଶକଙ୍କ ବିଶ୍ୱାସ ଉପରେ ଏକ ସିଧାସଳଖ ଆକ୍ରମଣ ବୋଲି କହିଛନ୍ତି।

### ହର୍ମୁଜ ପ୍ରଣାଳୀରେ ପୁଣି ସଙ୍କଟ

# ଆମେରିକା ନୌ -ଜାହାଜ ଉପରେ ଇରାନର ହମଲା

ତେହେରାନ : ହର୍ମୁଜ୍ ପ୍ରଣାଳୀ ନିକଟରେ ଆମେରିକୀୟ ସେନା ଏକ ଇରାନୀ ପତାକାଯୁକ୍ତ ବାଣିଜ୍ୟିକ ଜାହାଜକୁ ଅଟକାଇ ଜବତ କରିବାର କିଛି ଘଣ୍ଟା ପରେ ସୋମବାର ଇରାନ ଦାବି କରିଛି, ଓମାନ ସାଗରରେ ଆମେରିକୀୟ ସାମରିକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ କରାଯାଇଛି। ଇତିମଧ୍ୟରେ ଦୁଇସପ୍ତାହ ପାଇଁ ଲାଗୁ ହୋଇଥିବା ଅସ୍ତ୍ରବିରତି ସମୟ ସୀମା ବୁଧବାର ଶେଷ ହେବାକୁଥିବା ବେଳେ ଉଭୟ ପକ୍ଷ ପୁଣି ଯୁଦ୍ଧମୁହାଁ ହେବାରେ ଲାଗିଛନ୍ତି। ଇରାନର ଅର୍ଦ୍ଧ-ସରକାରୀ ତସନିମ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଦିନକ ପୂର୍ବରୁ ଇରାନୀ ଜାହାଜ ଉପରେ କରାଯାଇଥିବା ଆମେରିକାର କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ସ୍ୱରୂପ ଏହି ଡ୍ରୋନ୍ ଆକ୍ରମଣ କରାଯାଇଛି ।ତେହେରାନ ଦାବି କରିଛି, ଆମେରିକୀୟ ନୌସେନା ଜାହାଜ ଟାର୍ଗେଟ କରାଯାଇଛି। କିନ୍ତୁ ଆକ୍ରମଣରେ କେତେ ସଂଖ୍ୟକ ଡ୍ରୋନ୍ ବ୍ୟବହୃତ ହୋଇଛି ତଥା ଆକ୍ରମଣରେ କୌଣସି କ୍ଷତି ହୋଇଛି କି ନାହିଁ ସେ ବିଷୟରେ କୌଣସି



ବିବରଣୀ ପ୍ରକାଶ କରିନାହିଁ। ଓମାନ ସାଗରରେ ଆମେରିକୀୟ ସେନା ଏକ ଇରାନୀ ମାଲବାହୀ ଜାହାଜକୁ ନିୟନ୍ତ୍ରଣ କରିବା ପରେ ଏହି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଟୌସ୍କା ନାମକ ଏହି ଜାହାଜଟି ହର୍ମୁଜ୍ ପ୍ରଣାଳୀ ନିକଟରେ ଆମେରିକା ଦ୍ୱାରା ଲଗାଯାଇଥିବା ନୌସେନା ଅବରୋଧକୁ ଉଲ୍ଲଂଘନ କରିବାକୁ ଚେଷ୍ଟା କରିଥିଲା। ପରେ ଏହାକୁ ଜବତ କରାଯାଇଥିଲା।ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି, ଚେତାବନୀର ଜବାବ ନ ଦେବାରୁ ଆମେରିକୀୟ ମାରିନ୍ ଜାହାଜରେ ଚଢ଼ିଥିଲେ। ଜାହାଜଟି ଏବେ ସମ୍ପୂର୍ଣ୍ଣ ଭାବେ ଆମେରିକୀୟ ହେପାଜତରେ ଅଛି ଏବଂ ଯାଞ୍ଚ କରାଯାଉଛି। ପରେ ଯୁକ୍ତରାଷ୍ଟ୍ର କେନ୍ଦ୍ରୀୟ କମାଣ୍ଡ ଏହି ଅଭିଯାନକୁ ନିଶ୍ଚିତ କରି ଭିଡିଓ ଫୁଟେଜ୍ ଜାରି କରିଛି। ଯେଉଁଥିରେ ଆମେରିକୀୟ ନୌସେନା କର୍ମଚାରୀମାନେ ଜାହାଜକୁ ଜବତ କରୁଥିବାର ଦୃଶ୍ୟ ରହିଛି। ଇରାନ ପ୍ରଥମେ ଜାହାଜକୁ ଜବତ କରାଯାଇଥିବା କଥାକୁ ଅସ୍ୱୀକାର କରି କହିଥିଲା ଯେ, ଆମର ନୌସେନା ୟୁନିଟଗୁଡ଼ିକ ଆମେରିକୀୟ ସେନାକୁ ପଛକୁ ହଟିବାକୁ ବାଧ କରିଥିଲେ। ତଥାପି, ଆମେରିକୀୟ ଅଧିକାରୀମାନେ ଏହି ଅଭିଯାନକୁ ନିଶ୍ଚିତ କରିବା ପରେ ତେହେରାନ ପରେ ଏହାକୁ ସ୍ୱୀକାର କରିଥିଲା। ଇରାନୀ ସାମରିକ ଅଧିକାରୀମାନେ କହିଥିଲେ, ଜାହାଜଟି ଚୀନ୍ରୁ ଯାତ୍ରା କରୁଥିଲା। ଇରାନର ମିଳିତ ସାମରିକ କମାଣ୍ଡ, ଖାତମ ଅଲ-ଆନବିୟା, ଆମେରିକାର ଏଭଳି କାର୍ଯ୍ୟର ନିନ୍ଦା କରି ୱାସିଂଟନ ଲାଗୁ ହୋଇଥିବା ଦୁଇ ସପ୍ତାହର ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା କହିଛି। ଇରାନ ଏହି ଅଭିଯାନକୁ ଜଳଦସ୍ୟୁଙ୍କ କାର୍ଯ୍ୟ ବୋଲି ଦର୍ଶାଇଛି। ଜଣେ ସାମରିକ ମୁଖପାତ୍ର ଦାବି କରିଛନ୍ତି, ଆମେରିକୀୟ ସେନା ଜାହାଜ ଉପରେ ଗୁଳି ଚଳାଇଥିଲେ ଏବଂ ଜାହାଜରେ ଚଢ଼ିବା ପୂର୍ବରୁ ଏହାର ନାଭିଗେସନ୍ ସିଷ୍ଟମକୁ ଅକାମୀ କରିଦେଇଥିଲେ। ଇରାନର ସଶସ୍ତ୍ର ବାହିନୀ ଖୁବ୍ ଶୀଘ୍ର ଏହି ସଶସ୍ତ୍ର ଡକାୟତିର ଜବାବ ଦେବେ ଏବଂ ପ୍ରତିଶୋଧ ନେବ ବୋଲି ମୁଖପାତ୍ର କହିଥିଲେ। ଏହା ପରେ ଇରାନ ପକ୍ଷରୁ ଆମେରିକା ନୌସେନା ଜାହାଜ ଉପରେ ଆକ୍ରମଣ କରାଯାଇଛି। ଏହା ଯୋଗୁଁ ହର୍ମୁଜ୍ ପ୍ରଣାଳୀରେ ପୁଣି ସଙ୍କଟ ଦେଖାଦେଇଛି।

## କ୍ଲଷ୍ଟର ବୋମା କ୍ଷେପଣାସ୍ତ୍ର ପରୀକ୍ଷା କଲେ କିମ୍

ପ୍ୟୋଙ୍ଗୟାଙ୍ଗ : ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧବିରତି ଭଙ୍ଗ ହେବା ଏବଂ ଦ୍ୱିତୀୟ ଭୟଙ୍କର ଯୁଦ୍ଧ ହେବାର ସମ୍ଭାବନା ମଧ୍ୟରେ ଉତ୍ତର କୋରିଆ ଗତ ଦୁଇ ଦିନ ଧରି ନିରନ୍ତର ବିପଦପୂର୍ଣ୍ଣ ବାଲିଷ୍ଟିକ୍ ଏବଂ କ୍ଲଷ୍ଟର କ୍ଷେପଣାସ୍ତ୍ର ପରୀକ୍ଷଣ କରିଆସୁଛି। ରବିବାର କ୍ଷେପଣାସ୍ତ୍ର ପରୀକ୍ଷା କରିବା ପରେ ଏହା ୨୪ ଘଣ୍ଟା ମଧ୍ୟରେ ସୋମବାର ଉତ୍ତର କୋରିଆ ଲଗାତାର ଦ୍ୱିତୀୟ ଦିନ ପାଇଁ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ସୋମବାର ଉତ୍ତର କୋରିଆ କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ସହିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। କିମ୍ ଜୋଙ୍ଗ ଉନଙ୍କ ପ୍ରଶାସନ ଦାବି କରିଛି ଚଳିତ ମାସରେ ଦ୍ୱିତୀୟ ଥର ପାଇଁ କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ସହିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଛି। ଉତ୍ତର କୋରିଆର ସରକାରୀ ସମାଚାର ଏଜେନ୍ସି, କୋରିଆନ୍ ସେଣ୍ଟ୍ରାଲ୍ ନ୍ୟୁଜ୍ ଏଜେନ୍ସି (କେସିଏନ୍ଏ) ରିପୋର୍ଟ କରିଛି, ରବିବାର ଦିନ ଉତ୍ତର କୋରିଆର ପୂର୍ବ ଉପକୂଳରୁ ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା, ଯାହାକୁ ଦକ୍ଷିଣ କୋରିଆ, ଜାପାନ ଏବଂ ଆମେରିକା ଚିହ୍ନଟ କରିଥିଲେ। ଗୋଟିଏ ଦିନ ପରେ, କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ସହିତ ଏକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି। କେସିଏନ୍ଏ ଚିତ୍ରଗୁଡ଼ିକରେ ଉତ୍ତର କୋରିଆର ନେତା କିମ୍ ଜୋଙ୍ଗ ଉନ୍ ଏବଂ ତାଙ୍କ ଝିଅ କିମ୍ ଜୁ ଏ ଏହି ଅବସରରେ ଉପସ୍ଥିତ ଅଛନ୍ତି। ଉଭୟ କଳା ଚମଡା ଜ୍ୟାକେଟ୍ ପିନ୍ଧି କ୍ଷେପଣାସ୍ତ୍ର ପରୀକ୍ଷଣ ଦେଖୁଥିବା ଫଟୋରେ ଦେଖିବାକୁ ମିଳୁଛି।

ଦକ୍ଷିଣ କୋରିଆର ଗୁପ୍ତଚର ସଂସ୍ଥା କହିଛି କିମ୍ ଝିଅ କିମ୍ ଜୁ ଏଙ୍କୁ ନିଜ ଉତ୍ତରାଧିକାରୀ ଭାବରେ ବିବେଚନା କରୁଛନ୍ତି। କେସିଏନ୍ଏ ଅନୁଯାୟୀ, କିମ୍ କ୍ଲଷ୍ଟର ବମ୍ ଯୁଦ୍ଧାସ୍ତ୍ର ଏବଂ ଫ୍ରାଗମେଣ୍ଟେସନ୍ ମାଇନ୍ ଯୁଦ୍ଧାସ୍ତ୍ର ବହନ କରୁଥିବା ପାଞ୍ଚଟି ଉନ୍ନତ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ହ୍ୱାସୋଙ୍ଗ-୧୧-ରା ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଉତ୍କ୍ଷେପଣ ତଦାରଖ କରିଛନ୍ତି। କ୍ଷେପଣାସ୍ତ୍ରଗୁଡ଼ିକ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲେ ଏବଂ କିମ୍ ଏହାକୁ ନେଇ ସନ୍ତୋଷ ପ୍ରକାଶ କରିଥିବା କୁହାଯାଉଛି। ଚଳିତ ମାସରେ ଉତ୍ତର କୋରିଆ କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ସହିତ ଭୂମିରୁ ଭୂମିକୁ ନିକ୍ଷେପ କରାଯାଉଥିବା କ୍ଲଷ୍ଟର ବମ୍ ୱାରହେଡ୍



ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ହ୍ୱାସଙ୍ଗ-୧୧ ପରୀକ୍ଷଣ କରିଥିଲା। ଏହା ୬.୫ରୁ ୭ ହେକ୍ଟର (୧୬ ରୁ ୧୭.୨ ଏକର) ଅଞ୍ଚଳକୁ ପାଉଁଶ କରିପାରେ ବୋଲି କିମ୍ କହିଥିଲେ। ଉତ୍ତର କୋରିଆ ପୂର୍ବରୁ କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ପରୀକ୍ଷଣ କରିଛି, କିନ୍ତୁ ବିଶେଷଜ୍ଞମାନେ କହୁଛନ୍ତି, ଇରାନ ଯୁଦ୍ଧ ଉତ୍ତର କୋରିଆକୁ କ୍ଲଷ୍ଟର ଯୁଦ୍ଧାସ୍ତ୍ରର ମାଲିକାନା ପ୍ରଦର୍ଶନ କରିବାକୁ ଏବଂ ଉନ୍ନତ କ୍ଲଷ୍ଟର ଯୁଦ୍ଧାସ୍ତ୍ର ବିକଶିତ କରିବା ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ପ୍ରେରଣା ଦେଉଛି। ଚଳିତ ଯୁଦ୍ଧରେ କ୍ଲଷ୍ଟର ଯୁଦ୍ଧାସ୍ତ୍ରର ବିନାଶକାରୀ ରୂପ ଦେଖିବାକୁ ମିଳିଛି। ଇରାନକୁ ଏପରି ଅସ୍ତ୍ର ବ୍ୟବହାର କରି ଇସ୍ରାଏଲର ବାୟୁ ପ୍ରତିରକ୍ଷା ପ୍ରଣାଳୀର ମୁକାବିଲା କରିଛି।

## ଛତିଶଗଡ଼ରେ ବିମାନ କ୍ରାଶ

ନୂଆଦିଲ୍ଲୀ : ଛତିଶଗଡ଼ର ଯଶପୁର ଜିଲ୍ଲାରେ ବଡ଼ ବିମାନ ଦୁର୍ଘଟଣା। ଏଠାକାର ପାହାଡ଼ିଆ ଅଞ୍ଚଳରେ ଗୋଟିଏ ପ୍ରାଇଭେଟ ବିମାନ କ୍ରାଶ ହୋଇ ଯାଇଛି। ବିମାନଟି ଜଙ୍ଗଲିଆ ଅଞ୍ଚଳରେ ଖସି ପଡ଼ିଥିବାରୁ ଏଥିରେ ଅନେକ ମୃତାହତ ହୋଇଥିବା ଆଶଙ୍କା ପ୍ରକାଶ ପାଇଛି। ଏବେ ବିମାନକୁ ଜଙ୍ଗଲ ମଧ୍ୟରେ ଠାବ କରିବା ପାଇଁ ପ୍ରୟାସ ଚାଲିଛି ।ପ୍ରାଥମିକ ତଥ୍ୟ ଅନୁସାରେ, ବିମାନଟି ଜଙ୍ଗଲିଆ ଅଞ୍ଚଳ ଅତିକ୍ରମ କରୁଥିବା



ବେଳେ ଗୋଟିଏ ଗଛରେ ପିଟି ହୋଇଯାଇଥିଲା। ଏହାପରେ ବିମାନଟି ଜଙ୍ଗଲ ମଧ୍ୟରେ ହିଁ କ୍ରାଶ ହୋଇ ଯାଇଛି। ଯଶପୁର-ନାରାୟଣ ରିଜନର ଯେଉଁ ଜଙ୍ଗଲିଆ ଅଞ୍ଚଳରେ ବିମାନଟି କ୍ରାଶ ହୋଇଛି, ସେଠାରୁ ପ୍ରବଳ ଧୂଆଁ ବାହାରୁ ଥିବା ଦେଖାଯାଇଛି। ତେଣୁ ବିମାନଟି ତଳେ ପଡ଼ିଆ ପରେ ଏଥିରେ ନିଆଁ ଲାଗି ଯାଇଥିବା ଆଶଙ୍କା କରାଯାଉଛି ।ପୁଲିସ୍ ଓ ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳକୁ ଏବେ ବାହାରିଛନ୍ତି। ସେହିପରି ଆମ୍ବୁଲାନ୍ସ ଓ ମେଡିକାଲ ଟିମ ମଧ୍ୟ ଉକ୍ତ ସ୍ଥାନକୁ ଯାଉଥିବା ଜଣାପଡ଼ିଛି। କିନ୍ତୁ ଦୁର୍ଘଟଣା ଗ୍ରସ୍ତ ପ୍ରାଇଭେଟ ବିମାନରେ କେତେ ଜଣ ଯାତ୍ରୀ ଥିଲେ, ସେକଥା ସ୍ପଷ୍ଟ ହୋଇନି। ଏବେ ଘଟଣାର ଯାଞ୍ଚ ଚାଲିଥିବା ପ୍ରଶାସନ କହିଛି।

## ଇରାନ ସହିତ ଆଲୋଚନା ପାଇଁ ପାକିସ୍ତାନ ଆସିପାରନ୍ତି ଭାନ୍ସ

ୱାସିଂଟନ: ପାକିସ୍ତାନରେ ଇରାନ ଓ ଆମେରିକା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଛି। ଆମେରିକା ପକ୍ଷରୁ ଏହି ଆଲୋଚନା ପାଇଁ ସକାରାତ୍ମକ ମନ୍ତବ୍ୟ ରହିଥିବାବେଳେ ଇରାନ କିଛି ସ୍ପଷ୍ଟ କରିନାହିଁ। ଆମେରିକା ପ୍ରତିନିଧି ଦଳ ସୋମବାର ଇସଲାମାବାଦରେ ପହଞ୍ଚି ପାରନ୍ତି ବୋଲି କୁହାଯାଉଥିବାବେଳେ ଏଥର ଆମେରିକା ପ୍ରତିନିଧି ଦଳରେ ଉପରାଷ୍ଟ୍ରପତି ଜେଡି ଭାନ୍ସ ରହିବେ କି ନାହିଁ ତାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଅତିକମ୍ରେ ଦୁଇଟି ସାକ୍ଷାତକାରରେ ଭାନ୍ସ ଇସଲାମାବାଦ ଆସୁନଥିବା କହିଛନ୍ତି। ସୁରକ୍ଷା କାରଣରୁ ଭାନ୍ସଙ୍କୁ ଏହି ଗସ୍ତରେ ସାମିଲ କରାଯାଇନାହିଁ ବୋଲି କହିଥିଲେ। ତେବେ ହ୍ୱାଇଟ ହାଉସ୍ ପକ୍ଷରୁ ଏକ ନ୍ୟୁଜ ଚାନେଲକୁ କୁହାଯାଇଛି ଯେ, ଭାନ୍ସ ଓ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍କଫ୍ ଓ ଜାରେଡ କୁଶନର ସୋମବାର ପାକିସ୍ତାନ ଯିବେ। ଅନ୍ୟପକ୍ଷରେ ଟ୍ରମ୍ପ ନିଜେ ଇରାନ ସହିତ ଆଲୋଚନାରେ ସାମିଲ ହେବାକୁ ଚାହୁଥିଲେ। କିନ୍ତୁ ଆମେରିକା ସିକ୍ରେଟ ସର୍ଭିସ ଉଭୟ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଏକା ସାଙ୍ଗରେ ପାକିସ୍ତାନ ଗସ୍ତ କରିବାକୁ ସମର୍ଥନ କରିନାହାନ୍ତି। ଯଦି ଇରାନ ସହିତ ଚୁକ୍ତି ହୁଏ ତେବେ ଟ୍ରମ୍ପ ଇସଲାମାବାଦ ଆସିବେ, କିନ୍ତୁ ତା'ପୂର୍ବରୁ ଭାନ୍ସଙ୍କୁ ଆମେରିକା ଫେରିବାକୁ ପଡ଼ିବ ବୋଲି କୁହାଯାଇଛି। ଅନ୍ୟ ପକ୍ଷରେ ଏହି କଥାବାର୍ତ୍ତାକୁ ନେଇ ପାକିସ୍ତାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଶେଷ କରି ଇସଲାମାବାଦ ଓ ରାୱଲପିଣ୍ଡିରେ ଜନସାଧାରଣ ଓ ମାଲ ପରିବହନ ଉପରେ କଟକଣା ଲଗାଯାଇଛି। ତେବେ ଗତ ସପ୍ତାହରେ ଇସଲାମାବାଦରେ ଇରାନ ଓ ଆମେରିକା ମଧ୍ୟରେ ଆଲୋଚନା କୌଣସି ଫଳାଫଳ ବିନା ଶେଷ ହୋଇଥିଲା।

## ଜଳିଗଲା ୪୩ ହଜାର କୋଟି ଟଙ୍କାର ରିଫାଇନାରୀ

### ଦିନକ ପରେ ଉଦ୍‌ଘାଟନ କରିଥାନ୍ତେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଆଉ ୨୪ ଘଣ୍ଟା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜସ୍ଥାନରେ ତିଆରି ହୋଇଥିବା ଗୋଟିଏ ଅଶୋଧିତ ତୈଳ ବିଶୋଧନାଗାରକୁ ଉଦଘାଟନ କରିବାର ଥିଲା। କିନ୍ତୁ ଏହାର ଦିନକ ପୂର୍ବରୁ ରିଫାଇନାରୀରେ ଘଟିଛି ଭୟଙ୍କର ଅଗ୍ନିକାଣ୍ଡ। ଏହା ଏତେ ଭୟଙ୍କର ରହିଛି ଯେ ପୂରା ଅଞ୍ଚଳ କଳା ଧୂଆଁରେ ଭର୍ତ୍ତି ହୋଇ ଯାଇଛି। ପ୍ରାଥମିକ ରିପୋର୍ଟ ଅନୁସାରେ, ଅଗ୍ନିକାଣ୍ଡ ରିଫାଇନାରୀର ସିଡିୟୁ(କ୍ରୁଡ ଡିଷ୍ଟିଲେସନ ୟୁନିଟ) ରେ ଘଟିଛି। ଏଥିରେ କେହି ମୃତାହତ ହୋଇଛନ୍ତି କି ନାହିଁ, ସେକଥା ଜଣାପଡ଼ିନି।

ଏହି ରିଫାଇନାରୀଟି ଭାରତର ପ୍ରଥମ ଗ୍ରୀନଫିଲ୍ଡ ସଂଯୁକ୍ତ ରିଫାଇନାରୀ ଓ ପେଟ୍ରୋ କେମିକାଲ କମ୍ପ୍ଲେକ୍ସ। ବାଲୋତ୍ରାର ପଚପଦ୍ରାରେ ଥିବା ଏହି ପ୍ରତିଷ୍ଠାନକୁ ରାଜସ୍ଥାନ ସରକାର ଓ ହିନ୍ଦୁସ୍ତାନ ପେଟ୍ରୋଲିମ କର୍ପୋରେସନ



ଲିଃ(ଏଚପିସିଏଲ) ମିଳିତ ଭାବେ ପରିଚାଳନ କରୁଛନ୍ତି। ରିଫାଇନାରୀ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲେ ଭାରତର ଶକ୍ତି ସୁରକ୍ଷା ମଜବୁତ ହୋଇଥାଆନ୍ତା। ବାହ୍ୟ ରାଷ୍ଟ୍ର ଉପରେ ଭାରତ ନିର୍ଭରଶୀଳତା ହ୍ରାସ ପାଇଥାଆନ୍ତା ଓ ଘରୋଇ ଉତ୍ପାଦନର କ୍ଷମତା ମଧ୍ୟ ବୃଦ୍ଧି ପାରିଥାଆନ୍ତା। କିନ୍ତୁ ଏବେ ଅଗ୍ନିକାଣ୍ଡରେ ସବୁ କିଛି ନଷ୍ଟ ହୋଇ ଯାଇଛି। ୨୦୧୩ ମସିହା ସେପ୍ଟମ୍ବର ମାସରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧି ଏହି ରିଫାଇନାରୀର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସମୟରେ ରାଜସ୍ଥାନରେ କଂଗ୍ରେସ ସରକାର ରହିଥିଲା। ପ୍ରଥମେ ରିଫାଇନାରୀ ପାଇଁ ୩୭,୨୩୦ କୋଟିର ବ୍ୟୟବରଦା ହୋଇଥିଲା। ସରକାର ବଦଳିବା ପରେ ପ୍ରଧାନମନ୍ତ୍ର ମୋଦି ୨୦୧୮ ଜାନୁଆରୀ ୧୬ରେ ଏହି ପ୍ରକଳ୍ପର ପୁଣି ଲଞ୍ଚ କରିଥିଲେ। ବ୍ୟୟବରାଦ ୩୭,୨୩୦ କୋଟିରୁ ବଢ଼ି ୪୩,୧୨୯ କୋଟିରେ ପହଞ୍ଚିଥିଲା। ତୈଳ ବ୍ୟତୀତ ଏହି ରିଫାଇନାରୀରେ ପେଟ୍ରୋକେମିକାଲ ଦ୍ରବ୍ୟ ମଧ୍ୟ ଉତ୍ପାଦନ ହେବ ବୋଲି ସମସ୍ତେ ଆଶା କରିଥିଲେ। ଉକ୍ତ ଅଞ୍ଚଳରେ ହେବାକୁ ଥିବା ଶିଳ୍ପ ୟୁନିଟକୁ ଏଠାରୁ ଉଚ୍ଚ ଗୁଣବତ୍ତାର କଞ୍ଚା ମାଲ ପଠାଯିବାର ଥିଲା। କଞ୍ଚା ମାଲକୁ ପ୍ଲାଷ୍ଟିକ ଫର୍ଣ୍ଣିଚର, କୃଷି ଭତ୍ତିକ ପାଇପ, ପ୍ୟାକେଜିଂ ଫିଲ୍ମସ୍, ଅଟୋମୋବାଇଲ ଉପାଦନ, ସିନ୍ଥେଟିକ ଫାଇବର୍ସ, ମେଡିକାଲ ସରଞ୍ଜାମ ଓ କେମିତିକାଲ ଯୁକ୍ତ ପେଣ୍ଟ ଉତ୍ପାଦନରେ ବ୍ୟବହାର କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

## ଆମେରିକାର ପ୍ରତିରକ୍ଷା ପ୍ରଣାଳୀର ପର୍ଦ୍ଦାଫାସ୍

ରିୟାଦ : ଆମେରିକା ଏବଂ ଇସ୍ରାଏଲ ଫେବ୍ରୁଆରି ୨୮ ତାରିଖରେ ଇରାନରେ ଆକ୍ରମଣ ଆରମ୍ଭ କରିଥିଲେ। ପରେ ଇରାନ ଇସ୍ରାଏଲ ଏବଂ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ଘାଟି ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରି ପ୍ରତିଶୋଧ ନେଇଥିଲା। ଇରାନର ଏହି ପ୍ରତିଶୋଧମୂଳକ ଆକ୍ରମଣ ଆମେରିକାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଇରାନ କ୍ଷେପଣାସ୍ତ୍ର ଉପସାଗରୀୟ ଦେଶଗୁଡ଼ିକରେ ଲକ୍ଷ୍ୟସ୍ଥଳକୁ କିପରି ଆକ୍ରମଣ କରିଛି ସେନେଇ ଅନେକ ବିଶେଷଜ୍ଞ ଥାଡ୍ ଭଳି ଆମେରିକୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଥାଡଙ୍କୁ କଣା ଛତା ବୋଲି ଅଭିହିତ କରିଛନ୍ତି। ଉପସାଗରୀୟ ଦେଶଗୁଡ଼ିକ ପ୍ରଶ୍ନ କରିଛନ୍ତି, ସେମାନେ କୋଟି କୋଟି ଡଲାର ଖର୍ଚ୍ଚ କରି ଠିକ୍ ଜିନିଷରେ କିଣିଛନ୍ତି କି ନାହିଁ। ରିପୋର୍ଟ ଅନୁଯାୟୀ,



ଆମେରିକାର ସୁରକ୍ଷା ପ୍ରଣାଳୀରେ ଏକ ପ୍ରମୁଖ ଉପାଦାନ ହେଉଛି କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା। ଲକହିଡ୍ ମାର୍ଟିନର ଟର୍ମିନାଲ ହାଇ ଅଲ୍ଟିଚ୍ୟୁଡ୍ ଏରିଆ ଡିଫେନ୍ସ (ଥାଡ୍) ସିଷ୍ଟମକୁ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ଏଥିରେ ପାଟ୍ରିଅଟ୍ ପିଏସି-୩ ବ୍ୟାଟେରୀ ରହିଛି। ଆମେରିକା ଏହି ସିଷ୍ଟମ ମାଧ୍ୟମରେ ଉପସାଗରୀୟ ଦେଶଗୁଡ଼ିକୁ ସୁଦୃଢ଼ ବାୟୁ ପ୍ରତିରକ୍ଷାର ପ୍ରତିଶ୍ରୁତି ଦେଇଥିଲା।

ଆମେରିକା ଏହି ସିଷ୍ଟମଗୁଡ଼ିକୁ ଗୋଲ୍ଡ ଷ୍ଟାଣ୍ଡାର୍ଡ କହି ଉପସାଗରୀୟ ଦେଶଗୁଡ଼ିକୁ ବିକ୍ରି କରିଥିଲା। ଏଗୁଡ଼ିକ ଉଚ୍ଚ-ଉଚ୍ଚତା ଇଣ୍ଟରସେପ୍ଟର ଥିଲା ଯାହା ଶେଷ ପର୍ଯ୍ୟାୟରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ଖସାଇ ଦେବାକୁ ସକ୍ଷମ। ଏଥିରେ କମ୍ କ୍ଷମତାଯୁକ୍ତ ପାଟ୍ରିଓଟ୍ ସିଷ୍ଟମ ଖଞ୍ଜା ଯାଇଛି। ଯାହା କ୍ଷୁଦ୍ର-ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନର ମୁକାବିଲା କରିବା ପାଇଁ ଉଦ୍ଦିଷ୍ଟ। ଉପସାଗରୀୟ ଦେଶଗୁଡ଼ିକ ଏହି ପ୍ରଣାଳୀ ପାଇଁ କୋଟି କୋଟି ଡଲାର ଖର୍ଚ୍ଚ କରିଛନ୍ତି, ସେମାନଙ୍କର ଭରସାଥିଲା କ୍ଷେପଣାସ୍ତ୍ର ବିପଦରୁ ଥାଡ୍ ସୁରକ୍ଷା ଦେବ। ୬ ସପ୍ତାହ ଧରି ଚାଲିଥିବା ଯୁଦ୍ଧ ପ୍ରମାଣିତ କରିଛି ଥାଡ୍ ପ୍ରଣାଳୀର ପ୍ରଦର୍ଶନ ଖରାପ ରହିଛି। ଇରାନର କ୍ଷେପଣାସ୍ତ୍ର ସାଉଦି ଆରବ, ୟୁଏଇ, କୁଏତ ଏବଂ କତାରରେ ସଠିକ୍ ଭାବରେ ଲକ୍ଷ୍ୟଭେଦ କରିଛି।

ଗତ ବର୍ଷ ମେ' ମାସରେ, ସାଉଦି ଆରବ ଏବଂ ଆମେରିକା ଏକ ପ୍ରମୁଖ ସାମରିକ ସହଯୋଗ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ସାଉଦି ଆରବ ପାଇଁ ୧୪୨ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଥିଲା। ଏହି ପ୍ୟାକେଜ୍ରେ ଥାଡ୍ ସିଷ୍ଟମ, ପାଟ୍ରିଅଟ୍ ପିଏସି-୩ ଅପଗ୍ରେଡ୍ ଏବଂ ମିସାଇଲ୍, ଉନ୍ନତ ଆକାଶରୁ ଆକାଶ ଅସ୍ତ୍ରଶସ୍ତ୍ର, ସଶସ୍ତ୍ର ଡ୍ରୋନ୍ ଏବଂ ଗୋଳାବାରୁଦ ଅନ୍ତର୍ଭୁକ୍ତ ଥିଲା। ଇରାନର ଆକ୍ରମଣରେ ଏହି ପ୍ରଣାଳୀଗୁଡ଼ିକର ପରୀକ୍ଷଣ କରାଯିବା ପରେ ଆମେରିକା ଏବଂ ସାଉଦି ଆରବ ମଧ୍ୟରେ ହୋଇଥିବା ଚୁକ୍ତିନାମା ଉପରେ ପ୍ରଶ୍ନ ଉଠିଛି। ଉପସାଗରୀୟ ଦେଶଗୁଡ଼ିକରେ ନିୟୋଜିତ ଆମେରିକାର ପ୍ରତିରକ୍ଷା ବ୍ୟବସ୍ଥା ଇରାନୀ ଆକ୍ରମଣ ବିରୋଧରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସମଗ୍ର ବିଶ୍ୱ କ୍ଷେପଣାସ୍ତ୍ରଗୁଡ଼ିକ ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ କରିଥିବାର ଦେଖିଛି। ଉପସାଗରୀୟ ଦେଶଗୁଡ଼ିକ, ବିଶେଷକରି ସାଉଦି ଆରବ, ସେମାନଙ୍କର ଚୁକ୍ତିନାମାର ପୁନଃ ଆଲୋଚନା କରିବାକୁ ଚିନ୍ତା କରୁଛନ୍ତି। ବାସ୍ତବତା ହେଉଛି ଏକ ଅଭେଦ୍ୟ ଢାଲ କୁହାଯାଉଥିବା ଥାଡ୍ ପ୍ରଣାଳୀ କଣା ଛତା ପ୍ରମାଣିତ ହୋଇଛି। ଫଳସ୍ୱରୂପ, ଉପସାଗରୀୟ ଦେଶଗୁଡ଼ିକ ବର୍ତ୍ତମାନ ଆମେରିକୀୟ ସାମରିକ ଉପକରଣ ଉପରେ ସେମାନଙ୍କର ନିର୍ଭରଶୀଳତାରୁ ଓହରିବାକୁ ଚିନ୍ତା କରୁଛନ୍ତି।

## ଆଜି ଓଡ଼ିଶା ଆସିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି (୨୧ ଏପ୍ରିଲ, ୨୦୨୬)ରେ ଓଡ଼ିଶା ଗସ୍ତରେ ଆସିବେ। ଏହି ଦିନିକିଆ ଗସ୍ତରେ ରାଷ୍ଟ୍ରପତି



ରାଉରକେଲା ଠାରେ ଏକ ପ୍ଲାନେଟାରିୟମ ଓ ବିଜ୍ଞାନ କେନ୍ଦ୍ର ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଉଦଘାଟନ କରିବେ । ସେ ଏକ ଜନସଭାରେ ମଧ୍ୟ ଉଦବୋଧନ ଦେବେ । ରାଷ୍ଟ୍ରପତି ରାଉରକେଲାଠାରେ ଏକ ଜନଜାତି ସଂଗ୍ରହାଳୟ ଏବଂ କମାଣ୍ଡ ଓ ନିୟନ୍ତ୍ରଣ କକ୍ଷକୁ ମଧ୍ୟ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ଇରାନୀ ଜାହାଜକୁ ସିଜ୍ କଲା ଆମେରିକା

ୱାଶିଂଟନ : ରବିବାର ଆମେରିକା ନୌସେନା ପୂର୍ବ ଘୋଷଣା ଅନୁସାରେ କାର୍ଯ୍ୟ କରିଛନ୍ତି। ନୌସେନାର କମାଣ୍ଡୋମାନେ ମଧ୍ୟ ଇରାନୀୟ ପତାକା ଥିବା ତୌସ୍କା ଜାହାଜକୁ ଚିହ୍ନଟ କରିଥିଲେ। ଏହାପରେ ସେମାନେ ଏହା ମଧ୍ୟକୁ ଡିଆଁ ମାରି ବନ୍ଧୁକ ମୁନରେ ଏହାକୁ ସଂପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ନେଇ ଯାଇଛନ୍ତି।

ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ଆମେରିକୀୟ ନୌସେନା ଜାହାଜ ପ୍ରଥମେ ଇରାନୀୟ ପଣ୍ୟବାହୀ ଜାହାଜ ଉପରକୁ ଗୁଳି ମାଡ଼ କରିଥିଲେ। ଏହାପରେ ଜାହଜ ଭିତରେ ଅସ୍ତ୍ରଶସ୍ତ୍ର ଧରି ପ୍ରବେଶ କରିଥିଲେ। ଅପରେସନରେ ହେଲିକପ୍ଟରର ବ୍ୟବହାର କରାଯାଇଥିଲା।

ଆମେରିକା କେନ୍ଦ୍ରୀୟ କମାଣ୍ଡର କହିବା କଥା ଯେ ୬ ଘଣ୍ଟା ଧରି ପଣ୍ୟବାହୀ ଜାହାଜକୁ ବିଭିନ୍ନ ପ୍ରକାରର ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ଜାହାଜ କର୍ତ୍ତୃପକ୍ଷ କିଛି ବି ଶୁଣି ନଥିଲେ। ଏଥିଯୋଗୁ ମାରିନ କମାଣ୍ଡମାନେ ଜାହାଜ ଭିତରେ ପଶି ଏହାକୁ ସିଜ କରିଛନ୍ତି। ଗାଇଡେଡ ମିସାଇଲ ବିଧ୍ୱଂସକାରୀ ୟୁଏସଏସ ସ୍ପ୍ରୁଆନ୍ସେ ପ୍ରଥମେ ଜାହାଜର ପ୍ରୋପୁଲସିନକୁ ଅକାମୀ କରିଥିଲା। ଏହାପରେ କାମାଣ୍ଡୋମାନେ ଏହା ଭିତରେ ପ୍ରବେଶ କରି ନିଜ ନିୟନ୍ତ୍ରଣକୁ ନେଇଥିଲେ ବୋଲି ଆମେରିକା କେନ୍ଦ୍ରୀୟ କମାଣ୍ଡ କହିଛି।

ଜାହାଜକୁ ସିଜ କରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକା ମାରିନ ସଂପୂର୍ଣ୍ଣ ଭାବେ ଜାହାଜକୁ ନିଜ ନିୟନ୍ତ୍ରଣକୁ ନେଇଛି ଓ ଏବେ ସେମାନେ ଜାହାଜରେ କ'ଣ ଥିଲା, ତା'ର ଯାଞ୍ଚ କରୁଛନ୍ତି। ପୂର୍ବରୁ ବେଆଇନ କାର୍ଯ୍ୟକଳାପ ଯୋଗୁ ଜାହାଜଟି ଆମେରିକା କଟକଣାରେ ରହିଥିଲା। ଆମେରିକା ସୁରକ୍ଷାବଳର ବାରମ୍ବାର ୱାର୍ଣ୍ଣିଂ ସତ୍ତ୍ୱେ ଗଲ୍ଫ ଅଫ ଓମାନରେ ଏହାକୁ ଚିହ୍ନଟ କରାଯାଇଥିଲା ବୋଲି ଟ୍ରମ୍ପ କହିଛନ୍ତି।

## ଭୋର୍ ଆକାଶରେ ମହାଜାଗତିକ ଦୃଶ୍ୟ : ଉଲ୍କା ବର୍ଷା

ନୂଆଦିଲ୍ଲୀ : ବାର୍ଷିକ ଲିରିଡ୍ ଉଲ୍କାବର୍ଷା ଆରମ୍ଭ ହୋଇଛି, ଯାହା ଆକାଶ ପର୍ଯ୍ୟବେକ୍ଷକମାନଙ୍କୁ ରାତିର ଆକାଶରେ ଉଲ୍କା ପଡୁଥିବାର ଦେଖିବାର ସୁଯୋଗ ପ୍ରଦାନ କରିଛି। ଏପ୍ରିଲ୍ ୧୬ ରୁ ଏପ୍ରିଲ୍ ୨୫ ପର୍ଯ୍ୟନ୍ତ ସକ୍ରିୟ, ଉଲ୍କାବର୍ଷା ଏପ୍ରିଲ୍ ୨୧-୨୨ ରାତିରେ ଶୀର୍ଷରେ ପହଞ୍ଚିବ ବୋଲି ଆଶା କରାଯାଉଛି, ଯେତେବେଳେ ସର୍ବାଧିକ ସଂଖ୍ୟକ ୧୦ରୁ ୧୮ ପର୍ଯ୍ୟନ୍ତ ଉଲ୍କା ଦୃଶ୍ୟମାନ ହେବ। ଭାରତର ପର୍ଯ୍ୟବେକ୍ଷକମାନେ ଅନୁକୂଳ ପରିସ୍ଥିତିରେ, ବିଶେଷକରି ସୂର୍ଯ୍ୟୋଦୟ ପୂର୍ବରୁ ଭୋର୍ ୩ଟା ରୁ ୫ ଟା ମଧ୍ୟରେ ସର୍ବୋତ୍ତମ ଭାବେ ଅନ୍ଧାର ଆକାଶରେ ଏହି ମହାଜାଗତିକ ଦୃଶ୍ୟ ଦେଖିପାରିବେ। ଧୂମକେତୁ ସି/୧୮୬୧ ଜି-୧ ଥାଚର ଭଗ୍ନାବଶେଷ ମଧ୍ୟ ଦେଇ ପୃଥିବୀର ନିକଟରେ ଗତି କରିବା



ସମୟରେ ଏଭଳି ଘଟଣା ଘଟିଥାଏ। ଏହି ଧୂମକେତୁ ଯାହା ପ୍ରାୟ ପ୍ରତି ୪୧୫ ବର୍ଷରେ ସୂର୍ଯ୍ୟ ଚାରିପାଖରେ ପରିକ୍ରମା କରିଥାଏ। ଏହି ଧୂମକେତୁ ୨୨୮୩ ମସିହା ପର୍ଯ୍ୟନ୍ତ ଆଉ ଫେରିବ ନାହିଁ। ତେବେ ଏହାର ଧୂଳି କଣିକା ଏକ ସ୍ଥିର ବାର୍ଷିକ ଉଲ୍କା ସୃଷ୍ଟି କରିଥାଏ। ଆମେରିକାରେ ଏକ ବିରଳ ଦିବାଲୋକ ଦୃଶ୍ୟରେ ଉଲ୍କା ଉତ୍ତର-ପୂର୍ବ ଆକାଶକୁ ଆଲୋକିତ କରିଥାଏ। ଖୋଲା ପାଗ ଏବଂ ଆଲୋକ ପ୍ରଦୂଷଣ ସର୍ବନିମ୍ନ ଥିଲେ ଏହା ଭାରତର ଅଧିକାଂଶ ସ୍ଥାନରେ ଦୃଶ୍ୟମାନ ହେବ। ସହର ଆଲୋକ ଠାରୁ ଦୂରରେ ଥିବା ଅଞ୍ଚଳ, ଯେପରିକି ଗ୍ରାମାଞ୍ଚଳ କିମ୍ବା ପାହାଡ଼ ଷ୍ଟେସନ ଏହା ଭଲ ଭାବେ ଦେଖାଯାଇଥାଏ।

## ଗୁଳି କରି ଶୋଇଥିବା ୫ ପିଲାଙ୍କ ଜୀବନ ନେଲା ସଇତାନ ବାପା

ୱାସିଂଟନ : ଆମେରିକାର ଲୁଇସିଆନାର ଶ୍ରେଭପୋର୍ଟରେ ଏକ ଦୁଃଖଦ ଘଟଣା ଘଟିଛି। ଜଣେ ବ୍ୟକ୍ତି ଗୁଳି କରି ଆଠ ଜଣ ପିଲାଙ୍କୁ ହତ୍ୟା କରିଛନ୍ତି। ରିପୋର୍ଟ ହୋଇଛି, ଏହି ପିଲାମାନଙ୍କ ମଧ୍ୟରୁ ସାତ ଜଣ ତାଙ୍କର ନିଜ ପିଲା ଥିଲେ। ଅଷ୍ଟମ ପିଲା ତାଙ୍କର ପୁତୁରା ଥିଲେ। ମୃତକଙ୍କ ମଧ୍ୟରୁ ପାଞ୍ଚ ଜଣ ଝିଅ ଏବଂ ତିନି ଜଣ ପୁଅ ଅଛନ୍ତି। ବ୍ୟକ୍ତି ଜଣକ ଗୁଳି ଚଳାଇବା ସମୟରେ ପିଲାମାନେ ନିଦରେ ଶୋଇଥିଲେ। ମୃତ ପିଲାଙ୍କର ବୟସ ୧ ରୁ ୧୪ ବର୍ଷ ମଧ୍ୟରେ ଥିବା ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୬ଟା ସମୟରେ ଏହି ଆକ୍ରମଣ ଘଟିଥିଲା। ଅଭିଯୁକ୍ତର ତାଙ୍କ ସ୍ତ୍ରୀ ସହିତ ଝଗଡ଼ା ହୋଇଥିଲା, ଯାହା ପରେ ସେ କ୍ରୋଧିତ ହୋଇ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲା। ସମ୍ପୂର୍ଣ୍ଣ ଘଟଣା ଦୁଇଟି ପୃଥକ ଘରେ ଘଟିଥିଲା। ସେ ପ୍ରଥମେ ଗୋଟିଏ ଘରେ ଗୁଳି ଚଳାଇଥିଲେ ଏବଂ ପରେ ଅନ୍ୟ ଏକ ଘରକୁ ଯାଇ ପିଲାମାନଙ୍କୁ ଆକ୍ରମଣ କରିଥିଲେ। ଦ୍ୱିତୀୟ ଘରେ ସାତ ଜଣ ପିଲାଙ୍କ ମୃତ୍ୟୁ ହୋଇଥିଲା। ଜୀବନ ବଞ୍ଚାଇବାକୁ ଚେଷ୍ଟା କରୁଥିବା ସମୟରେ ଜଣେ ପିଲାଙ୍କୁ ସେ ଘରର ଛାତ ଉପରେ ଗୁଳି କରିଥିଲେ। ଆଉ ଜଣେ ପିଲା ଜୀବନ ବଞ୍ଚାଇବା ପାଇଁ ଛାତରୁ ଡେଇଁ ପଡ଼ି ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ।ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ୩୨ ବର୍ଷୀୟ ଶାମାର ଏଲକିନ୍ସ ଭାବରେ ଚିହ୍ନଟ କରାଯାଇଛି, ସେ ଜଣେ ଅବସରପ୍ରାପ୍ତ ସେନା ସୈନିକ। ଘଟଣା ପରେ ସେ ଏକ କାର ଚୋରି କରି ପଳାଇବାକୁ ଚେଷ୍ଟା କରିଥିଲେ। ପୁଲିସ ତାଙ୍କୁ ବୋଜିଅର ପାରିସ ପର୍ଯ୍ୟନ୍ତ ପିଛା କରି ଗୁଳି କରି ହତ୍ୟା କରିଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ଘରୋଇ ହିଂସା ମାମଲା ବୋଲି ବିବେଚନା କରାଯାଉଛି। ପୁଲିସର ଏଲକିନ୍ସଙ୍କ ପତ୍ନୀଙ୍କର ଚାରି ଜଣ ସନ୍ତାନ ଥିବାବେଳେ ପାଖରେ ରହୁଥିବା ଅନ୍ୟ ଜଣେ ମହିଳାଙ୍କର ତିନି ଜଣ ପିଲା ଥିଲେ। ଘଟଣା ସମୟରେ ସମସ୍ତ ପିଲା ଗୋଟିଏ ଘରେ ଥିଲେ। ଆକ୍ରମଣରେ ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ମହିଳା ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ପରିବାରର ଜଣେ ସଦସ୍ୟ କହିଛନ୍ତି ଯେ ଏଲକିନ୍ସ ଏବଂ ତାଙ୍କ ସ୍ତ୍ରୀ ଅଲଗା ହେବାକୁ ଯାଉଥିଲେ ଏବଂ ଏ ବିଷୟରେ ଯୁକ୍ତିତର୍କ କରୁଥିଲେ। ସେମାନଙ୍କର କୋର୍ଟ ଶୁଣାଣି ମଧ୍ୟ ସ୍ଥିର ହୋଇଥିଲା। ପୁଲିସ କହିଛି, ଏଲକିନ୍ସଙ୍କୁ ପୂର୍ବରୁ ୨୦୧୯ ରେ ଅସ୍ତ୍ରଶସ୍ତ୍ର ସମ୍ବନ୍ଧୀୟ ଅପରାଧ ପାଇଁ ଗିରଫ କରାଯାଇଥିଲା, କିନ୍ତୁ ଘରୋଇ ହିଂସାର କୌଣସି ପୂର୍ବ ରେକର୍ଡ ନଥିଲା।

# ଗୁଜରାଟକୁ ୯୯ ରନରେ ହରାଇ ମୁମ୍ବାଇ ବିଜୟୀ

ଅହମଦାବାଦ : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ୩୦ତମ ମୁକାବିଲାରେ ଗୁଜରାଟ ଟାଇଟନ୍ସକୁ ୯୯ ରନରେ ପରାସ୍ତ କରି ମୁମ୍ବାଇ ଇଣ୍ଡିଆନ୍ସ ବିଜୟ ଲାଭ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୯ ରନ କରିଥିଲା। ଏହାର ଜବାବରେ ଗୁଜରାଟ ଟାଇଟନ୍ସ ୧୫.୫ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୦୦ ରନ କରିବାକୁ ସକ୍ଷମ ହୋଇଥିଲା। ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍ ପୂର୍ବରୁ ଗୁଜରାଟ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଅତିଥି ଦଳ ବ୍ୟାଟିଂ କରିଥିଲା। ଏଠାରେ ମୁମ୍ବାଇ ଯୁବ ବ୍ୟାଟର ତିଳକ ବର୍ମାଙ୍କ ବିସ୍ଫୋରକ ଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା। ଫଳରେ ଗୁଜରାଟକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୦୦ ରନର ଲକ୍ଷ୍ୟ ଥିଲା।

ମୁମ୍ବାଇର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ସ୍କୋର ୧୦ ରନରେ ପ୍ରଥମ ଝଟକା ଲାଗିଥିଲା। ଦଳ ପକ୍ଷରୁ ତିଳକ ବର୍ମା ବିସ୍ଫୋରକ ବ୍ୟାଟିଂ କରିଥିଲେ।



ସେ ୪୫ଟି ବଲ୍ ସାମ୍ନା କରିଥିଲେ ଏବଂ ୧୦୧ ରନ୍ ସଂଗ୍ରହ କରିଥିଲେ। ଏଥିରେ ୮ଟି ଚୌକା ଏବଂ ୭ଟି ଛକା ସାମିଲ କରିଥିଲେ। ନମନ ଧୀର ମୁମ୍ବାଇ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ। ସେ ୩୨ଟି ବଲ୍ ଖେଳି ୪୫ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୬ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା।

ଅନ୍ୟପଟରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୫-୧୫ ରନର ଯୋଗଦାନ କରିଥିଲେ। ସୂର୍ଯ୍ୟକୁମାର ୧୦ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲା ବେଳେ ହାର୍ଦ୍ଦିକ ୧୬ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ମାରିଥିଲେ। ମୁମ୍ବାଇର ଅନ୍ୟ ଖେଳାଳିମାନଙ୍କର ବ୍ୟାଟିଂ ଉତ୍ସାହଜନକ ହୋଇପାରି ନଥିଲା। ଗୁଜରାଟ ପକ୍ଷରୁ କାଗିସୋ ରାବଡା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଦ୍ରୁତ ବୋଲର ମହମ୍ମଦ ସାମି ଏବଂ ପ୍ରସିଦ୍ଧ କୃଷ୍ଣା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଆଜିର ମ୍ୟାଚରେ ଉଭୟ ବୋଲିଂ ଓ ବ୍ୟାଟିଂରେ ମୁମ୍ବାଇ-ଇଣ୍ଡିଆନ୍ସ ଶକ୍ତିଶାଳୀ ପ୍ରଦର୍ଶନ କରିଛି। ନିଜ ମାଟିରେ ଗୁଜରାଟ ଶୋଚନୀୟ ପରାଜ ବରଣ କରିବା ଦଳ ପାଇଁ ଏକ ଶକ୍ତ ଝଟକା ହୋଇଛି। ମୁମ୍ବାଇ ଲଗାତାର ଚତୁର୍ଥ ପରାଜୟ ପରେ ଆଜି ଏହି ବିଜୟ ହାସଲ କରିଛି। ଆଇପିଏଲର ଚଳିତ ସଂସ୍କରଣରେ ମୁମ୍ବାଇ ନିଜର ପ୍ରଥମ ମ୍ୟାଚରେ କୋଲକାତା ବିପକ୍ଷରେ ୬ ୱିକେଟରେ ବିଜୟୀ ହୋଇଥିଲା। କିନ୍ତୁ ପରବର୍ତ୍ତୀ ୪ ଟି ମ୍ୟାଚରେ ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ ଓ ବେଙ୍ଗାଲୁରୁ ଠାରୁ ପରାଜୟ ବରଣ କରିଥିଲା।

## ଆଜିର ମ୍ୟାଚ

* ହାଇଦ୍ରାବାଦ - ଦିଲ୍ଲୀ
* ସ୍ଥାନ - ହାଇଦ୍ରାବାଦ
* ସମୟ - ରାତି ୭.୩୦

▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

# ଫିଡେ ବିଶ୍ୱ ପ୍ରତିଯୋଗିତା ଆୟୋଜନ କରିବ ଭାରତ !

ନୂଆଦିଲ୍ଲୀ : ଗ୍ରାଣ୍ଡମାଷ୍ଟର ଆର୍ ବୈଶାଳୀ ପ୍ରଥମ ଭାରତୀୟ ମହିଳା ଭାବେ କ୍ୟାଣ୍ଡିଡେଟ୍ସ ଟ୍ରଫି ହାତେଇଥିଲେ। ଏଥିସହ ସେ ଫିଡେ ମହିଳା ବିଶ୍ୱ ପ୍ରତିଯୋଗିତାର ଫାଇନାଲ୍ ଖେଳିବାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲେ। ସେହିଭଳି ଫିଡେ ପୁରୁଷ ବିଶ୍ୱ ପ୍ରତିଯୋଗିତାର ଫାଇନାଲ୍ ଖେଳିବାକୁ ଭାରତର ଡି ଗୁକେଶ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଫିଡେ ବିଶ୍ୱ ପ୍ରତିଯୋଗିତାର ତାରିଖ ଓ ସ୍ଥାନ ଘୋଷଣା ହୋଇନି। ଉଭୟ ପୁରୁଷ ଓ ମହିଳା ବର୍ଗର ଫାଇନାଲରେ ଭାରତୀୟ ଖେଳାଳି ଥିବାରୁ ଭାରତ ଏହି ବିଶ୍ୱ ପ୍ରତିଯୋଗିତା ଆୟୋଜନ ଲାଗି ଆଗ୍ରହ ଦେଖାଇଛି। ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିବା ବୈଶାଳୀ ଓ ଗୁକେଶ ତାମିଲନାଡୁର ହୋଇଥିବାରୁ ଏହି ପ୍ରତିଯୋଗିତା ଚେନ୍ନାଇରେ କରିବାକୁ ଭାରତ ଚାହିବ। ମହିଳା ଟାଇଟଲ୍ ଲଢ଼େଇରେ ଗତ ସଂସ୍କରଣ ବିଜେତା



ଜୁ ୱେନ୍ଜୁନ୍‌ଙ୍କୁ ଭେଟିବେ ବୈଶାଳୀ। ଅନ୍ୟପକ୍ଷରେ ଗୁକେଶ ପୁରୁଷ ବିଶ୍ୱ ଟାଇଟଲ୍ ବଜାୟ ରଖିବାକୁ ଜାଭୋଖିର ସିନ୍ଦରୋଭ ସହ ମୁକାବିଲା କରିବେ। ସର୍ବଭାରତୀୟ ଚେସ୍ ମହାସଂଘର ପରିଚାଳନା ମୁଖ୍ୟ ଏକେ ବର୍ମା କହିଛନ୍ତି ଯେ "ବିଶ୍ୱ ପ୍ରତିଯୋଗିତା ଏଠାକୁ ଆଣିବାକୁ ଚେଷ୍ଟା କରିବୁ। ଏଥିଲାଗି ବିଡିଂ କରିବୁ। ଦୁଇଟି ଯାକ ବର୍ଗରେ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା କରିବା ଆମ ପାଇଁ ଗର୍ବର କଥା। ଫିଡେ ସଦସ୍ୟ ରାଷ୍ଟ୍ର ଭାବେ ଭାରତରେ ଅଧିକ ପ୍ରତିଯୋଗିତା ଆୟୋଜନ କରିବାକୁ ଆମର ଲକ୍ଷ୍ୟ ଥିଲା ବେଳେ ଆମର ଦୁଇ ଜଣ ଖେଳାଳି ବିଶ୍ୱ ପ୍ରତିଯୋଗିତା ଫାଇନାଲ୍ ଖେଳିବେ। ତେଣୁ ଆମ ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରିବା ଗୁରୁତ୍ୱପୂର୍ଣ୍ଣ। ଗତ ସଂସ୍କରଣ ତାମିଲନାଡୁରେ ଆୟୋଜନ କରିବାକୁ ଆମେ ପ୍ରସ୍ତୁତ ଥିଲୁ। ହେଲେ ସିଙ୍ଗାପୁର ଭଲ ପ୍ରସ୍ତାବ ଦେବାରୁ ସେଠାରେ ହୋଇଥିଲା। ଏଥର ଆମେ ଦୃଢ଼ ଭାବେ ପ୍ରସ୍ତାବ ରଖିବୁ।"

# ପ୍ରଥମ ବ୍ୟକ୍ତିଗତ ଅଲମ୍ପିକ ପଦକ ବିଜେତାଙ୍କୁ ମିଳିବ ପଦ୍ମ ବିଭୂଷଣ!

ମୁମ୍ବାଇ : ସ୍ୱାଧୀନ ଭାରତର ପ୍ରଥମ ବ୍ୟକ୍ତିଗତ ଅଲମ୍ପିକ ପଦକ ବିଜେତା କୁସ୍ତିଯୋଦ୍ଧା ଖାସାବା ଦାଦାସାହେବ ଯାଦବଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ ପ୍ରଦାନ କରିବା ସମ୍ପର୍କରେ ମେ ୪ ସୁଦ୍ଧା ନିଷ୍ପତ୍ତି ନେବାକୁ ବମ୍ବେ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଯାଦବଙ୍କ ପୁଅ ରଂଜିତ ଯାଦବ ଓ କୁସ୍ତିବୀର ଖାସାବା ଯାଦବ ଫାଉଣ୍ଡେସନ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ମାମଲାରେ ଶୁଣାଣି କରି ଜଷ୍ଟିସ୍ ମାଧବ ଜମାଦାର ଓ ପ୍ରବୀଣ ପାଟିଲଙ୍କୁ ନେଇ ଗଠିତ ହାଇକୋର୍ଟଙ୍କ କୋହ୍ଲାପୁର ବେଞ୍ଚ୍ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଏପ୍ରିଲ ୧୫ରେ ଏହି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏଥିରେ ସନ୍ଦେହ ନାହିଁ ଯେ ମହାରାଷ୍ଟ୍ରର କୁସ୍ତିଯୋଦ୍ଧା ଯାଦବ ଭାରତର ପ୍ରଥମ ଅଲମ୍ପିକ ପଦକ ବିଜେତା। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ ୫ରେ ହେବ।

# ରୋବର୍ଟ ଭାଙ୍ଗିଲା ମାରାଥନ ରେକର୍ଡ

ବେଜିଂ : ଚୀନର ରାଜଧାନୀ ବେଜିଂରେ ଆୟୋଜିତ ଏକ ମାରାଥନରେ ମଣିଷଙ୍କ ସହ ରୋବର୍ଟ ଦୌଡ଼ିଥିଲେ। ନିଜ ଦୌଡ଼ିବା ଦକ୍ଷତା ତଥା ସ୍ୱୟଂଚାଳିତ ଦିଗ ନିର୍ଦ୍ଧାରଣ କୌଶଳରେ ଏହି ରୋବର୍ଟଗୁଡ଼ିକ ମାନବ ଧାବକମାନଙ୍କୁ ଅତି ସହଜରେ ପଛରେ ପକାଇ ଦେଇଥିଲେ। ଯାହା ଏହି ନିଆରା ମାରାଥନର ପ୍ରମୁଖ ଆକର୍ଷଣ ଥିଲା। ଗତବର୍ଷ ହିଁ ଏହି ନିଆରା ମାରାଥନ ପ୍ରଥମ ଥର ଲାଗି ଆୟୋଜିତ ହୋଇଥିଲା। ହେଲେ ଯାନ୍ତ୍ରିକ ତ୍ରୁଟି ପାଇଁ ଅଧିକାଂଶ ରୋବର୍ଟ ରେସ୍ ଶେଷ କରି ପାରି ନଥିଲେ। ସେମାନେ ମଧ୍ୟ ମଣିଷଙ୍କଠାରୁ ଦୁଇଗୁଣା ସମୟ ନେଇଥିଲେ। ଚଳିତବର୍ଷ କିନ୍ତୁ ଭିନ୍ନ ପରିସ୍ଥିତି ଦେଖିବାକୁ ମିଳିଥିଲା। ରୋବର୍ଟଗୁଡ଼ିକ ଅତି ସହଜରେ ଦୌଡ଼ାଦୌଡ଼ି କରିବା ସହ ସାଧାରଣ ମଣିଷ ଧାବକଙ୍କୁ ଅତି ସହଜର ପଛରେ ପକାଇ ଦେଇଥିଲେ।



ରୋବର୍ଟ ବର୍ଗର ବିଜେତା ସାଧାରଣ ବର୍ଗର ବିଜେତାଙ୍କଠାରୁ ପାଖାପାଖି ୧୦ ମିନିଟ୍ କମ୍ ସମୟ ନେଇଥିଲେ। ସେହିଭଳି ଗତବର୍ଷ ମାତ୍ର ୨୦ଟି ରୋବର୍ଟ ଅଂଶଗ୍ରହଣ କରିଥିଲା ବେଳେ ଏଥର ଏହି ସଂଖ୍ୟା ୧୦୦କୁ ବଢ଼ିଥିଲା। ଏବର୍ଷର ରେସ୍ ମଧ୍ୟ ପୂରା ୨୧ କିଲୋମିଟର ଧରି ହୋଇଥିଲା। ସମାନ୍ତରାଳ ଟ୍ରାକ୍ରେ ୧୨,୦୦୦ ପୁରୁଷ ଓ ରୋବର୍ଟ ଏକାଠି ଦୌଡ଼ି ବିଶ୍ୱ ରେକର୍ଡ କରିଥିଲେ। ବିଜେତା ରୋବାର୍ଟକୁ ଚୀନର ସ୍ମାର୍ଟଫୋନ୍ ବ୍ରାଣ୍ଡ ହନର ନିର୍ମାଣ କରିଥିବା ଜଣାପଡ଼ିଛି।

# ଓସିଏ ୧୬ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ୍ : ଋତୁରାଜ, ଓମଙ୍କୁ ୬ ୱିକେଟ୍

ଭୁବନେଶ୍ୱର, ୨୦।୪(ସବ୍ୟୁ) : ଓସିଏ ୧୬ବର୍ଷରୁ ଅନ୍ତଃଜିଲ୍ଲା କ୍ରିକେଟର ରବିବାର ମ୍ୟାଚରେ ଭୁବନେଶ୍ୱର-ବି', ଭଦ୍ରକ, ନୟାଗଡ଼, କେନ୍ଦୁଝର, ପାରାଦୀପ ଓ କଳାହାଣ୍ଡି ବିଜୟୀ ହୋଇଛନ୍ତି। ଭୁବନେଶ୍ୱରର ଅନୁରାଗ ସାମନ୍ତରାୟଙ୍କ ୯୪ରନ୍, ନୟାଗଡ଼ର ଋତୁରାଜ ମହାନ୍ତି ଓ କେନ୍ଦୁଝରର ଓମ୍ ପି. ସେଠୀଙ୍କ ୬ ୱିକେଟ୍ ଅକ୍ତିଆର, ପାରାଦୀପର ଅୟଶ ପଣ୍ଡାଙ୍କ ୫ ୱିକେଟ୍ ହାସଲ ରବିବାର ଖେଳର ଉଲ୍ଲେଖନୀୟ ପ୍ରସଙ୍ଗ ହୋଇଛି। ନିମ୍ପୁର ପଡ଼ିଆରେ ଭୁବନେଶ୍ୱର-ବି' ୩୩ ରନରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଅନୁରାଗଙ୍କ ୯୪ରନ୍ (୯୯ବଲ୍) ବଳରେ ଭୁବନେଶ୍ୱର-ବି' ୮ ୱିକେଟ୍ ହରାଇ ୨୪୭ରନ୍ କରିଥିଲା। ଯୋଗେଶ ରାୟ ୪ଟି ଓ ୱସିଲ୍ ଖାନ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଝାରସୁଗୁଡ଼ା ବଂଶ ଗାନ୍ଧୀଙ୍କ ୪୮ରନ୍ ସତ୍ତ୍ୱେ ୪୭.୫ଓଭରରେ ୨୧୪ରନ୍ କରିଥିଲା। ଆୟୁଷ ରାଉତ ଓ ମୃତ୍ୟୁଞ୍ଜୟ ରାୟ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଅନୁରାଗଙ୍କୁ ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଥିଲା। ରେଲୱେ ପଡ଼ିଆରେ ଭଦ୍ରକ ୭ ୱିକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। କେନ୍ଦ୍ରାପଡ଼ା ୩୭.୧ ଓଭରରେ ୧୫୧ ରନ୍ କରିଥିଲା। ବିଶ୍ୱଜିତ ସାହୁ ସର୍ବାଧିକ ୩୩ ରନ କରିଥିବା ବେଳେ ଶୁବାଶିଷ ନାୟକ ଓ ଶେଖ୍ କଲିମୁଦ୍ଦିନ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଭଦ୍ରକ, ସତ୍ୟପ୍ରକାଶ ସାହୁଙ୍କ ଅର୍ଦ୍ଧଶତକ ବଳରେ ୩୫.୩ ଓଭର ଓ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ୧୫୨ରନ୍ ହାସଲ କରି ନେଇଥିଲା। ୪୪ରନ୍ ସହ ୩ଟି ୱିକେଟ୍ ନେଇଥିବା ଶୁବାଶିଷଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଚୟନ ହୋଇଥିଲେ। ସନସାଇନ ପଡ଼ିଆରେ ନୟାଗଡ଼ ୧୪୫ରନ୍ରେ ବରଗଡ଼କୁ ପରାସ୍ତ କରିଛି। ସାଇ ନାରାୟଣଙ୍କ ୬୯ରନ୍, ଆଶୁତୋଷ ଯାଦବଙ୍କ ୫୯ରନ୍ ବଳରେ ନୟାଗଡ଼ ୯ ୱିକେଟ୍ ହରାଇ ୨୭୮ରନ୍ କରିଥିଲା। ଆଦିଲ୍ ଶେଖ୍ ୨ଟି ୱିକେଟ୍ ନେଇଥିଲେ। ଜବାବରେ ବରଗଡ଼ ୩୫.୧ଓଭରରେ ୧୩୩ରନ୍ କରିଥିଲା। ବରଗଡ଼ ପକ୍ଷରୁ ମୟଙ୍କ ଅଗ୍ରୱାଲ ୨୧ ରନ୍ କରିଥିବା ବେଳେ ନୟାଗଡ଼ର ଋତୁରାଜ ମହାନ୍ତି ୬ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ଚୟନ ହୋଇଥିଲେ। ଡ୍ରିମ୍ସ ପଡ଼ିଆରେ କେନ୍ଦୁଝର ୯ ୱିକେଟରେ ବଲାଙ୍ଗୀରକୁ ପରାସ୍ତ କରିଛି। କେନ୍ଦୁଝର ୨୧.୨ ଓଭରରେ ୬୦ ରନ କରି ଅଲଆଉଟ ହୋଇଥିଲା। ବଲାଙ୍ଗୀର ପକ୍ଷରୁ ଦିଲ୍ଲେଶ୍ୱର କଥର ଓ ପ୍ରିୟାଂଶୁ ସାହୁ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ବଲାଙ୍ଗୀର ୧୮ ଓଭରରେ ୫୧ ରନ୍ କରି ଅଲଆଉଟ୍ ହୋଇଥିଲା। କେନ୍ଦୁଝରର ଓମ୍. ପି. ସେଠୀ ୬ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଡ଼ଶପୁର ପଡ଼ିଆରେ ପାରାଦୀପ ୭ ୱିକେଟରେ ସୋନପୁରକୁ ପରାସ୍ତ କରିଛି। ସୋନପୁର ୨୮.୪ ଓଭରରେ ୧୦୯ ରନ୍ କରି ଅଲଆଉଟ୍ ହୋଇଥିଲା। ସୋନପୁର ପକ୍ଷରୁ ଅନ୍ୱେଷ ତ୍ରିପାଠୀ ୨୬ରନ୍ କରିଥିବା ବେଳେ ପାରାଦୀପ ପକ୍ଷରୁ ଅୟଶ ପଣ୍ଡା ୫ଟି ୱିକେଟ୍ ନେଇଥିଲେ। ଜବାବରେ ପାରାଦୀପ ୨୪.୫ ଓଭର ଓ ୩ ୱିକେଟ୍ ବିନିମୟରେ ୧୧୧ ରନ୍ କରି ମ୍ୟାଚ୍ ଜିତିଥିଲା। ପାରାଦୀପ ପକ୍ଷରୁ ମୟଙ୍କ ପରିଡ଼ା ୫୦ ରନ୍ କରିଥିବା ବେଳେ ସୋନପୁରର ଆରବ ପୁଜାହାରୀ ୨ଟି ୱିକେଟ୍ ନେଇଥିଲେ। ଖୋର୍ଦ୍ଧା ପଡ଼ିଆରେ କଳାହାଣ୍ଡି ୧୯୨ ରନରେ ରାୟଗଡ଼ାକୁ ପରାସ୍ତ କରିଛି। କଳାହାଣ୍ଡି ୪୯ ଓଭରରେ ୬ ୱିକେଟ୍ ହରାଇ ୨୫୮ରନ୍ କରିଥିଲା। ଦଳ ପକ୍ଷରୁ ଅଭ୍ୟୁଦିତ ନନ୍ଦ ୫୬ରନ୍ କରିଥିବା ବେଳେ ରାୟଗଡ଼ାର ସମୀର ବିଦିକା ୨ଟି ୱିକେଟ୍ ନେଇଥିଲେ। ଜବାବରେ ରାୟଗଡ଼ା ୧୯.୧ ଓଭରରେ ମାତ୍ର ୬୬ ରନ୍ କରିଥିଲା। କଳାହାଣ୍ଡି ପକ୍ଷରୁ ପୃଥ୍ୱୀରାଜ ପାତ୍ର ୩ଟି ୱିକେଟ୍ ନେଇଥିଲେ। ୩୮ରନ୍ ସହ ୨ ୱିକେଟ୍ ନେଇଥିବା କଳାହାଣ୍ଡିର ଯଶକରଣ ସିଂହ ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଥିଲେ।

# ସର୍ବଭାରତୀୟ ପୋଲିସ ୱାଟର ସ୍ପୋର୍ଟ୍ସ ଚାମ୍ପିଅନସିପ୍

## ଓଡିଶା କ୍ରୀଡାବିତଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ

ଭୁବନେଶ୍ୱର, ୨୦।୪(ସବ୍ୟୁ) : ଉତ୍ତରାଖଣ୍ଡର ତେହେରିଠାରେ ଅନୁଷ୍ଠିତ ୨୫ତମ ସର୍ବଭାରତୀୟ ପୋଲିସ ୱାଟର ସ୍ପୋର୍ଟସ କ୍ଲଷ୍ଟର (କାୟାକିଙ୍ଗ, କାନୋଇଂ ଏବଂ ରୋଇଂ) ଚାମ୍ପିୟନସିପ୍ ୨୦୨୫-୨୬ରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ସଫଳ କ୍ରୀଡ଼ାବିତମାନେ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ସମସ୍ତ ପଦକ ବିଜେତାଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଛନ୍ତି ଯେ, ୱାଟର ସ୍ପୋର୍ଟସ କ୍ଷେତ୍ରରେ ଓଡ଼ିଶା ପୋଲିସର ଏହି ସଫଳତା ଆଗାମୀ ଦିନରେ ଅନ୍ୟ କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣା ସାଜିବ। ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦଳ ସମୁଦାୟ ୨ଟି ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ପଦକ ହାସଲ କରିଛି। ରୋଇଂ ଏବଂ କାନୋଇଂ ଭଳି ପ୍ରତିଯୋଗିତାରେ ଓଡ଼ିଶାର ମହିଳା କ୍ରୀଡ଼ାବିତମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



### ପଦକ ବିଜେତାଙ୍କ ସଫଳତା

* ରିତୁ କାଉଡି (ସୁନ୍ଦରଗଡ଼): ରୋଇଂ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ।
* ସୋନାଲିକା ଦାସ (ୟୁପିଡି କଟକ): ରୋଇଂ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ।
* ସଚିମା କେର୍କେଟା (ସୁନ୍ଦରଗଡ଼): କାନୋଇଂ ସି -୧ (୨୦୦ ମିଟର) ରେ ବ୍ରୋଞ୍ଜ ପଦକ।
* ସଞ୍ଜୁକ୍ତା ଡୁଙ୍ଗଡୁଙ୍ଗ (କଟକ) , ରେଶମା ଲାକ୍ରା (ସୁନ୍ଦରଗଡ଼), ରିଚେଲ ଲାକ୍ରା (ସୁନ୍ଦରଗଡ଼) ଏବଂ ସୁମିତ୍ରା ମଲ୍ଲିକ(କଟକ): ରୋଇଙ୍ଗ ବର୍ଗରେ ମିଳିତ ଭାବେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ସୀତାରାମ ଇଲେଭେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଶରଣକୁଳ ଚାମ୍ପିଅନ

ଶରଣକୁଳ, ୨୦।୪(ସବ୍ୟୁ) : ଶରଣକୁଳ ନିକଟ ଗୋଡ଼ିପଲ୍ଲୀ ପଞ୍ଚାୟତ ଖେଳ ପଡ଼ିଆରେ ଚାଲିଥିବା ସୀତାରାମ ଇଲେଭେନ କିକ୍ରେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଶରଣକୁଳ ସହିତ ପଞ୍ଚିରିଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ପଞ୍ଚିରିଡା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲେ। ପରେ ଶରଣକୁଳ ଦଳ ୬ ୱିକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ମ୍ୟାଚକୁ ଜିତି ନେଇଥିଲା। ଖେଳରେ ଅତିଥି ଭାବେ ସୀତାରାମ ଇଲେଭେନ କ୍ରିକେଟ କ୍ଲବର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ପପୁ ରାଉତ, ସରପଞ୍ଚ ପ୍ରତିନିଧି ପ୍ରଭାତ କୁମାର କର, ସମିତି ସଭ୍ୟ ପ୍ରତିନିଧି ପଦ୍ମଲୋଚନ ସାହୁ, ଗ୍ରାମ ପରିଚାଳନା କମିଟି ସଭାପତି ସାଲୁ ରାଉତ ଆଦି ଯୋଗ ଦେଇ ଶରଣକୁଳ ଦଳକୁ ଚାମ୍ପିଅନ ଟ୍ରଫି ଓ ପଞ୍ଚିରିଡା ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ । ଖେଳରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ରକି ଓ ପଞ୍ଚିରିଡ଼ା ଦଳର ଶୁଭ ମ୍ୟାନ ଅଫ ଦି ସିରିଜ ଭାବେ ଘୋଷଣା କରାଯାଇଥିଲା। ଆଜିର ଖେଳକୁ ସୌରଭ ସୁନ୍ଦର ପାଲ ଓ ରାଜେନ୍ଦ୍ର କୁମାର ସ୍ୱାଇଁ ପରିଚାଳନା କରିଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୀଡ଼ାଭଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ସିଏମ୍ ଟ୍ରଫି ଜୁନିୟର ଫୁଟବଲର ଦ୍ୱିତୀୟ ସଂସ୍କରଣ

ବରଗଡ, ୨୦।୪ (ସବ୍ୟୁ) : ରାଜ୍ୟ ସରକାର , ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଏସୋସିଏସନ୍ ଅଫ ଓଡ଼ିଶା ସହଯୋଗରେ ସୋମବାର ବରଗଡ ଲେଙ୍କୁ ମିଶ୍ର ମିନି ଷ୍ଟାଡିୟମରେ ସିଏମ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର ୧୧ ତମ ଦିନରେ ବାଳିକା ମାନଙ୍କ ମ୍ୟାଚରେ ପ୍ରଥମ ମ୍ୟାଚରେ କଦଳୀ ପାଲି ଫୁଟବଲ୍ କ୍ଲବ୍ ଓ ଦ୍ୱିତୀୟ ମ୍ୟାଚରେ କନବାର ଫୁଟବଲ୍ କ୍ଲବ୍ ଦଳ ବିଜୟୀ ହୋଇଛନ୍ତି। କଦଳୀ ପାଲି ଫୁଟବଲ୍ କ୍ଲବ୍ ଓ ସିମେଣ୍ଟ ନଗର ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କଦଳୀ ପାଲି ଫୁଟବଲ୍ କ୍ଲବ୍ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ଅଜୟ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ପ୍ରଶାନ୍ତ ବେହେରା ଓ ପିଙ୍କି ହଂସ ସହଯୋଗ କରିଥିଲେ।

ଦ୍ୱିତୀୟ ମ୍ୟାଚ କନବାର ଫୁଟବଲ୍ କ୍ଲବ୍ ଓ ସିଆଲଖଣ୍ଡହଟା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ



ଦ୍ୱିତୀୟ ମ୍ୟାଚରେ କନବାର୍ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। କାନବାର୍ ଦଳ ପକ୍ଷରୁ ଇତିଶ୍ରୀ ସେଟ୍ ହ୍ୟାଟ୍ରିକ ସହ ତିନୋଟି ଗୋଲ ସ୍କୋର କରିଥିଲେ। ଏହି ଖେଳକୁ ନିରଞ୍ଜନ ମହାକୁର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍ ରେ ଉମାକାନ୍ତ ସାହୁ ଓ ଝସକେତନ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପଞ୍ଚାନନ ପାତ୍ର।

ଚିଫ ମିନିଷ୍ଟର ଟ୍ରଫିର ବାଳକ ବିଭାଗର ଫାଇନାଲ ମ୍ୟାଚ ୨୨ ତାରିଖ ଦିନ ୟୁନାଇଟେଡ ସ୍ପୋର୍ଟସ କ୍ଲବ ବରଗଡ ଓ ଖରମୁଣ୍ଡା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।

# ମାଲେସିଆରେ ଚମକିବେ ଓଡ଼ିଆ କ୍ରୀଡ଼ାବିତ୍

ଭୁବନେଶ୍ୱର, ୨୦।୪(ସବ୍ୟୁ) : ଚଳିତ ବର୍ଷ ମେ ୧ ତାରିଖରୁ ୩ ତାରିଖ ଯାଏ ମାଲେସିଆରେ ଖେଳାଯିବାକୁ ଥିବା ୧୩ ତମ ସ୍ପିଡ଼ ପାୱାର ଇଣ୍ଟରନେସନାଲ ଓପନ ଟାଇକୋଣ୍ଡୋ ଚାମ୍ପିଅନସିପ 2026 ରେ ଯୋଗଦେବାକୁ ଯାଉଛନ୍ତି ରାଜ୍ୟରୁ ଚାରି ଜଣ ପ୍ରତିଯୋଗୀ। ଏହି ପ୍ରତିଯୋଗୀ ମାନେ ହେଲେ ଆରାଭୀ



ମିଶ୍ର, ଅନନ୍ୟା ଅଂଶୁ ମହାପାତ୍ର, ସୁଦୀପ୍ତା ବାରିକ ଏବଂ ମିନାକ୍ଷୀ ନାୟକ। କୋଚ ଏହେସାସ ହୋତାଙ୍କ ଏକାଡେମୀର ଏହି ସମସ୍ତ ପ୍ରତିଯୋଗୀ ହୋଇଥିବା ବେଳେ ତାଙ୍କ ଅଧୀନରେ କରୁଛନ୍ତି ପ୍ରଶିକ୍ଷଣ। ଚାରି କ୍ରୀଡ଼ାବିତଙ୍କ ମଧ୍ୟରୁ ଅଂଶୁ ଅନନ୍ୟା ମହାପାତ୍ରଙ୍କୁ ଫାଲକନ ଓଡିଶା ପକ୍ଷରୁ ଏହି ଟୁର୍ନାମେଣ୍ଟ ଖେଳିବାକୁ ସ୍ପନସର କରାଯାଇଛି। ମାନ୍ୟତା ଦୃଷ୍ଟିରୁ ଏହା ବେଶ ଗୁରୁତ୍ୱପୂର୍ଣ୍ଣ ଥିବାରୁ ପୋଡିୟମ ଫିନିସ ଲକ୍ଷ୍ୟରେ ସମସ୍ତ କ୍ରୀଡ଼ାବିତ। ଓଡିଶା ଟାଏକୋଣ୍ଡୋ ଆସୋସିଏସନ ପକ୍ଷରୁ କ୍ରୀଡ଼ାବିତମାନଙ୍କୁ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରାଯାଇଛି. ଏକାଧିକ କ୍ରୀଡ଼ାବିତ ଏଥିରେ ମେଡାଲ ଜିତିବେ ବୋଲି ଆଶା ରଖିଛନ୍ତି କୋଚ ଏହେସାସ ହୋତା।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id-com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି